# ଧରିତ୍ରୀ
DHARITRI

୪୯

ସମ୍ବଲପୁର, ବୁଧବାର, ଡିସେମ୍ବର ୭/୨୦୨୨ (୧୬ ପୃଷ୍ଠା) | Sambalpur, Wednesday, December 7/2022 | Page 16 | ₹ 7.00 | ★★

୧୮ଶ ଭାଗ ୩୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 349 | ମୂଲ୍ୟ ₹୭/-




## ମନୀଷା ପ୍ଲେୟର ଅଫ୍ ଦି ଇୟର

ଭାରତର ମହିଳା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ମନୀଷା ରାମଦାସ ବିଡବ୍ଲ୍ୟୁଏଫ୍ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଲାଭ କରିଛନ୍ତି। ୧୬

୧୫

## ଫିଫା ଟ୍ରଫି ଉନ୍ମୋଚନ କରିବେ ଦୀପିକା

ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଦୀପିକା ପାଦୁକୋନ ଫିଫା ବିଶ୍ୱକପ୍‌ରେ ଟ୍ରଫି ଉନ୍ମୋଚନ ପାଇଁ ମନୋନୀତ ହୋଇଛନ୍ତି।





ମାସକୁ ୧୮ ହଜାର ଟଙ୍କା ଏବଂ ଅବସରକାଳୀନ ଭତ୍ତା ସମେତ ଅନ୍ୟାନ୍ୟ ଦାବିରେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ବିକ୍ଷୋଭ। (ଫଟୋ: ମୌସମ)

## କୋମ୍ବିଂ ବେଳେ ୨ ମହିଳା ମାଓବାଦୀ ମୃତ

**ଫୁଲବାଣୀ ଅଫିସ/କଟକ ଅଫିସ,୬।୧୨**

କନ୍ଧମାଳ ଜିଲା ପୋଲିସ ପକ୍ଷରୁ ମଙ୍ଗଳବାର କରାଯାଇଥିବା ମାଓବାଦୀ ଦମନ ଅଭିଯାନରେ ୨ ମହିଳା ମାଓବାଦୀଙ୍କ ମୃତ୍ୟୁ ହୋଇଛି। ପୋଲିସ ସର୍ଚ୍ଚ ଅପରେଶନ ବେଳେ ୟୁନିଫର୍ମରେ ଥିବା ୨ ସଶସ୍ତ୍ର ମହିଳା ମାଓବାଦୀଙ୍କ ମୃତଦେହ ଜବତ ହୋଇଛି। ସେଠାରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ସମେତ ଗୋଟିଏ ଇନ୍‌ସାସ ରାଇଫଲ, ୪ଟି ବନ୍ଧୁକ ଏବଂ ୧୧ ରାଉଣ୍ଡ ଗୁଳି ଜବତ ହୋଇଛି। ମୃତ ମାଓବାଦୀ କେକେବିଏନ୍ ସଂଗଠନର ବୋଲି ସନ୍ଦେହ କରାଯାଉଛି। ଉଭୟ ମାଓବାଦୀଙ୍କୁ ଚିହ୍ନଟ କାର୍ଯ୍ୟ ଚାଲୁରହିଛି। କନ୍ଧମାଳ ଜିଲା ଗୋଚ୍ଛପଦା ଥାନା ଓ ବୌଦ୍ଧ ଜିଲା କଣ୍ଟାମାଳ ଥାନା ସୀମା ମଧ୍ୟରେ ଥିବା ମଟକୁପା ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ଓ ଏସ୍‌ଓଜି ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ସମ୍ପୃକ୍ତ ଅଞ୍ଚଳରେ ପୋଲିସ ପକ୍ଷରୁ କୋମ୍ବିଂ ଅପରେଶନ ଜାରି ରହିଛି। ଡିଜିପି ସୁନୀଲ କୁମାର ବଂଶଲ ମାଓବାଦୀଙ୍କୁ ନିବେଦନ କରି କହିଛନ୍ତି ଯେ, ହିଂସାତ୍ମକ ପଥ ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ। ସମାଜ ☞ପୃଷ୍ଠା-୪












# ସହର ସଫେଇରେ ଦୁର୍ନୀତି

**ସିଏଜି ରିପୋର୍ଟ**

- **ଏଫ୍‌ଏଫ୍‌ସି ସର୍ତ୍ତ ନ ମାନିବାରୁ ଫେରିଗଲା ୩୩୩.୫୮ କୋଟି ଟଙ୍କା**
- **ବିଏମ୍‌ସିରେ ସଫେଇ କେଳେଙ୍କାରୀ: ଗୋଟିଏ ରାସ୍ତାକୁ ୨ ପ୍ରକାର ଝାଡ଼ୁକରି ୧୦.୩୨ କୋଟି ଟଙ୍କା ବରବାଦ**

**ଭୁବନେଶ୍ୱର,୬।୧୨(ବ୍ୟୁରୋ)**

ସହରାଞ୍ଚଳ ବର୍ଜ୍ୟବସ୍ତୁ ଚିନ୍ତା ବଢ଼ାଇଛି। ସହରରୁ ଦୈନିକ ବାହାରୁ ଥିବା କୁଢ଼ କୁଢ଼ ଆବର୍ଜନା ଦୀର୍ଘ ଦିନ ଧରି ପାହାଡ଼ ଭଳି ଗଦା ହେଉଛି। ଏଭଳିସ୍ଥଳେ ବର୍ଜ୍ୟବସ୍ତୁ ପରିଚାଳନାରେ ହେଉଥିବା ଅନିୟମିତତା ଏବଂ ପୌରସଂସ୍ଥାର ଅପାରଗତାର ପର୍ଦ୍ଦାଫାଶ କରିଛନ୍ତି କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି)। ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ନ ହେବା, ବାର୍ଷିକ ଆର୍ଥିକ ବିବରଣୀ ପ୍ରସ୍ତୁତ ନ ହେବା ଏବଂ ପଞ୍ଚଦଶ ଅର୍ଥ କମିଶନ (ଏଫ୍‌ଏଫ୍‌ସି) ସର୍ତ୍ତକୁ ପାଳନ କରା ନ ଯିବା ଯୋଗୁ ରାଜ୍ୟକୁ ୩୩୩.୫୮ କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ହରାଇବାକୁ ପଡିଛି। କେବଳ ବର୍ଜ୍ୟବସ୍ତୁ ପରିଚାଳନା ଓ ପ୍ରକ୍ରିୟାକରଣରେ ଅସଫଳତା ନୁହେଁ; ପରିବହନ, ସଫେଇ, ଡଷ୍ଟବିନ୍ କିଣା ଆଦି ଦୁର୍ନୀତିରେ ଅନେକ ପୌରସଂସ୍ଥା ଉବୁଟୁବୁ ହେଉଥିବା ସିଏଜିଙ୍କ ରିପୋର୍ଟରୁ ସ୍ପଷ୍ଟ ହେଉଛି। ଏପରି କି ପୌରସଂସ୍ଥା, ସ୍ମାର୍ଟସିଟି କର୍ତ୍ତୃପକ୍ଷଙ୍କ ସ୍ୱଚ୍ଛତାକୁ ନେଇ ସିଏଜି ପ୍ରଶ୍ନ ଉଠାଇଛନ୍ତି।

ସଦ୍ୟ ସମାପ୍ତ ବିଧାନସଭାର ଶୀତ ଅଧିବେଶନରେ ଉପସ୍ଥାପିତ ହୋଇଥିବା ସିଏଜି ରିପୋର୍ଟ-୨୦୨୧ରେ ଉଲ୍ଲେଖ ହୋଇଛି ଯେ, ରାଜ୍ୟରେ ଥିବା ୧୧୪ ପୌରସଂସ୍ଥାରୁ ଦୈନିକ ୨୨୦୮.୬୦ ଟନ୍ (ଟିପିଡି) ବାହାରୁଛି। ସେଥିରୁ ବାର୍ଷିକ ୪୫,୩୩୯.୪୦ ଟନ୍ ପ୍ଲାଷ୍ଟିକ୍, ମାସିକ ୧.୬୬ ଟିପିଡି ନିର୍ମାଣ ଭଗ୍ନାଂବଶେଷ, ୩୧୬.୭୭ ଟନ୍ ଇ-ବର୍ଜ୍ୟବସ୍ତୁ ଏବଂ ବିଏମ୍‌ଡବ୍ଲ୍ୟୁ ୧୭୯.୯୩ ଟିପିଡି ବାହାରୁଛି। ସିଏଜି ୫ଟି ମହାନଗର ନିଗମ, ୧୦ଟି ମ୍ୟୁନିସିପାଲିଟି ଏବଂ ୬ଟି ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଯାଞ୍ଚ କରିଥିଲେ। ଏଥିସହିତ ଭୁବନେଶ୍ୱର ଓ ରାଉରକେଲା ସ୍ମାର୍ଟସିଟିର ବର୍ଜ୍ୟବସ୍ତୁ ପରିଚାଳନାକୁ ମଧ୍ୟ ସିଏଜି ତାଙ୍କ ଯାଞ୍ଚ ପରିସରକୁ ନେଇ ସଫେଇ କାର୍ଯ୍ୟରେ ହୋଇଥିବା ଦୁର୍ନୀତିକୁ ଲୋକଲୋଚନକୁ ଆଣିଛନ୍ତି। ତେବେ କୌଣସି ପୌର ସଂସ୍ଥା ବର୍ଜ୍ୟବସ୍ତୁ ପରିଚାଳନା ଓ ପର୍ଯ୍ୟବେକ୍ଷଣକୁ ସେତେଟା ଗୁରୁତ୍ୱ ଦେଉ ନ ଥିବା କଥା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ୨୦୨୩ ଜାନୁୟାରୀରେ ଓଡ଼ିଶାରେ ପୁରୁଷ ହକି ବିଶ୍ୱ କପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ଭୁବନେଶ୍ୱର ଏବଂ ରାଉରକେଲାକୁ ପ୍ରଦୂଷଣ ଓ ବର୍ଜ୍ୟବସ୍ତୁ ମୁକ୍ତ କରିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ମାତ୍ର ସିଏଜିଙ୍କ ରିପୋର୍ଟକୁ ଦେଖିଲେ ଉଭୟ ସହରର ବର୍ଜ୍ୟବସ୍ତୁ ପରିଚାଳନା କେବଳ ନାଁକୁ ମାତ୍ର। ମୁଖ୍ୟ ରାସ୍ତାକୁ ଛାଡ଼ିଦେଲେ ସହରର ବିଭିନ୍ନ ଗଳିକନ୍ଦିରେ କୁଢ଼ କୁଢ଼ ଅଳିଆ ପରିବେଶକୁ ବିପର୍ଯ୍ୟସ୍ତ କରିଛି।

କେବଳ ସେତିକି ନୁହେଁ, ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରେ ମେଶିନ ଦ୍ୱାରା ହେଉଥିବା ସଫେଇ କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ସିଏଜି ପ୍ରଶ୍ନ ଉଠାଇଛନ୍ତି। ମେକାନିକାଲ୍ ସୁଇପିଂ ଚୁକ୍ତିନାମା ସର୍ତ୍ତ (ପାରାଗ୍ରାଫ ୭.୬)ର ଖୋଲାଖୋଲି ଉଲ୍ଲଂଘନ ହୋଇଛି। ଏହି ସର୍ତ୍ତ ଅନୁଯାୟୀ, ମେଶିନ ଦ୍ୱାରା ସଫେଇ ଦାୟିତ୍ୱ ନେଇଥିବା ଏଜେନ୍ସି ସମୁଦାୟ ରାସ୍ତାର ସର୍ବନିମ୍ନ ୮୦ ପ୍ରତିଶତ ମେଶିନ ସାହାଯ୍ୟରେ ସଫେଇ କରିବ। ଯଦି ଏଥିରୁ କମ୍ ହୁଏ, ତେବେ ସମ୍ପୃକ୍ତ ସଂସ୍ଥାକୁ ଦିଆଯାଉଥିବା ଅର୍ଥରୁ ୫୦ ପ୍ରତିଶତ ଦଣ୍ଡ ଆକାରରେ କାଟିବା ବ୍ୟବସ୍ଥା ରହିଛି। ମାତ୍ର ଏହି ସର୍ତ୍ତକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ଚୁକ୍ତିନାମାର ଅଗ୍ରିମ ପ୍ରଦାନରେ କୌଣସି ବ୍ୟବସ୍ଥା ନ ଥିବା ବେଳେ ବିଏମ୍‌ସି କର୍ତ୍ତୃପକ୍ଷ ୨୦୧୮ ଅକ୍ଟୋବରରୁ ୨୦୨୦ ଅକ୍ଟୋବର ମଧ୍ୟରେ ଯାନ୍ତ୍ରିକ ସଫେଇ ଦାୟିତ୍ୱ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଡିଜିଟାଲ ବ୍ୟବଧାନ

## ଆଜିଠୁ ଶୀତ ଅଧିବେଶନ



**ଜୋର ଧରିବ ଦରଦାମ ବୃଦ୍ଧି, ଚାଇନା-ଭାରତ ସୀମା ବିବାଦ ପ୍ରସଙ୍ଗ**

**ନୂଆଦିଲ୍ଲୀ,୬।୧୨**

ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ଅଧିବେଶନରେ ୧୬ଟି ବିଲ୍ ପାରିତ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ତେବେ ଅଧିବେଶନ ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ପାର୍ଲାମେଣ୍ଟର ଲାଇବ୍ରେରୀ ହଲ୍‌ଠାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ଟିଏମ୍‌ସି ଏମ୍‌ପି ଡେରିକ୍ ଓ' ବ୍ରାଏନ, ଡିଏମ୍‌କେ ଏମ୍‌ପି ଟି.ଆର ବାଲୁ ଏବଂ ଶିରୋମଣି ଅକାଳୀ ଦଳ(ଏସ୍‌ଏଡି)ର ହର୍ଷମିତ କୌର ବାଦଲ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ବିରୋଧୀ ଦଳଗୁଡ଼ିକ ଦରଦାମ ବୃଦ୍ଧି, ବେରୋଜଗାର, ଭାରତ-ଚାଇନା ସୀମା ବିବାଦ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଦାବି କରିଥିଲେ। ବର୍ତ୍ତମାନ ସ୍ଥିତିରେ ଦେଶରେ ଦରଦାମ ବୃଦ୍ଧିଠୁ ଆରମ୍ଭ କରି ☞ପୃଷ୍ଠା-୪

## ମହିଳା ସଂରକ୍ଷଣ ବିଲ୍ ଗୃହୀତ କରାଯାଉ: ବିଜେଡି

**ନୂଆଦିଲ୍ଲୀ,୬।୧୨(ପି.ଟି.)**

ପାର୍ଲାମେଣ୍ଟର ଶୀତ ଅଧିବେଶନ ବୁଧବାରଠାରୁ ଆରମ୍ଭ ହେଉଥିବାବେଳେ ମହିଳା ସ୍ଥାନ ସଂରକ୍ଷଣ ବିଲ୍‌କୁ ଗୃହୀତ କରାଇବା ଲାଗି ବିଜେଡି ଦାବି କରିଛି। ମଙ୍ଗଳବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ର ଏହି ପ୍ରସଙ୍ଗ ଉଠାଇଥିଲେ। ଦେଶର ସାମଗ୍ରିକ ବିକାଶ ଲାଗି ମହିଳା ସଶକ୍ତୀକରଣ ଜରୁରୀ। ସେଥିପାଇଁ ମହିଳା ସଂରକ୍ଷଣ ବିଲ୍ ଶୀତ ଅଧିବେଶନରେ ଗୃହୀତ କରାଇବାକୁ ବିଜେଡି ତରଫରୁ ସେ ଦାବି କରୁଛନ୍ତି ବୋଲି କହିଥିଲେ। ବିଜେଡି ନେତା ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କ ସଶକ୍ତୀକରଣ ଲାଗି ପ୍ରତିଶ୍ରୁତିବଦ୍ଧ। ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ଏକତୃତୀୟାଂଶ ଆସନ ସଂରକ୍ଷଣ ରଖିବା ଲାଗି ବିଲ୍‌ରେ ବ୍ୟବସ୍ଥା ରହିଛି। ତେବେ ପଞ୍ଚଦଶ ଲୋକ ସଭାରେ ଏହି ବିଲ୍ ଗୃହୀତ ହୋଇପାରି ନ ଥିଲା।

## 'ଖାଲି ପେଟରେ କେହି ନିଦ୍ରା ନ ଯାଆନ୍ତୁ'

**ଶେଷ ବ୍ୟକ୍ତି ପାଖରେ ଖାଦ୍ୟଶସ୍ୟ ପହଞ୍ଚାଇବା ସରକାରଙ୍କ ଦାୟିତ୍ୱ: ସୁପ୍ରିମକୋର୍ଟ**

**ନୂଆଦିଲ୍ଲୀ,୬।୧୨(ପି.ଟି.)**

କେହି ଯେପରି ଖାଲି ପେଟରେ ନିଦ୍ରା ନ ଯାଆନ୍ତି, ତାହା ସୁନିଶ୍ଚିତ କରିବା ଆମ ସଂସ୍କୃତି ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ)ରେ ଖାଦ୍ୟଶସ୍ୟ ଯେପରି ଶେଷ ବ୍ୟକ୍ତି ପାଖରେ ପହଞ୍ଚିବ ତାହା ଦେଖିବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇ-ଶ୍ରମ ପୋର୍ଟାଲରେ ନାମ ପଞ୍ଜୀକରଣ କରିଥିବା ପ୍ରବାସୀ ଏବଂ ଅଣସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ସଂଖ୍ୟା ତାଲିକା ଦାଖଲ କରିବା ଲାଗି ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ହିମା କୋହଲିଙ୍କ ଖଣ୍ଡପୀଠ କେନ୍ଦ୍ରକୁ କହିଛନ୍ତି। ଏନ୍‌ଏଫ୍‌ଏସ୍‌ଆଇରେ ଶେଷ ବ୍ୟକ୍ତି ପାଖରେ ଖାଦ୍ୟଶସ୍ୟ ପହଞ୍ଚୁଛି ବୋଲି ସୁନିଶ୍ଚିତ କରାଇବା କେନ୍ଦ୍ର ସରକାରଙ୍କ ଦାୟିତ୍ୱ। ☞ପୃଷ୍ଠା-୪

# ଲୁଡୁ ନିଶାରେ ରେଣୁ ସର୍ବସ୍ୱାନ୍ତ

**ଲକ୍ଷ୍ନୌ,୬।୧୨**

ଜୁଆ ଖେଳିଲେ ସର୍ବସ୍ୱାନ୍ତ ହେବା ଥୟ ବୋଲି ମହାଭାରତ ଆମକୁ ଶିଖାଇଛି। ଏଭଳି ଅନେକ ଦୃଷ୍ଟାନ୍ତ ଥାଇ ମଧ୍ୟ ସଚେତନ ନ ହେବାର ମାନେ ହେଉଛି, ବିପତ୍ତିକୁ ଡାକିବା। ଉତ୍ତରପ୍ରଦେଶର ରେଣୁଙ୍କ ପାଖକୁ ଜୟପୁରରେ ଥିବା ତାଙ୍କ ସ୍ୱାମୀ ଟଙ୍କା ପଠାଉଥିଲେ। ସେହି ଅର୍ଥକୁ ସେ ଲୁଡୁ ଖେଳରେ ହରାଇ ଦେବାପରେ ଶେଷରେ ଭଡ଼ା ଘର ମାଲିକଙ୍କ ନିକଟରେ ନିଜକୁ ବାଜି ଲଗାଇଲେ। ଅନ୍ତିମ ଖେଳରେ ପରାଜୟ ରେଣୁଙ୍କୁ ବାଧ୍ୟକଲା ଘର ମାଲିକଙ୍କ ସହ ରହିବାକୁ। ଏହି ଘଟଣାକୁ ନେଇ ସମ୍ପ୍ରତି ୟୁପିରେ ଅନେକ ଚର୍ଚ୍ଚା।

ଉତ୍ତରପ୍ରଦେଶର ଦେଓରିଆ ଜିଲା ଦେବକାଲି ଅଞ୍ଚଳରୁ ଚକିତ କରିଦେବା ଭଳି ଘଟଣା ସାମ୍ନାକୁ ଆସିଛି। ଜୁଆଖେଳରେ ଆସକ୍ତ ରେଣୁଙ୍କ ସ୍ୱାମୀ ରାଜସ୍ଥାନର ଜୟପୁରରେ କାମ କରନ୍ତି। ସ୍ୱାମୀ ଦୁଇ ପିଲାଙ୍କ ଲାଳନପାଳନ ଏବଂ ଘର ଚଳାଇବା ପାଇଁ ତାଙ୍କ ନିକଟକୁ ନିୟମିତ ଭାବେ ଟଙ୍କା ପଠାନ୍ତି। କିନ୍ତୁ ଏପଟେ ରେଣୁ ସେହି ଅର୍ଥରାଶିକୁ ଘର ମାଲିକଙ୍କ ସହ ଲୁଡୁ ଖେଳରେ ହରାଇ ଚାଲିଥାନ୍ତି। ଦିନେ ଏମିତି ଖେଳ ଚାଲୁ ଚାଲୁ ଲୋଭୀ ମହିଳା ସବୁ ସମ୍ବଳ ହରାଇ ବସିଲେ। ଅବସ୍ଥା ଏମିତି ହେଲା ଯେ, ତାଙ୍କ ପାଖରେ ଆଉ ଟଙ୍କାଏ ବି ରହିଲାନି। ସେତିକିରେ ସେ ମନକୁ ବୁଝାଇ ଘରକୁ ଫେରିଯାଇଥିଲେ କିଛି ଅସ୍ୱାଭାବିକ ପରିସ୍ଥିତି ଘଟି ନ ଥାନ୍ତା। ହେଲେ କିନ୍ତୁ ହରାଇଥିବା ଟଙ୍କା ଫେରିପାଇବା ଆଶାରେ ରେଣୁ ଘର ମାଲିକଙ୍କଠାରେ ଶେଷ ସର୍ତ୍ତ ଲଗାଇଥିଲେ। ମୁଁ ଜିତିଲେ ସବୁ ଟଙ୍କା ଫେରାଇ ନେବି। ତୁମେ ଜିତିଲେ ସବୁଦିନ ପାଇଁ ମୁଁ ତୁମର। ବାଜି ହାରିବା ପରେ ରେଣୁଙ୍କୁ ପର ପୁରୁଷ ସହ ରହିବାକୁ ପଡ଼ିଥିଲା। ଅନୁତପ୍ତ ରେଣୁ ଦିନେ ନିଜ ସ୍ୱାମୀଙ୍କୁ ଫୋନ୍ କରି ପୂରା ଘଟଣା ବଖାଣିଥିଲେ। ଏ ସବୁ ଶୁଣିବା ପରେ ସ୍ୱାମୀ ଗାଁକୁ ଫେରି ପ୍ରତାପଗଡ଼ ଥାନାରେ ଘର ମାଲିକଙ୍କ ବିରୋଧରେ ଏତଲା ଦେଇଛନ୍ତି। ଏହି ଘଟଣା ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ତେବେ ଲୁଡୁକୁ ନେଇ ୟୁପିର ଏ ଘଟଣା ପ୍ରଥମ ନୁହେଁ। ୨୦୨୦ରେ ଭୋପାଳର ୨୪ ବର୍ଷୀୟା ମହିଳା ଫ୍ୟାମିଲି କୋର୍ଟରେ ତାଙ୍କ ବାପାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ତାଙ୍କ ବାପା ଲୁଡୁ ଖେଳରେ ବାରମ୍ବାର ଝିଅଙ୍କୁ ହରାଇବା କାରଣରୁ ସେ ରାଗିଯାଇ କୋର୍ଟର ଦ୍ୱାରସ୍ଥ ହୋଇଥିଲେ।



# 'ମୁହଁ ଖୋଲିଲେ ରାଜ୍ୟ ଦୋହଲିଯିବ'

**୭ ଦିନିଆ ରିମାଣ୍ଡରେ ଅର୍ଚ୍ଚନା ନାଗ**

- **'ପଣସ ଖାଇ ମୋ ମୁଣ୍ଡରେ ଅଠା ବୋଳିଲେ'**
- **ଆଲିଶାନ୍ ଘରର ଆର୍କିଟେକ୍ଟଙ୍କୁ ଇଡିର ଜେରା**
- **ଆଜି କୋର୍ଟରେ ହାଜର ହେବେ ଜଗବନ୍ଧୁ**

**ଭୁବନେଶ୍ୱର, ୬।୧୨ (ବ୍ୟୁରୋ)**

ବହୁଚର୍ଚ୍ଚିତ ହନିଟ୍ରାପ୍ ଓ ବ୍ଲାକ୍‌ମେଲ୍ ମାମଲାରେ ଅଭିଯୁକ୍ତ ଅର୍ଚ୍ଚନା ନାଗଙ୍କୁ ମଙ୍ଗଳବାରଠାରୁ ୭ ଦିନିଆ ରିମାଣ୍ଡରେ ନେଇଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ମଧ୍ୟାହ୍ନରେ କ୍ୟାପିଟାଲ ହସ୍ପିଟାଲକୁ ତାଙ୍କୁ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ନିଆଯାଇଥିଲା। ଏହି ସମୟରେ ଖବରଦାତାଙ୍କ ପ୍ରଶ୍ନରେ ଅର୍ଚ୍ଚନା ଅନେକ ଚାଞ୍ଚଲ୍ୟକର କଥା କହିଛନ୍ତି। ଅର୍ଚ୍ଚନା କହିଥିଲେ, ବିନା କୌଣସି ତଥ୍ୟ ପ୍ରମାଣରେ କାହିଁକି ମତେ କଳଙ୍କିତ କରୁଛନ୍ତି। ମୁଁ ଯେତେବେଳେ ମୁହଁ ଖୋଲିବି ସାରା ରାଜ୍ୟ ଦୋହଲିଯିବ। କହିବା ପାଇଁ ସଫିସିଏଣ୍ଟ ସମୟ ଦରକାର। ଏକ୍ସକ୍ଲୁଜିଭ୍‌ଲି ମୁଁ ଦେଖାଇବି, ମତେ ଟିକେ ସମୟ ଦରକାର। ମତେ ଫସାଇ ଦେଇଛନ୍ତି, ତଥ୍ୟ ପ୍ରମାଣ ସହ ସବୁ ଦେବି। ଆଜି ନ ହେଲେ କାଲି ଦେବି। ସବୁ ଗୁମର ଖୋଲିବ, ମୁଁ କାହାକୁ ଛାଡ଼ିବିନି। ଲକ୍ଷ୍ମୀସାଗର ଥାନାରେ ଅକ୍ଷୟ ପରିଜାଙ୍କ ନାଁରେ ଏତଲା ପରଠାରୁ ଶ୍ରଦ୍ଧାଞ୍ଜଳିଙ୍କ ସିଡିଆର୍ ଯାଞ୍ଚ କରାଯାଉ।



କାହା କାହା ସହ ସେ କଥା ହୋଇଛନ୍ତି, ସବୁ ଯାଞ୍ଚ କରାଯାଉ। ଯଦି ସତ୍‌ସାହସ ଅଛି, ଶ୍ରଦ୍ଧାଞ୍ଜଳି ସାମ୍ନାକୁ ଆସୁ, ପ୍ରମାଣ ଦେଉ। ମୋ ଆଖି, ମୁହଁ, ପାଟି ବନ୍ଦ କରି ମତେ ଆରେଷ୍ଟ କଲେ। ପ୍ରେସ୍‌ମିଟ୍ କରିଥାନ୍ତି, ମୁଁ କ'ଣ ଆତଙ୍କବାଦୀ ବୋଲି ପରୋକ୍ଷରେ ସେ ପୋଲିସକୁ ପ୍ରଶ୍ନ କରିଥିଲେ। ସେ ଆହୁରି କହିଥିଲେ, କିଛି ନ ଜାଣି ମତେ ବଦନାମ କଲେ, ମୋ ଛୁଆର ଲୁହ ପଡ଼ିବ। ମୁଁ ସମୟକୁ ଅପେକ୍ଷା କରିଛି, ଇଡି ତଦନ୍ତ କରୁ। ଯେତେବଡ଼ ତଦନ୍ତକାରୀ ସଂସ୍ଥା ଆସନ୍ତୁ, ମୁଁ ପ୍ରସ୍ତୁତ। ମୁଁ ନିର୍ଦ୍ଦୋଷ ବୋଲି ସବୁ ପ୍ରମାଣ ଦେଖାଇବି। ମୁଁ ଇଡିକୁ ଅପେକ୍ଷା କରିଥିଲି, ମୁହଁ ଖୋଲିବାକୁ ସୁଯୋଗ ମିଳିବ। କିଏ କିଏ ସବୁ ସମ୍ପୃକ୍ତ ଅଛନ୍ତି ସବୁ ପ୍ରମାଣ ଦେଖାଇବି। ନେତା ମନ୍ତ୍ରୀ ଆଉ କିଏ ସବୁ ପ୍ରମାଣ ଦେଖାଇବି। ମୋ ପ୍ରତି ଥିବା ଭ୍ରାନ୍ତ ଧାରଣାକୁ ଭୁଲ୍ ପ୍ରମାଣିତ କରିବି। ପଣସ ଖାଇ ମୋ ମୁଣ୍ଡରେ ଅଠା ବୋଳିଲେ। ୨ଜଣ ମିଶି ମୋ ମୁଣ୍ଡରେ ଅଠା ବୋଳିଛନ୍ତି ବୋଲି କହି ଅର୍ଚ୍ଚନା ଏଭଳି କିଛି ବିସ୍ଫୋରକ ମନ୍ତବ୍ୟ ଦେଇଥିଲେ। ଅର୍ଚ୍ଚନାଙ୍କ ଏଭଳି ମନ୍ତବ୍ୟକୁ ନେଇ ଚାରିଆଡ଼େ ଚର୍ଚ୍ଚା ଆରମ୍ଭ ହୋଇଛି। ସତରେ କ'ଣ ଅର୍ଚ୍ଚନାଙ୍କୁ ଫସାଇ ଦିଆଯାଇଛି ନା ସେ ଏଭଳି ମନ୍ତବ୍ୟ ଦେଇ ମାମଲାର ଭିନ୍ନ ମୋଡ଼ ସୃଷ୍ଟି ଲାଗି ଉଦ୍ୟମ କରୁଛନ୍ତି? ଅର୍ଚ୍ଚନାଙ୍କ ପାଖରେ କି ପ୍ରମାଣ ରହିଛି? ଏଭଳି ବିଭିନ୍ନ ☞ପୃଷ୍ଠା-୪

## ବାର୍‌ରେ ଗୁଳି: ୫ ମୃତ

ମେକ୍ସିକୋର ଆକାପୁଲକୋରେ ଥିବା ପାସିଫିକ୍ କୋଷ୍ଟ ରିସୋର୍ଟ ବାର୍‌ରେ ଗୁଳିକାଣ୍ଡ ଘଟି ୫ ଜଣଙ୍କ ମୃତ୍ୟୁ ହୋଇଛି। ଜଣେ ଆକ୍ରମଣକାରୀଙ୍କୁ ଅଟକ ରଖାଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ ସୋମବାର ଆକାପୁଲକୋସ୍ଥିତ ଆଉ ଏକ ସ୍ଥାନରେ ଗୁଳିକାଣ୍ଡ ଘଟି ୩ ଜଣଙ୍କ ମୃତ୍ୟୁ ହୋଇଥିଲା।

**ସଂକ୍ଷେପରେ**

### ବିସ୍ଫୋରଣରେ ୭ ମୃତ

**କାବୁଲ,୬।୧୨:** ଆଫଗାନିସ୍ତାନର ମଜାର-ଆଇ-ଶରିଫରେ ମଙ୍ଗଳବାର ବିସ୍ଫୋରଣରେ ୭ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ସ୍ଥାନୀୟ ପେଟ୍ରୋଲିୟମ୍ କମ୍ପାନୀ କର୍ମଚାରୀ ହୋଇଥିବା ଜଣାପଡ଼ିଛି। ମଜାର-ଆଇ-ଶରିଫଠାରେ ଥିବା ନୀଳ ମସ୍‌ଜିଦ୍ ନିକଟରେ ସକାଳ ପ୍ରାୟ ୭ଟାବେଳେ ଏହି ଅଘଟଣ ଘଟିଥିବା ସ୍ଥାନୀୟ ପୋଲିସ କହିଛି। ରାସ୍ତାକଡ଼ରେ ଏକ କାର୍ଟରେ ବୋମା ରଖାଯାଇଥିବା କୁହାଯାଉଛି। ଚଳିତ ମାସରେ ଆଇବାକ ମଦ୍ରାସାରେ ବିସ୍ଫୋରଣ ଫଳରେ ୧୯ ଜଣ ନିହତ ହୋଇଥିଲେ।

### ବରଣମାଳା ପିନ୍ଧାଇଲା ବେଳେ କନ୍ୟାଙ୍କ ମୃତ୍ୟୁ

**ଲକ୍ଷ୍ନୌ,୬।୧୨:** ଉତ୍ତର ପ୍ରଦେଶ ଲକ୍ଷ୍ନୌରେ ଶିବାଙ୍ଗୀ ନାମ୍ନୀ ଜଣେ ଯୁବତୀଙ୍କର ବିବାହ ମଣ୍ଡପରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ବାହାଘର ଦିନ ବିବାହ ମଣ୍ଡପରେ ବର, କନ୍ୟା ପରସ୍ପରକୁ ବରଣମାଳା ପିନ୍ଧାଉଥିବାବେଳେ ଶିବାଙ୍ଗୀ ହଠାତ୍ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଘରଲୋକେ ତାଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନେଇଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ପରଲୋକ


ଯୋଗିନ୍ଦର କେ. ଅଲାଘ

**ଅହମ୍ମଦାବାଦ,୬।୧୨:** ଅର୍ଥନୀତିଜ୍ଞ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯୋଗିନ୍ଦର କେ. ଅଲାଘ ମଙ୍ଗଳବାର ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ୮୩ ବର୍ଷୀୟ ଯୋଗିନ୍ଦର ବାର୍ଦ୍ଧକ୍ୟ କାରଣରୁ ବହୁବିଧ ରୋଗରେ ପୀଡ଼ିତ ଥିଲେ। କିଛିଦିନ ପୂର୍ବେ ସର୍ଦ୍ଦାର ପଟେଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକୋନୋମିକ୍ ଆଣ୍ଡ୍ ସୋସିଆଲ ରିସର୍ଚ୍ଚ ପ୍ରଫେସର ଯୋଗିନ୍ଦରଙ୍କ ଦେହ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିବା ତାଙ୍କ ପୁଅ ମୁନିଶ ଅଲାଘ ସୂଚନା ଦେଇଛନ୍ତି। ୧୯୩୯ରେ ଚକୱାଲରେ ଯୋଗିନ୍ଦର ଜନ୍ମ ଗ୍ରହଣ କରିଥିଲେ। ଭାରତ ବିଭାଜନ ପରେ ଚାକୱାଲ ଏବେ ପାକିସ୍ତାନରେ ଆସୁଛି। ପେନସିଲଭାନିଆ ୟୁନିଭର୍ସିଟିରେ ସେ ଅର୍ଥନୀତିରେ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଥିଲେ। ଦିଲ୍ଲୀ ଜବାହରଲାଲ ନେହରୁ ୟୁନିଭର୍ସିଟି (ଜେଏନ୍‌ୟୁ)ରେ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଯୋଗିନ୍ଦର ୧୯୯୬-୯୮ ପର୍ଯ୍ୟନ୍ତ ଭାରତର ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ।

### ୱାଇଏସ୍‌ଆର୍‌ସି ନେତାଙ୍କୁ ଛୁରିଭୁସି ହତ୍ୟା

**ଶ୍ରୀକାକୁଲମ,୬।୧୨:** ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ନିକଟରେ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟିର ଜଣେ ନେତାଙ୍କୁ ମଙ୍ଗଳବାର ହତ୍ୟା କରାଯାଇଛି। ବରତମ ରାମଶେଶୁ(୫୨) ଗାରା ଏମ୍‌ପିପିର ଉପସଭାପତି ଏବଂ ଶ୍ରୀକାକୁଲମ ଗ୍ରାମର ପୂର୍ବତନ ସରପଞ୍ଚ। ବିଭିନ୍ନ ବ୍ୟବସାୟ ସହ ସେ ସମ୍ପୃକ୍ତ ଥିଲେ। ସେ ପ୍ରାତଃ ଭ୍ରମଣରେ ଯାଉଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ଛୁରିଭୁସି ହତ୍ୟା କରିଛନ୍ତି।

### ମହିଳାଙ୍କୁ ହତ୍ୟା ପରେ ଖଣ୍ଡ ଖଣ୍ଡ କଲେ ହତ୍ୟାକାରୀ

**ବିଶାଖାପାଟଣା,୬।୧୨:** ବିଶାଖାପାଟଣାର ମଧୁରୱାଡ଼ାରେ ଥିବା ବିକଳାଙ୍ଗୁଳା କଲୋନିର ଏକ ଘରୁ ପୋଲିସ ସୋମବାର ଜଣେ ଅଜଣା ମହିଳାଙ୍କ ଗଳିତ ମୃତଦେହ ଖଣ୍ଡ ଜବତ କରିଛି। ୩୫ ବର୍ଷୀୟ ମହିଳା ଜଣଙ୍କୁ ହତ୍ୟା କରାଯିବା ପରେ ମୃତଦେହକୁ ଖଣ୍ଡଖଣ୍ଡ କରି ଏକ ପ୍ଲାଷ୍ଟିକ୍ ଡ୍ରମ୍‌ରେ ରଖାଯାଇଥିଲା। ୧୮ ମାସ ପୂର୍ବରୁ ଏହି ହତ୍ୟାକାଣ୍ଡ ଘଟିଥିଲା ବେଳେ ରବିବାର ରାତିରେ ଘଟଣା ପଦାକୁ ଆସିଛି। ମହିଳା ଜଣକ ଯୌନ କର୍ମୀ ହୋଇଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ତେବେ ତାଙ୍କର ପରିଚୟ ଏବଂ ହତ୍ୟାକାଣ୍ଡର ଉଦ୍ଦେଶ୍ୟ ଜଣାପଡ଼ି ନାହିଁ। ହତ୍ୟାକାରୀଙ୍କୁ ଧରିବା ଲାଗି ପୋଲିସ ତନାଘନା ଚଳାଇଛି। ସ୍ଥାନୀୟ ୱେଲ୍ଡିଂ ଦୋକାନରେ କାମ କରୁଥିବା ଋଷି ନାମକ ଯୁବକକୁ ସନ୍ଦେହ କରି ପୋଲିସ ତାଙ୍କୁ ଧରିନେଇ ଜେରା କରୁଛି।

## ଭାରତ ମହାସାଗରରେ ଚାଇନା ଗୁପ୍ତଚର ଜାହାଜ



ଭାରତ ବଙ୍ଗୋପସାଗରରେ ଦୀର୍ଘ ଦୂରଗାମୀ ବାଲିଷ୍ଟିକ୍ ମିଶାଇଲ୍ ପରୀକ୍ଷା କରିବାକୁ ଥିବାବେଳେ ଏହା ପୂର୍ବରୁ ବିଭିନ୍ନ ଟ୍ରାକିଂ ଏବଂ ପର୍ଯ୍ୟବେକ୍ଷଣ ଉପକରଣ ସଂଯୋଗ ହୋଇଥିବା ଚାଇନାର ଗୁପ୍ତଚର ଜାହାଜ ୟୁଆନ୍ ୱାଙ୍ଗ୍-୫ ଭାରତ ମହାସାଗର ଅଞ୍ଚଳରେ ପ୍ରବେଶ କରିଛି। ଚାଇନାର ଏହି ମିଶାଇଲ୍ ଏବଂ ସାଟେଲାଇଟ୍ ଟ୍ରାକିଂ ଜାହାଜ ଉପରେ ଭାରତୀୟ ନୌସେନା ନଜର ରଖିଛି। ଗତ ଅଗଷ୍ଟରେ ଏହି ଜାହାଜ ହମ୍ବାଣ୍ଟୋଟା ବନ୍ଦରରେ ରହିଥିବାବେଳେ ଏହାକୁ ନେଇ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ କୂଟନୈତିକ ବିବାଦ ଦେଖାଦେଇଥିଲା। ଏବେ ଏହି ଜାହାଜ ଭାରତ ମହାସାଗର ଅଞ୍ଚଳରେ ପ୍ରବେଶ କରିଥିବା ଗୋଇନ୍ଦା ବିଶେଷଜ୍ଞ ଡାମିଏନ୍ ସିମୋନ୍ ଟୁଇଟ୍ କରିଛନ୍ତି। ଚାଇନା ଜାହାଜର ଅବସ୍ଥିତି ପରେ ଭାରତ ଦୂରଗାମୀ ମିଶାଇଲ ପରୀକ୍ଷା କରିବ କି ସ୍ଥଗିତ ରଖିବ, ତାହା ଜଣାପଡ଼ି ନାହିଁ।

## କ୍ଷମା ମାଗିଲେ ବିବେକ ଅଗ୍ନିହୋତ୍ରୀ

**ବିଚାରପତିଙ୍କ ବିରୋଧରେ ଟୁଇଟ୍**



ଏକ ଅଦାଲତ ଅବମାନନା ମାମଲାରେ ଫିଲ୍ମ ନିର୍ମାତା ବିବେକ ଅଗ୍ନିହୋତ୍ରୀ ଦିଲ୍ଲୀ ହାଇକୋର୍ଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ୨୦୧୮ରେ ଭୀମା କୋରେଗାଁଓ ହିଂସା ମାମଲାରେ ସାମାଜିକ କର୍ମୀ ଗୌତମ ନଭଲଖାଙ୍କୁ ଆଶ୍ୱସ୍ତି ପ୍ରଦାନକୁ ନେଇ ବିବେକ ସମ୍ପୃକ୍ତ ବିଚାରପତିଙ୍କୁ ସମାଲୋଚନା କରିଥିଲେ। ରାୟ ପ୍ରଦାନରେ ବିଚାରପତି ପାତରଅନ୍ତର କରିଥିବା ସେ ଅଭିଯୋଗ ଆଣିଥିଲେ। ବିବେକ ତାଙ୍କ ଓକିଲଙ୍କ ଜରିଆରେ ଲିଖିତ କ୍ଷମା ପ୍ରାର୍ଥନା ପଠାଇଥିଲେ ହେଁ ଅଦାଲତ ତାଙ୍କୁ ବ୍ୟକ୍ତିଗତ ଭାବେ ହାଜର ହୋଇ ଏଥିପାଇଁ ଅନୁତପ୍ତ ବୋଲି ଜଣାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି କ୍ଷମା ମାଗିବାରେ କିଛି ଅସୁବିଧା ଅଛି କି ବୋଲି ଜଷ୍ଟିସ୍ ସିଦ୍ଧାର୍ଥ ମୃଦୁଳ ଏବଂ ତଲୱନ୍ତ ସିଂଙ୍କ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ବର୍ତ୍ତମାନ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ଜଷ୍ଟିସ୍ ଏସ୍. ମୁରଲୀଧରଙ୍କ ବିରୋଧରେ ମନ୍ତବ୍ୟ ପାଇଁ ଦିଲ୍ଲୀ ହାଇକୋର୍ଟ ବିବେକ ଅଗ୍ନିହୋତ୍ରୀ, ଲେଖକ ଆନନ୍ଦ ରଙ୍ଗନାଥନ ଏବଂ ସ୍ୱରାଜ୍ୟ ନ୍ୟୁଜ୍ ପୋର୍ଟାଲ ବିରୋଧରେ ଅଦାଲତ ଅବମାନନା ମାମଲା ଦାଏର କରିଥିଲେ।

# ବଢ଼ୁଛି ମହାରାଷ୍ଟ୍ର-କର୍ଣ୍ଣାଟକ ସୀମା ବିବାଦ

**ବେଲଗାଭି/ବେଙ୍ଗାଲୁରୁ/ ନୂଆଦିଲ୍ଲୀ,୬।୧୨**



- ବେଲଗାଭିରେ ହିଂସା
- ମହାରାଷ୍ଟ୍ର ଟ୍ରକ୍‌କୁ ଟାର୍ଗେଟ
- ୨୪ ଘଣ୍ଟାରେ ସମାଧାନ କରିବାକୁ ବୋମାଇଙ୍କୁ କହିଲେ ପାୱାର

ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ମଧ୍ୟରେ ଆନ୍ତଃରାଜ୍ୟ ସୀମା ବିବାଦ ମଙ୍ଗଳବାର ଉଗ୍ର ରୂପ ନେଇଛି। କର୍ଣ୍ଣାଟକ ରକ୍ଷଣ ବେଦିକା ନାମକ ସଂଗଠନ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା ହିଂସାତ୍ମକ ରୂପ ନେବା ପରେ ଉତ୍ତ୍ୟକ୍ତ କନ୍ନଡ଼ କର୍ମୀମାନେ ମହାରାଷ୍ଟ୍ର ନମ୍ବର ପ୍ଲେଟ୍ ଥିବା ଟ୍ରକ୍‌ଗୁଡ଼ିକୁ ଟାର୍ଗେଟ କରିଥିଲେ। ଉକ୍ତ ଟ୍ରକ୍‌ଗୁଡ଼ିକୁ ଅଟକାଇ କାଳୀ ଫିଙ୍ଗିବା ସହ ଟେକାମାଡ଼ କରାଯାଇଛି। ହିଂସାକାଣ୍ଡରେ କେତେଜଣ ଆହତ ହୋଇଥିବାବେଳେ କେତେକ ଟ୍ରକ୍ ଝରକା ଭାଙ୍ଗିଯାଇଛି। ପୋଲିସ କର୍ଣ୍ଣାଟକ ରକ୍ଷଣ ବେଦିକାର ସଭାପତି ନାରାୟଣ ଗୌଡ଼ଙ୍କ ସମେତ ଶତାଧିକ କର୍ମୀଙ୍କୁ ଗିରଫ କରିଛି। ଉତ୍ତ୍ୟକ୍ତ କର୍ମୀମାନେ ମହାରାଷ୍ଟ୍ର ନେତାମାନଙ୍କ ବିରୋଧରେ ସ୍ଲୋଗାନ ଦେଉଥିବା ଦେଖାଯାଇଥିଲା।

ଦୁଇ ରାଜ୍ୟ ମଧ୍ୟରେ ସୀମା ବିବାଦର କେନ୍ଦ୍ରବିନ୍ଦୁ ହେଉଛି ବେଳଗାଭି। ୬୦ ଦଶକରେ ଭାଷାଭିତ୍ତିରେ ରାଜ୍ୟ ସୀମା ପୁନଃ ନିର୍ଦ୍ଧାରଣ ବେଳେ ମରାଠୀ ବହୁଳ ଉକ୍ତ ଅଞ୍ଚଳକୁ ଭୁଲ୍‌ରେ କର୍ଣ୍ଣାଟକକୁ ଦିଆଯାଇଥିବା ମହାରାଷ୍ଟ୍ର ଦାବି କରୁଛି। ସେହିପରି କର୍ଣ୍ଣାଟକ ମଧ୍ୟ ମହାରାଷ୍ଟ୍ରର କେତେକ ଗାଁକୁ ନିଜର ବୋଲି ନିକଟରେ ଦାବି ଉଠାଇଛି। ଏହାକୁ ନେଇ ଉଭୟ ଭାଜପା ଶାସିତ ରାଜ୍ୟ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ସ୍ଥିତି ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ସୋମବାର କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ମହାରାଷ୍ଟ୍ରର ୨ ମନ୍ତ୍ରୀଙ୍କ ବେଲଗାଭି ଗସ୍ତକୁ ବିରୋଧ କରିଥିଲେ। ସେମାନଙ୍କ ଗସ୍ତ ଆଇନଶୃଙ୍ଖଳା ସ୍ଥିତି ଉପୁଜାଇପାରେ ବୋଲି ବୋମାଇ କହିବା ପରେ ମହାରାଷ୍ଟ୍ର ମନ୍ତ୍ରୀ ଚନ୍ଦ୍ରକାନ୍ତ ପାଟିଲ ଏବଂ ଶମ୍ଭୁରାଜ ଦେଶାଇ ସେମାନଙ୍କ ଗସ୍ତ ବାତିଲ କରିଛନ୍ତି। ସୀମା ବିବାଦ ଏବେ ସୁପ୍ରିମକୋର୍ଟକୁ ଯାଇଥିବାବେଳେ ପାଟିଲ ଏବଂ ଦେଶାଇଙ୍କୁ ବିବାଦ ସମାଧାନ ଲାଗି ଦୁଇ ରାଜ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ମହାରାଷ୍ଟ୍ର ନିଯୁକ୍ତ କରିଥିଲା। ସପ୍ତାହେ ତଳେ ବେଲଗାଭିର ଏକ କଲେଜ ଉତ୍ସବ ବେଳେ ସୀମା ବିବାଦକୁ ନେଇ ହିଂସାକାଣ୍ଡ ଘଟିଥିଲା। ଜଣେ ଛାତ୍ର କନ୍ନଡ ପତାକା ହଲାଇବାରୁ ମରାଠୀ ଛାତ୍ରମାନେ ତାଙ୍କୁ ମାଡ଼ ମାରିଥିଲେ। ସୀମା ପ୍ରସଙ୍ଗକୁ ନେଇ ଆଇନଗତ ଲଢ଼େଇରେ କର୍ଣ୍ଣାଟକର ବିଜୟ ହେବ ବୋଲି ବୋମାଇ କହିବା ସହ ଉତ୍ତେଜନା ସୃଷ୍ଟି ଲାଗି ମହାରାଷ୍ଟ୍ରକୁ ଦାୟୀ କରିଛନ୍ତି।

ହିଂସାକାଣ୍ଡ ପରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବୋମାଇଙ୍କ ସହ କଥା ହୋଇଛନ୍ତି। ବେଳଗାଭି ନିକଟ ହିରେବାଗୱାଡ଼ିରେ ଉତ୍ତେଜନାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ମହାରାଷ୍ଟ୍ରରୁ ଆସୁଥିବା ଗାଡ଼ିଗୁଡ଼ିକୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ବୋମାଇ ପ୍ରତିଶ୍ରୁତି ଦେଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ମହାରାଷ୍ଟ୍ର ସରକାର କର୍ଣ୍ଣାଟକକୁ ବସ୍ ସେବା ବନ୍ଦ କରିଛନ୍ତି। ଅନ୍ୟପକ୍ଷରେ ମହାରାଷ୍ଟ୍ର ନମ୍ବର ଥିବା ଟ୍ରକ୍‌ଗୁଡ଼ିକ ଉପରେ ଆକ୍ରମଣ ବନ୍ଦ କରିବା ଲାଗି ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କୁ ୨୪ ଘଣ୍ଟା ସମୟ ଦେଇଛନ୍ତି। ଆକ୍ରମଣ ବନ୍ଦ ନ ହେଲେ ଆମେ ଧୈର୍ଯ୍ୟ ହରାଇବୁ ବୋଲି ସେ ଚେତାବନୀ ଦେଇଛନ୍ତି।


ଶରଦ ପାୱାର


ବାସବରାଜ ବୋମାଇ

**ଲଖିମ୍‌ପୁର ଖେରି ଚାଷୀ ହତ୍ୟା ମାମଲା**

## ଆଶିଷ ମିଶ୍ରାଙ୍କ ବିରୋଧରେ ଚାର୍ଜଫ୍ରେମ୍



**ଲଖିମ୍‌ପୁର ଖେରି,୬।୧୨**

ଉତ୍ତରପ୍ରଦେଶର ଲଖିମ୍‌ପୁର ଖେରିରେ ଗତବର୍ଷ ଆନ୍ଦୋଳନରତ ଚାଷୀଙ୍କ ଉପରେ ଏସ୍‌ୟୁଭି ମଡ଼ାଇ ୪ ଜଣଙ୍କ ଜୀବନ ନେଇଥିବା ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ବିରୋଧରେ ସ୍ଥାନୀୟ କୋର୍ଟ ମଙ୍ଗଳବାର ଚାର୍ଜଫ୍ରେମ୍ କରିଛନ୍ତି। ତାଙ୍କ ସମେତ ଅନ୍ୟ ୧୨ ଜଣ ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା, ଅପରାଧ ଷଡ଼ଯନ୍ତ୍ର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଦଫା ଲାଗିଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୬ରେ ହେବ। ଗତବର୍ଷ ଅକ୍ଟୋବର ୩୧ରେ କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନ ବିରୋଧରେ ଚାଷୀମାନେ ଲଖିମ୍‌ପୁର ଖେରିରେ ଆନ୍ଦୋଳନ ଚଳାଇଥିବାବେଳେ ଆଶିଷ ମିଶ୍ରାଙ୍କ ମହିନ୍ଦ୍ରା ଥର୍ ଏସ୍‌ୟୁଭି ୪ ଜଣ ଚାଷୀ ଓ ଜଣେ ଖବରଦାତାଙ୍କ ଉପରେ ମାଡ଼ିଯାଇଥିଲା। ଉକ୍ତ ଗାଡ଼ିରେ ଆଶିଷ ଥିଲେ। ଏହି ଘଟଣା ପରେ ଉତ୍ତ୍ୟକ୍ତ ଚାଷୀଙ୍କ ଆକ୍ରମଣରେ ୨ ଜଣ ଭାଜପା କର୍ମୀ ଓ ଗାଡ଼ି ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା।


ଗିନିଜ୍ ବୁକ୍ ଅଫ୍ ରେକର୍ଡ୍‌ସରେ ସ୍ଥାନ ପାଇଥିବା ୱାର୍ଧା ରୋଡର ଦୀର୍ଘତମ ଡବଲ-ଡେକର ଓଭରବ୍ରିଜ୍‌ରେ ନାଗପୁର ମେଟ୍ରୋ ଟ୍ରେନ୍ ଚାଲୁଛି। ଏହି ଓଭରବ୍ରିଜ୍‌ର ଦୈର୍ଘ୍ୟ ୩.୧୪ କିଲୋମିଟର।

## ୩୩ ସପ୍ତାହରେ ଗର୍ଭପାତକୁ ହାଇକୋର୍ଟଙ୍କ ଅନୁମତି

**ନୂଆଦିଲ୍ଲୀ,୬।୧୨(ପି.ଟି.)**

ଭ୍ରୂଣର ମସ୍ତିଷ୍କରେ ଅସ୍ୱାଭାବିକତା ଥିବାରୁ ଜଣେ ୨୬ ବର୍ଷୀୟା ମହିଳା ଗର୍ଭପାତ କରିବା ଲାଗି ଦିଲ୍ଲୀ ହାଇକୋର୍ଟଙ୍କ ଅନୁମତି ଲୋଡ଼ିଥିଲେ। ଭ୍ରୂଣରେ ସମସ୍ୟା ଯୋଗୁ ତାଙ୍କର ମାନସିକ ଏବଂ ସାମାଜିକ ସ୍ୱାସ୍ଥ୍ୟ ତଥା ଶିଶୁର ସ୍ୱାସ୍ଥ୍ୟକୁ ଚିନ୍ତା କରି ସେ ଗର୍ଭପାତ କରିବାକୁ ଚାହୁଁଥିବା ଅଦାଲତଙ୍କୁ ଜଣାଇଥିଲେ। ୩୩ ସପ୍ତାହର ଗର୍ଭବତୀ ଥିବା ସମ୍ପୃକ୍ତ ମହିଳାଙ୍କୁ ତୁରନ୍ତ ଗର୍ଭପାତ କରିବା ଲାଗି ଅଦାଲତ ଅନୁମତି ପ୍ରଦାନ କରିଛନ୍ତି। ସେ ନିଜ ଇଚ୍ଛାରେ ଏଲ୍‌ଏନ୍‌ଜେପି ହସ୍ପିଟାଲ କିମ୍ବା ଜିଟିବି ଓ ଅନ୍ୟ କୌଣସି ହସ୍ପିଟାଲରେ ଗର୍ଭପାତ କରାଇପାରିବେ ବୋଲି ଜଷ୍ଟିସ ପ୍ରତିଭା ସିଂଙ୍କ ଜଣିକିଆ ଖଣ୍ଡପୀଠ କହିଛନ୍ତି। ମାଆବାପାଙ୍କ ମାନସିକ ଦୁଶ୍ଚିନ୍ତା ଓ ସେମାନଙ୍କ ଆର୍ଥିକ-ସାମାଜିକ ସ୍ଥିତିକୁ ହୃଦୟଙ୍ଗମ କରୁଛୁ ବୋଲି ବିଚାରପତି କହିଥିଲେ।

## ଇଣ୍ଡୋନେସିଆରେ ବିବାହ ବାହାରେ ଯୌନ ସମ୍ପର୍କ ବେଆଇନ ହେଲା

**ଜାକର୍ତ୍ତା,୬।୧୨**

**ଦଣ୍ଡ ସଂହିତାର ସଂଶୋଧନକୁ ପାର୍ଲାମେଣ୍ଟ ମଞ୍ଜୁରୀ**

ଇଣ୍ଡୋନେସିଆରେ ନାଗରିକ ଏବଂ ସେଠାରେ ରହୁଥିବା ବିଦେଶୀମାନଙ୍କ ଲାଗି ବିବାହ ବାହାରେ ଯୌନ ସମ୍ପର୍କ ରଖିବା ଅପରାଧ। ଏଥିସହିତ ଗର୍ଭନିରୋଧକ ପ୍ରୋତ୍ସାହନକୁ ମଧ୍ୟ ସେଠାରେ ନିଷେଧ କରାଯିବା ସହ ରାଷ୍ଟ୍ରପତି ଓ ସରକାରୀ ଅନୁଷ୍ଠାନ ବିରୋଧରେ ମାନହାନି ମାମଲାକୁ ବ୍ୟାନ୍ କରାଯାଇଛି। ଇଣ୍ଡୋନେସିଆ ଦଣ୍ଡ ସଂହିତାର ବହୁପ୍ରତୀକ୍ଷିତ ସଂଶୋଧନକୁ ମଙ୍ଗଳବାର ପାର୍ଲାମେଣ୍ଟ ମଞ୍ଜୁରୀ ପ୍ରଦାନ କରିଛି।

ସଂଶୋଧିତ ପେନାଲ କୋଡ୍‌ରେ ବର୍ତ୍ତମାନର ଧର୍ମନିନ୍ଦା ଆଇନକୁ ବ୍ୟାପକ କରାଯାଇଛି। ସେଠାର ୬ଟି ସ୍ୱୀକୃତିପ୍ରାପ୍ତ ଧର୍ମ ଇସ୍‌ଲାମ, ପ୍ରୋଟେଷ୍ଟାଣ୍ଟିଜମ୍, କାଥୋଲିକ୍, ହିନ୍ଦୁ, ବୌଦ୍ଧ ଏବଂ କନ୍‌ଫୁସିଆନ୍‌ର କେନ୍ଦ୍ରୀୟ ସିଦ୍ଧାନ୍ତର ଉଲ୍ଲଂଘନ କଲେ ୫ ବର୍ଷ ଜେଲଦଣ୍ଡ ବ୍ୟବସ୍ଥା କରାଯାଇଛି। ମାର୍କ୍ସବାଦୀ-ଲେନିନ୍‌ବାଦୀ ଚିନ୍ତାଧାରା ପ୍ରସାର କରୁଥିବା ସଂଗଠନ ସହ ସାମିଲ ହେଲେ ନାଗରିକଙ୍କୁ ୧୦ ବର୍ଷ ଏବଂ ସାମ୍ୟବାଦର ପ୍ରସାର ପାଇଁ ୪ ବର୍ଷ ଜେଲଦଣ୍ଡ ମିଳିବ। ପୂର୍ବରୁ ଗର୍ଭପାତକୁ ବେଆଇନ କରାଯାଇଥିବାବେଳେ ଜୀବନ ପ୍ରତି ବିପଦ ଥିବା ମହିଳା ଏବଂ ବଳାତ୍କାର ପୀଡ଼ିତାଙ୍କୁ ଏଥିରୁ ବାଦ୍ ଦିଆଯାଇଛି।

## ୩୧% ମହିଳାଙ୍କ ପାଖରେ ଫୋନ୍

**ନୂଆଦିଲ୍ଲୀ,୬।୧୨**

ଭାରତରେ ୩୧% ମହିଳାଙ୍କ ନିକଟରେ ନିଜସ୍ୱ ଫୋନ୍ ରହିଛି। ପୁରୁଷଙ୍କ ତୁଳନାରେ ମହିଳାମାନେ କମ୍ ସଂଖ୍ୟାରେ ଫୋନ୍ ବ୍ୟବହାର କରୁଥିବା ଅକ୍ସଫାମ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ଦେଶରେ ମୋଟ ୬୦% ପୁରୁଷଙ୍କ ପାଖରେ ଆଣ୍ଡ୍ରଏଡ୍ ଫୋନ୍ ରହିଛି। ଅକ୍ସଫାମ୍‌ର 'ଇଣ୍ଡିଆ ଇନ୍‌ଇକ୍ୱାଲିଟି ରିପୋର୍ଟ ୨୦୨୨: ଡିଜିଟାଲ ଡିଭାଇଡ୍' ରିପୋର୍ଟରେ ୨୦୨୧ ଶେଷ ପର୍ଯ୍ୟନ୍ତ ହସ୍ତଗତ ତଥ୍ୟକୁ ନେଇ ଏହା ପ୍ରସ୍ତୁତ ହୋଇଛି। ଡିଜିଟାଲ ଇନ୍‌ଇକ୍ୱାଲିଟିଭିତ୍ତିରେ କରାଯାଇଥିବା ଅଧ୍ୟୟନ ଅନୁସାରେ ମହିଳାମାନେ ବ୍ୟବହାର କରୁଥିବା ଫୋନ୍ ସାଧାରଣ ଭାବେ କମ୍ ମୂଲ୍ୟର ହୋଇଥିବାବେଳେ ପୁରୁଷ ଦାମୀ ଓ ଅଧିକ ଫିଚରଯୁକ୍ତ ଫୋନ୍ ବ୍ୟବହାର କରୁଛନ୍ତି। ଫୋନ୍ ବ୍ୟବହାର କ୍ଷେତ୍ରରେ ମହିଳାଙ୍କଠୁ ପୁରୁଷମାନେ ଆଗୁଆ। ମୋବାଇଲ୍‌ରେ ଉପଲବ୍ଧ ଡିଜିଟାଲ ସର୍ଭିସ୍ ସହିତ ଇଣ୍ଟରନେଟ୍‌ର କମ୍ ବ୍ୟବହାର ମହିଳାମାନେ କରୁଛନ୍ତି। ଷ୍ଟଡି ରିପୋର୍ଟ ମୁତାବକ ଭାରତରେ ମାତ୍ର ଏକ ତୃତୀୟାଂଶ ମହିଳା ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ଆୟ, ଜାତି, ଶିକ୍ଷା ଓ ଅଞ୍ଚଳକୁ ନେଇ ସେଣ୍ଟ୍ରାଲ୍ ଅଫ୍ ମୋନିଟରିଂ ଇଣ୍ଡିଆ ଇକୋନୋମି (ସିଏମ୍‌ଆଇଇ) ଏବଂ ନ୍ୟାଶନାଲ ସାମ୍ପୁଲ୍ ସର୍ଭେ (ଏନ୍‌ଏସ୍‌ଏସ୍)ର ତଥ୍ୟ ଅନୁସାରେ ଅକ୍ସଫାମ୍ ଉକ୍ତ ରିପୋର୍ଟ ତିଆରି କରିଛି। ୧୦୦ ଜଣଙ୍କ ଭିତରୁ ମାତ୍ର ୫୭.୨୯% ଲୋକ ଇଣ୍ଟରନେଟ୍ ସବ୍ସକ୍ରାଇବର ହୋଇଥିବାବେଳେ ଗ୍ରାମାଞ୍ଚଳରେ ଏହା ୩୪% ରହିଛି। ଦେଶରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଆର୍ଥିକ ଉନ୍ନତି ହେଲେ ଯାଇ ଡିଜିଟାଲ ଟ୍ରାନ୍ସଫରମେଶନ୍ ଘଟିବ ବୋଲି ଅକ୍ସଫାମ ଇଣ୍ଡିଆ ସିଇଓ ଅମିତାଭ ବେହେର ମତ ପ୍ରକାଶ କରିଛନ୍ତି।

## ପ୍ରତି ୫ରେ ଜଣେ କର୍ମଚାରୀ ଉତ୍ପୀଡ଼ନର ଶିକାର

**ଜାତିସଂଘ ରିପୋର୍ଟ**

**ଜେନେଭା,୬।୧୨**



ବିଶ୍ୱରେ ପ୍ରତି ୫ ଜଣ କର୍ମଚାରୀଙ୍କ ମଧ୍ୟରୁ ଜଣେ କିମ୍ବା ତା'ଠାରୁ ଅଧିକ କାର୍ଯ୍ୟସ୍ଥଳରେ ଉତ୍ପୀଡ଼ନ କିମ୍ବା ହିଂସାର ଶିକାର ହେଉଛନ୍ତି। ଜାତିସଂଘ ଏବଂ ଇଣ୍ଟରନ୍ୟାଶନାଲ ଲେବର ଅର୍ଗାନାଇଜେଶନ୍ (ଆଇଏଲ୍‌ଓ) ପକ୍ଷରୁ ମିଳିତ ଭାବେ କରାଯାଇଥିବା ସର୍ଭେ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ୧୨୧ ଦେଶର ୭୪,୩୬୪ କର୍ମଚାରୀଙ୍କୁ ନେଇ ଏହ ସର୍ଭେ ହୋଇଛି। ଅଫିସ ବା କାର୍ଯ୍ୟସ୍ଥଳରେ କର୍ମଚାରୀଙ୍କ ଉପରେ ନିର୍ଯାତନାର ମାତ୍ରା କ୍ରମାଗତ ବଢ଼ିଚାଲିଥିବା ଜାତିସଂଘ ମତ ପ୍ରକାଶ କରିଛି।

ଗତବର୍ଷର ତଥ୍ୟ ଅନୁସାରେ ବିଶ୍ୱରେ ୭୪୩ ନିୟୁତ କର୍ମଚାରୀ (୨୨.୮% ଲୋକ) ଅଫିସରେ ବିଶେଷ ଭାବେ ଗୋଟିଏ ପ୍ରକାର ହିଂସା କିମ୍ବା ଉତ୍ପୀଡ଼ନର ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ କର୍ମଚାରୀଙ୍କ କହିବା କଥା କର୍ମଶାଳାରେ ସେମାନଙ୍କୁ ଏକାଧିକ ପ୍ରକାରର ନିର୍ଯାତନା ଦିଆଯାଇଛି। ୫ ବର୍ଷପୂର୍ବେସମାନ ସ୍ଥିତିଦେଇ ଗତିକରିଥିବା ୫୫% କର୍ମଚାରୀ ଅନ୍ୟମାନଙ୍କ ଆଗରେ ଏ ବିଷୟରେ ଆଲୋଚନା କରିଛନ୍ତି।

ଅଧିକାଂଶ କର୍ମସ୍ଥଳରେ ୧୭.୯% କର୍ମଚାରୀ (୫୮୩ ନିୟୁତ ଲୋକ) ମାନସିକ ନିର୍ଯାତନାର ଶିକାର ହୋଇଥିବାବେଳେ ୮.୫% (୨୭୭ ନିୟୁତ) କର୍ମଚାରୀ ଶାରୀରିକ ହିଂସା ଭୋଗିଛନ୍ତି। ଜାତିସଂଘ ରିପୋର୍ଟ ମୁତାବକ ୬.୩% କର୍ମଚାରୀଙ୍କୁ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ଦିଆଯାଉଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଲଜ୍ଜାବୋଧ ଯୋଗୁ ଅନେକେ ଏ ବିଷୟରେ ଆଲୋଚନା କରିବାକୁ ପଛାଉଥିବାବେଳେ ଆଉ କେତେଜଣ ନିଜ ଉପରେ ହେଉଥିବା ନିର୍ଯାତନାକୁ ସହିଯାଉଥିବା ଜଣାପଡ଼ିଛି। କାର୍ଯ୍ୟସ୍ଥଳରେ ହିଂସା ଏବଂ ନିର୍ଯାତନା ନିଷିଦ୍ଧ କରାଯିବାର ବିଷୟ। ଏହା ବିରୋଧରେ କୌଣସି ନିର୍ଦ୍ଦିଷ୍ଟ ନୀତି ନ ଥିବା ଯୋଗୁ ଏ ପ୍ରକାର ଘଟଣା ବୃଦ୍ଧି ପାଉଥିବା ଆଇଏଲ୍‌ଓ ଆସିଷ୍ଟାଣ୍ଟ ଡିରେକ୍ଟର ଜେନେରାଲ ମୁନୁଏଲା ଟୋମ କହିଛନ୍ତି।

# ନକଲି ସୁନା ବନ୍ଧକ ଦେଇ ବ୍ୟାଙ୍କରୁ ଋଣ

## ବ୍ୟାଙ୍କ୍‌ର ପ୍ରାକ୍ତନ ସୁନା ପରଖକାରୀଙ୍କ ସମେତ ୮ ଗିରଫ

- **ବ୍ୟାଙ୍କ ଅଫ ବରୋଦାରୁ ଠକି ନେଇଥିଲେ ୫୨.୮୩ ଲକ୍ଷ**
- **୩ ଅଭିଯୁକ୍ତ ଫେରାର**
- **ୟୁକୋ ବ୍ୟାଙ୍କରୁ ଠକିଛନ୍ତି ୧୯ ଲକ୍ଷ**

**ସୋନପୁର, ୬।୧୨(ନି.ପ୍ର.)**

ନକଲି ସୁନା ବନ୍ଧକ ଦେଇ ବିଭିନ୍ନ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ଋଣ ନେଇଥିବା ଏକ ଠକ ଗ୍ୟାଙ୍ଗ୍‌କୁ ଧରିଛି ସୁବର୍ଣ୍ଣପୁର ପୋଲିସ । ସୋନପୁର ଟାଉନ ପୋଲିସ ଏହି ଘଟଣାରେ ବ୍ୟାଙ୍କ ଅଫ ବରୋଦା ସୋନପୁର ଶାଖାର ପ୍ରାକ୍ତନ ସୁନା ପରଖକାରୀଙ୍କ ସମେତ ଅନ୍ୟ ୭ ଋଣ ଗ୍ରହୀତାଙ୍କୁ ଗିରଫ କରିଛି। ଏହି ଗ୍ୟାଙ୍ଗ୍‌ର ୧୦ଜଣ ପିତ୍ତଳ ମିଶା ସୁନା ବନ୍ଧକ ଦେଇ ବ୍ୟାଙ୍କ୍‌ରୁ ୬୫ଥର ଋଣ ନେଇଛନ୍ତି। ୨୦୧୯ରୁ ୨୦୨୧ ମଧ୍ୟରେ ସେମାନେ ଚଞ୍ଚକତା କରି ବ୍ୟାଙ୍କ୍‌ରୁ ୫୨ଲକ୍ଷ ୮୩ ହଜାର ୧୦୦ଟଙ୍କା ଠକି ନେଇଥିବା ଏସ୍‌ପି ଅମରେଶ କୁମାର ପଣ୍ଡା ସୋନପୁର ଥାନା ପରିସରରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁସାରେ ଏହି ଗ୍ୟାଙ୍ଗ୍‌ର ସଦସ୍ୟମାନେ ସହରର ୟୁକୋ ବ୍ୟାଙ୍କ ଓ ଆଇସିଆଇସିଆଇ ବ୍ୟାଙ୍କରୁ ମଧ୍ୟ ଏଭଳି ଠକେଇ କରି ଲକ୍ଷାଧିକ ଟଙ୍କା ହଡ଼ପ କରିଛନ୍ତି। ଅଭିଯୁକ୍ତମାନେ ହେଲେ ବ୍ୟାଙ୍କର ପ୍ରାକ୍ତନ ସୁନା ପରଖକାରୀ(ବଣିଆ) ତଥା ସୋନପୁର ସହର ଘୋଡାଘାଟପଡାର ଜୟନାରାୟଣ ମହାରଣା(୬୩), ନକଲି ସୁନା ତଥା ପିତ୍ତଳ ଦେଇ ବ୍ୟାଙ୍କରୁ ଋଣ ନେଇଥିବା ବିନିକା ଥାନା ସିଲାଟି ନୂଆପଡାର ଈଶ୍ୱର ସରାଫ(୫୮), ଈଶ୍ୱରଙ୍କ ପୁଅ ସୁରେନ୍ଦ୍ର ସରାଫ(୨୭), ସିଲାଟି ମାଟିପଡାର ଅଞ୍ଜନ ସା(୩୭), ସିଲାଟି ନୂଆପଡାର ହଜାରୁ ସାହୁ(୬୫), ଡୁଙ୍ଗୁରିପାଲି ଥାନା ଚେରୁପାଲିର ଡାକ୍ତର ସେଠ୍(୪୫), ଉଲୁଣ୍ଡା ଥାନା ଇଚ୍ଛାପୁର ଚଢେଇପଙ୍କର ରାମକୁମାର ମେହେର(୪୪) ଓ ବରଗଡ ଜିଲା ଭେଡେନ ଥାନା ଗୁଷ୍ଟୁଡାର ରାମଚନ୍ଦ୍ର ବଣିଆ(୪୦)। ଅନ୍ୟ ୩ ଅଭିଯୁକ୍ତ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଚଢେଇପଙ୍କ ଗ୍ରାମର ରାମ କୁମାର ମେହେର ୩୦ହଜାର ଟଙ୍କା ଋଣ ନେଇଥିଲେ। ପିତ୍ତଳ ଦେଇ ଋଣ ନେଇଥିବା ଥାନାରେ ଅଭିଯୋଗ ହେବା ପରେ ସେ ସୁଧ ସହିତ ଋଣ ପରିଶୋଧ କରିଛନ୍ତି। ପୋଲିସ ତାଙ୍କୁ ସିଆରପିସିର ୪୧ ଧାରାରେ ଥାନାରୁ ଜାମିନ ପ୍ରଦାନ କରିଛନ୍ତି।

ଅଭିଯୁକ୍ତମାନେ ଭିନ୍ନ ଭିନ୍ନ ଦିନରେ ବ୍ୟାଙ୍କ ଅଫ ବରୋଦାର ସୋନପୁର ଶାଖାକୁ ଆସି ନକଲି ସୁନା ବନ୍ଧକ ଦେଇ ସୁନା ଋଣ ନେବାରେ ସକ୍ଷମ ହୋଇଥିଲେ। ବ୍ୟାଙ୍କର ସୁନା ପରଖକାରୀ ମହାରଣା ବନ୍ଧକ ସୁନାର ଶୁଦ୍ଧତା ଓ ମୂଲ୍ୟ ନିର୍ଦ୍ଧାରଣ ସମ୍ପର୍କିତ ପ୍ରମାଣପତ୍ର ଠିକ୍‌ଥିବା ବ୍ୟାଙ୍କକୁ ଦର୍ଶାଇଥିଲେ। ବ୍ୟାଙ୍କର ଆଭ୍ୟନ୍ତରୀଣ ଅଡିଟ ସମୟରେ ଗତ ଅଗଷ୍ଟ ୬ରେ ଏହି ଘଟଣା ଜଣାପଡିଥିଲା। ବ୍ୟାଙ୍କ ଅଫ ବରୋଦା ସୋନପୁର ଶାଖାର ବରିଷ୍ଠ ଶାଖା ପରିଚାଳକ ଯଜ୍ଞେଶ୍ୱର ସାମଲ ଗତ ୩ ତାରିଖରେ ସୋନପୁର ଥାନାରେ ଠକେଇ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଜଣାପଡିଥିଲା ଯେ ନକଲି ସୁନା ଦେଇ ବ୍ୟାଙ୍କରୁ ସୁନା ଋଣ ନେବା ପଛରେ ଏକ ର୍‍ୟାକେଟ୍ କାମ କରୁଛି ।

୨୦୧୯ରୁ ୨୦୨୧ ମସିହା ମଧ୍ୟରେ ୟୁକୋ ବ୍ୟାଙ୍କ ସୋନପୁର ଶାଖାରେ ମଧ୍ୟ ଏଭଳି ଠକେଇ ହୋଇଛି। ଠକମାନେ ୟୁକୋ ବ୍ୟାଙ୍କରୁ ୧୯ ଲକ୍ଷ ଠକି ନେଇଛନ୍ତି। ଏହି ଘଟଣାରେ ଗିରଫ ଈଶ୍ୱର ସରାଫ ମଧ୍ୟ ଅଭିଯୁକ୍ତ ଅଛନ୍ତି। ସେ ନକଲି ସୁନା ଦେଇ ୟୁକୋ ବ୍ୟାଙ୍କ୍‌ରୁ ୧ ଲକ୍ଷ ୮୦ ହଜାର ଟଙ୍କା ଋଣ ନେଇଛନ୍ତି। ତାଙ୍କ ନାମରେ ସୋନପୁର ଥାନାରେ ପୂର୍ବରୁ ମାମଲା ରହିଛି। ବ୍ୟାଙ୍କ ଅଧିକାରୀମାନେ ଅଭିଯୁକ୍ତଙ୍କୁ ବାରମ୍ବାର ଋଣ ଦେଇଛନ୍ତି। ଏହି ଘଟଣାରେ ବ୍ୟାଙ୍କ ଅଫ ବରୋଦାର ଜଣେ ପ୍ରାକ୍ତନ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। ତେଣୁ ତାଙ୍କୁ ପୋଲିସ ସମନ କରିବ ବୋଲି ଏସ୍‌ପି ପଣ୍ଡା ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସୋନପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପୁଷ୍ପାଞ୍ଜଳି ନିଙ୍ଗ, ଡିଏସପି ସମ୍ପତ ଦାଶ ଓ ସୋନପୁର ଆଇଆଇସି କୃଷ୍ଣ ଚନ୍ଦ୍ର ମେହେର ଉପସ୍ଥିତ ଥିଲେ ।



ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ସ୍ୱରୂପ କୁମାର ସାହା (ମଝି) ବୈଠକରେ ସମୀକ୍ଷା କରୁଛନ୍ତି।

# ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକଙ୍କ ଓଡ଼ିଶା ଗସ୍ତ

## ଶାଖା ବୃଦ୍ଧି ସହ ଧାର୍ଯ୍ୟ ଲକ୍ଷ୍ୟ ପୂରଣକୁ ଗୁରୁତ୍ୱାରୋପ

**ଭୁବନେଶ୍ୱର, ୬।୧୨**

ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଜୟଦେବ ବିହାର ନିକଟସ୍ଥ ଏକ ହୋଟେଲରେ ବ୍ୟାଙ୍କର ଓଡିଶା କ୍ଷେତ୍ରର କାରବାର ସମ୍ପର୍କିତ ଏକ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। ଏଥିରେ ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱରୂପ କୁମାର ସାହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସେ ବ୍ୟାଙ୍କର କର୍ମଚାରୀଙ୍କୁ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ଥିବା ବିଭିନ୍ନ ଦିଗ ଉପରେ ସୂଚନା ଦେଇଥିଲେ। ଏପରିକି ବ୍ୟାଙ୍କର ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାମ୍ (ଆର୍‌ଏଏମ୍) କ୍ଷେତ୍ରରେ ୧୫% ଏବଂ କର୍ପୋରେଟ୍ କ୍ଷେତ୍ରରେ ୭ରୁ ୮% ଅଭିବୃଦ୍ଧି ହାର ହାସଲ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ସେହିଭଳି ଗତ ଆର୍ଥିକ ବର୍ଷରେ ହୋଇଥିବା ଲାଭକୁ ପୁଣି ଥରେ ଦୋହରାଇବା ସହ ସାରା ଦେଶରେ ବ୍ୟାଙ୍କର ଶାଖା ସଂଖ୍ୟାକୁ ବୃଦ୍ଧି କରିବା ସହିତ ଗୁଣାତ୍ମକଭାବେ ଏହାର କଳେବର ବୃଦ୍ଧି ସମ୍ପର୍କରେ ସେ ଆଲୋକପାତ କରିଥିଲେ। ସେହିପରି ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କର କାସା ପରିମାଣକୁ ୩୫% ରଖିବା ସହ ଏହାର ବର୍ତ୍ତମାନ ଥିବା ନିମ୍‌କୁ ରିଫାଇନ୍ କରିବା ଓ ଏନ୍‌ଏଆରସିଏଲ୍‌କୁ ଅଣକାର୍ଯ୍ୟକାରୀ ସମ୍ପତ୍ତି ବିକ୍ରୟ କରିବା ପାଇଁ ଧ୍ୟାନ ଦେଉଥିବା ବିଷୟରେ ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ୍‌ର ବିଜୟୱାଡା ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ଜି. ଶ୍ରୀନିବାସ, ଭୁବନେଶ୍ୱର ମୁଖ୍ୟ ଶାଖାର ମୁଖ୍ୟ ସଞ୍ଜୀବ ସୁମନ୍‌ଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ ସାହା ଓଡିଶା ଗସ୍ତରେ ଆସିଥିବା ବେଳେ ବ୍ୟାଙ୍କର ବିଭିନ୍ନ କାର୍ଯ୍ୟକଳାପ, ଅଧିକାରୀମାନଙ୍କ ସହ ବୈଠକ ଏବଂ ରାଜ୍ୟର ବିଭିନ୍ନ ଶିଳ୍ପ ସଂସ୍ଥା ଓ ଅନ୍ୟମାନଙ୍କ ସହ ସ୍ୱତନ୍ତ୍ର ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ହତ୍ୟା ମାମଲା: ୧୨ ଦୋଷୀଙ୍କୁ ଆଜୀବନ ଜେଲ୍

**ବାଲେଶ୍ୱର ଅଫିସ, ୬।୧୨**

ଏକ ହତ୍ୟା ମାମଲାର ବିଚାର କରି ମଙ୍ଗଳବାର ବାଲେଶ୍ୱର ଏଡ଼ିଜେ ସେସନ୍ ଜଜ୍ ୧୨ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧ ଲକ୍ଷ ଟଙ୍କା ଲେଖାଏଁ ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୨ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ୨୦୧୭ ମାର୍ଚ୍ଚ ୩ ତାରିଖରେ ପୁରୁଣା ବାଲେଶ୍ୱର ଅଞ୍ଚଳର କରୁଣା ସେଲୁନ୍‌ରେ ଚାନ୍ଦିପୁର ଥାନା ଗବଗାଁ ଅଞ୍ଚଳର ଜୟନ୍ତ ଦାସ ନାମକ ଯୁବକ କାମ କରୁଥିବା ବେଳେ ଅଭିଯୁକ୍ତମାନେ ତେଲେଙ୍ଗାକଟୁରୀ, ଖଣ୍ଡା, ଭୁଜାଲି ଆଦି ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିଲେ। ଏନେଇ ସଦର ଥାନା ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ସିଟି ମାମଲା (ନଂ. ୮।୨୨୪/୨୦୧୭) ରୁଜୁ ହୋଇ ବିଚାର ଜାରି ରହିଥିଲା। ଏହାର ବିଚାର କରି ଏଡ଼ିଜେ ସେସନ୍ ଜଜ୍ ଅଭିଯୁକ୍ତ ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ବଦଲିଗାଁର ଅଜୟ କୁମାର ପଲେଇ (୨୦), ଅକ୍ଷୟ କୁମାର ପଲେଇ (୨୫), ବାଲେଶ୍ୱର ଜିଲା ଟାଉନ୍ ଥାନା ପାତ୍ରପଡ଼ା ଅଞ୍ଚଳର ଉମ୍ବେରୁଧର ଦାସ (୨୧), କଟି ମହାଳିକ (୨୩), ଦିଗବିଜୟ ବାରିକ (୨୦), ସତ୍ୟପ୍ରକାଶ ଜେନା (୨୦), ସେକ୍ ସର୍ଫୁଦ୍ଦିନ (୨୧), ହରେକୃଷ୍ଣ ମାଝି (୨୨), କିରଣ ଦାସ (୨୭), ରଞ୍ଜନ ମାଝି (୨୫), ନିରଞ୍ଜନ ମାଝି (୨୨), ସୁନହଟ ଅଞ୍ଚଳର ସେକ୍ ଜବିର ବକ୍ସ (୨୦)ଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି।

# ଭିଜିଲାନ୍ସ ଜାଲରେ ନିର୍ବାହୀ ଯନ୍ତ୍ରୀ

**ଖୋର୍ଦ୍ଧା ଅଫିସ, ୬।୧୨**



ମନୋଜ କୁମାର ଦାଶ

ଭିଜିଲାନ୍ସ ଜାଲରେ ଖୋର୍ଦ୍ଧା କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ଦାଶ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ମନୋଜଙ୍କ ସରକାରୀ କାର୍ଯ୍ୟାଳୟ ସମେତ ଏକକାଳୀନ ୭ଟି ସ୍ଥାନରେ ଚଢ଼ାଉ କରାଯାଇଛି। ପୂର୍ବାହ୍ନ ୧୦ଟାରେ ଭୁବନେଶ୍ୱର ଭିଜିଲାନ୍ସ ଇନ୍‌ସ୍ପେକ୍ଟର ମମତା ପ୍ରଧାନଙ୍କ ନେତୃତ୍ୱରେ ଏକ ୪ଜଣିଆ ଟମ୍ ଖୋର୍ଦ୍ଧାସ୍ଥିତ କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲା। କାର୍ଯ୍ୟାଳୟର ବିଭିନ୍ନ ସରକାରୀ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରିଥିଲା। ମନୋଜଙ୍କ ଚାମ୍ବରରେ ରହିଥିବା ନଥିପତ୍ର, ରେକର୍ଡପତ୍ର ଯାଞ୍ଚ କରିବା ସହ ବହୁ କାଗଜପତ୍ର ଜବତ କରିଥିଲା। ଭିଜିଲାନ୍ସଠାରୁ ମିଳିଥିବା ସୂଚନା ଅନୁଯାୟୀ, ମନୋଜଙ୍କ ଭୁବନେଶ୍ୱର ଜୟଦୁର୍ଗା ନଗରରେ ଏକ ଦୁଇ ମହଲା କୋଠା ରହିଛି। ସେହିପରି କଟକ, ଭୁବନେଶ୍ୱର ଓ ଆଠଗଡ଼ରେ ୪ଟି ପ୍ଲଟ, ୨୬.୫୮ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବିଭିନ୍ନ ବ୍ୟାଙ୍କରେ ଜମା, ୧୮.୫୯ଲକ୍ଷ ଟଙ୍କାର ବୀମା ପଲିସି, ସୁନାଗହଣା ୯.୧୯ ଲକ୍ଷ ଟଙ୍କା, ରୁପା ଅଳଙ୍କାର, ବାଇକ୍ ଓ ଆସବାବପତ୍ର ମିଶାଇ ୮.୬୪ଲକ୍ଷ ଟଙ୍କାର ସମ୍ପତ୍ତି ଠାବ ହୋଇଛି।

# ମହୁମାଛି ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

**ଗୋପବନ୍ଧୁ ନଗର, ୬।୧୨ (ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ଶିଳଘାଟୀ ଗ୍ରାମରେ ମହୁମାଛି ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଲକ୍ଷ୍ମଣ ଟୁଡୁ। ସୋମବାର ସନ୍ଧ୍ୟାରେ ଖଳାରେ ଧାନକଳେଇ ରଖୁଥିବା ବେଳେ ମହୁମାଛି ଉଡ଼ିଆସି ତାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଖୁଣ୍ଟା ଡାକ୍ତର ଖାନା ଓ ପରେ ବାରିପଦା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ମଧ୍ୟ ଚିକିତ୍ସାଧିନ ଅବସ୍ଥାରେ ମଙ୍ଗଳବାର ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୭୧/୨୨)ରୁଜୁକରିଛି।

# ଦୋଷୀ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

## ସ୍ତ୍ରୀ ହତ୍ୟା ମାମଲା

**କେନ୍ଦୁଝର, ୬।୧୨(ସ୍ୱ.ପ୍ର.)**

କେନ୍ଦୁଝର ଦୌରାଜଜ୍ ଚିତ୍ତରଞ୍ଜନ ମହାପାତ୍ର ମଙ୍ଗଳବାର ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ସୁକୁରାମ ଲୋହାର(ସୁକୁରା)ଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫୦ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୮ରେ ପାଟଣା ଥାନା ଅଧୀନ ଖୁଂଟିବେଡା ଗ୍ରାମରେ ସୁକୁରାମ ଲୋହାର ଏବଂ କୁନି ଲୋହାର ସ୍ୱାମୀ-ସ୍ତ୍ରୀ ଭାବେ ରହିଆସୁଥିଲେ। କୁନି ପୂର୍ବରୁ ମଧ୍ୟ ଆଉ ଜଣଙ୍କୁ ବିବାହ କରିଥିଲେ ହେଁ ସୁକୁରାମ ସହ ରହୁଥିଲେ। ତାଙ୍କର ଏକ ଛୋଟ ପିଲା ଥିଲା। ୨୦୧୮ ଡିସେମ୍ବର ୬ରେ କୁନି ଭଲ ରାନ୍ଧି ନ ଥିବା ସୁକୁରାମ କହିବାରୁ ରାତି ପ୍ରାୟ ୮ଟା ବେଳେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସୁକୁରାମ ନିକଟରେ ଥିବା ଏକ ଲୁହା ପାଇପ୍‌ରେ କୁନିଙ୍କୁ ପିଟି ଦେବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ କୁନିଙ୍କ ପ୍ରଥମ ସ୍ୱାମୀ ସଞ୍ଜୟ ଲୋହାର ପାଟଣା ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ହତ୍ୟା ମାମଲା (ନଂ.୧୦୪/୨୦୧୮) ରୁଜୁ କରି ଅଭିଯୁକ୍ତ ସୁକୁରାମଙ୍କୁ ଗିରଫ କରିଥିଲା। ୧୨ଜଣ ସାକ୍ଷୀ ଏବଂ ପ୍ରମାଣକୁ ଭିତ୍ତି କରି କୋର୍ଟ ଏହି ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ମୃତ କୁନିଙ୍କ ନାବାଳିକା ଝିଅକୁ ସହାୟତା ରାଶି ପ୍ରଦାନ ନିମନ୍ତେ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ଦାସ ମାମଲା ପରିଚାଳନା କରୁଥିଲେ।




# ଦିଲ୍ଲୀରେ ସ୍ୱତନ୍ତ୍ର ରାଜ୍ୟ, ସମ୍ବଲପୁରୀ ଭାଷା ଆନ୍ଦୋଳନ



ଦିଲ୍ଲୀର ଯନ୍ତରମନ୍ତରଠାରେ ଧାରଣା ଦିଆଯାଇଛି ।

**ସମ୍ବଲପୁର, ୬।୧୨(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାକୁ ସ୍ୱତନ୍ତ୍ର ହୀରାଖଣ୍ଡ ରାଜ୍ୟ ସହ ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ଦାବି ନେଇ ମଙ୍ଗଳବାର ଦିଲ୍ଲୀ ଯନ୍ତରମନ୍ତରଠାରେ ଧାରଣା ଦିଆଯାଇଛି। ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ଓ ହୀରାଖଣ୍ଡ ସାମ୍ଭଖ୍ୟ ଆନୁକୂଲ୍ୟରେ ଏହି ଧାରଣା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ଦିଲ୍ଲୀର କେତେଜଣ ବ୍ୟକ୍ତି ଆନ୍ଦୋଳନକୁ ସମର୍ଥନ ଜଣାଇ ଧାରଣାରେ ସାମିଲ ହୋଇଥିଲେ। ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା ପରେ ପ୍ରଫୁଲ୍ଲ ହୋତାଙ୍କ ଆବାହକତ୍ୱରେ ଧାରଣାସ୍ଥଳରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ସଭାପତି ସରୋଜ ଦାଶ ଓ ହୀରାଖଣ୍ଡ ସାମ୍ଭଖ୍ୟର ସଭାପତି ଡ. ପରେଶ ଚନ୍ଦ୍ର ଦାନି ସଭାପତିତ୍ୱ କରିଥିଲେ। ବେଙ୍ଗାଲୁରର ବିଶ୍ୱଜିତ ପ୍ରଧାନଙ୍କ ସମେତ ଦୀପକ କୁମାର ପଣ୍ଡା, ତ୍ରିବିକ୍ରମ ପ୍ରଧାନ, ପ୍ରଶାନ୍ତ ପାଢଯୋଶୀ, ସମାରୁ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ବିଭାଗ ମନ୍ତ୍ରୀ ତଥା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ଦିଆଯାଇଥିଲା। ସୌମ୍ୟଜିତ ବଡପଣ୍ଡା, ଗୋପାଳ ମିଶ୍ର, ବିଜୟଲକ୍ଷ୍ମୀ ବେହେରା, ମାନସ ବକ୍ସି, ଡ. ରାଜାରାମ ଷଡଙ୍ଗୀ, କଳ୍ପନା ମିଶ୍ର, ଅରବିନ୍ଦ ନାୟକ, ରାଜେନ୍ଦ୍ର ପଣ୍ଡା, ସୌରୀ ପାଣିଗ୍ରାହୀ, ବବ୍‌ଲୁ ବାଗ, ଯଶୋବନ୍ତୀ ନାୟକ, ପଙ୍କଜିନୀ ମେହେର, ତର୍ପଣ ପ୍ରଧାନ, ବୋଧରାମ ଦାଶ, ଏନ୍. ଗୋପାଳ, ବିଚିତ୍ରା ବାଗ, ଶାଶ୍ୱତ ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବକ୍ତାମାନେ ହୀରାଖଣ୍ଡ ରାଜ୍ୟ ଗଠନ ଓ ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ସପକ୍ଷରେ ମତ ଦେଇଥିଲେ। ସମ୍ବଲପୁରୀ ଭାଷାର ନାମ, ସ୍ୱାଭିମାନ, ସୁରକ୍ଷା, ପ୍ରଚାର ଓ ପ୍ରସାର ପାଇଁ ସାମୂହିକ ଶପଥପାଠ କରାଯାଇଥିଲା। ଯନ୍ତରମନ୍ତର ଅଞ୍ଚଳରେ ପଟୁଆର କରାଯାଇ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ବୟସ୍କ ଲୋକଙ୍କଠାରୁ ଆରମ୍ଭ କରି କିଶୋର-କିଶୋରୀ ମଧ୍ୟ ଭାଗ ନେଇଥିଲେ। ସମ୍ବଲପୁରୀ ଭାଷା ଓ ହୀରାଖଣ୍ଡ ରାଜ୍ୟ ଉପରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା।

# ଦୋଷୀଙ୍କୁ ୨୦ବର୍ଷ ଜେଲ | ନାବାଳିକାଙ୍କୁ ବଳାତ୍କାର ମାମଲା

**ବାରିପଦା ଅଫିସ, ୬।୧୨**

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ କୋର୍ଟରେ ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଦୁର୍ଗାଚରଣ ମିଶ୍ର ଏହାର ବିଚାର କରି ଦୋଷୀଙ୍କୁ ୨୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୧ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବେତନଟୀ ଥାନା କଛିମବିଲା ଗ୍ରାମର ଦୁଲାଲ ସିଂ(୫୮)। ମାମଲାର ବିବରଣୀ ଅନୁଯାୟୀ, ୨୦୧୯ ମେ ୨୦ରେ ଅଭିଯୁକ୍ତ ଦୁଲାଲ ଜଣେ ନାବାଳିକାଙ୍କୁ ଘରୁ ଡାକି ନେଇ ନିକଟସ୍ଥ ଜଙ୍ଗଲରେ ବଳାତ୍କାର କରିଥିଲେ। ମୁମୂର୍ଷୁ ଅବସ୍ଥାରେ ପୀଡ଼ିତା ଜଙ୍ଗଲରେ ପଡ଼ି ରହିଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ଜଙ୍ଗଲରୁ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବେତନଟୀ ଓ ପରେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଏ ସଂକ୍ରାନ୍ତରେ ପୀଡ଼ିତାଙ୍କ ଭାଇଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ. ୭୦/୧୯) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ। ଉଲ୍ଲେଖଯୋଗ୍ୟ, ମାମଲାର ବିଚାର ସମୟରେ ପୀଡ଼ିତାଙ୍କର ମୃତ୍ୟୁ ଘଟିଛି।



**ଆଜିର ମନ୍ତବ୍ୟ**

"ଆର୍ଥିକ ସମ୍ବଳ ଆତଙ୍କବାଦର ଜୀବନ। ତେଣୁ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ ଉପରେ କେନ୍ଦ୍ରୀୟ ଏସୀୟ ଦେଶଗୁଡ଼ିକ ସର୍ବାଧିକ ପ୍ରାଥମିକତା ଦେବା ଆବଶ୍ୟକ।
– ଅଜିତ୍ ଡୋଭାଲ, ଜାତୀୟ ସୁରକ୍ଷା ପରାମର୍ଶଦାତା

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସକାଳ କୁଣିଆ କୁଣିଆ ନୁହେଁ
ସକାଳ ମେଘ ମେଘ ନୁହେଁ।**

ସାଧାରଣତଃ ସକାଳୁ ଆସୁଥିବା ଅତିଥି ବା କୁଣିଆ ଅଧିକ ସମୟ ପର୍ଯ୍ୟନ୍ତ ଘରେ ରହି ନ ଥାନ୍ତି ବୋଲି ବିଶ୍ୱାସ କରାଯାଏ। ସେହିପରି ସକାଳେ ହେଉଥିବା ମେଘ ସ୍ୱଳ୍ପ ବୃଷ୍ଟି କରି ଛାଡି ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ସମ୍ପଦ ବେଳେ ସର୍ବେ ସଖା
ବିପଦେ ନ ଦିଅନ୍ତି ଦେଖା।**

ହାତରେ ଧନ ସମ୍ପତ୍ତି ଥିବା ପର୍ଯ୍ୟନ୍ତ ସମସ୍ତେ ଆପଣାର ମନେ ହୁଅନ୍ତି। ଅଥଚ ଯେତେବେଳେ ଧନ ସମ୍ପତ୍ତି ସରି ଆସେ ସେତେବେଳେ କେହି ଆଡ଼ ଆଖିରେ ବି ଚାହିଁ ନ ଥାନ୍ତି। ସ୍ୱାର୍ଥପର ଦୁନିଆରେ ସମସ୍ତେ ହେଉଛନ୍ତି ସୁଖର ସାଥି, ଦୁଃଖ ବିପଦ ବେଳେ କେହି ସାଥି ହେବାକୁ ଚାହିଁ ନ ଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

**ପ୍ରଥମ ପୃଷ୍ଠାରୁ...**

### ସହର ସଫେଇରେ...

ନେଇଥିବା ଏକ ଏଜେନ୍ସିକୁ ୧୩ କୋଟି ଟଙ୍କାର ଋଣ ବିନା ସୁଧରେ ଦେଇଛନ୍ତି। ୨୦୨୧ ମାର୍ଚ୍ଚ ପର୍ଯ୍ୟନ୍ତ ସେହି ଋଣ ସମ୍ପୃକ୍ତ ସଂସ୍ଥାଠାରୁ ଆଦାୟ କରାଯାଇ ନ ଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଖାଲି ସେତିକି ନୁହେଁ, ୨୦୨୦ ଅଗଷ୍ଟ ଏବଂ ସେପ୍ଟେମ୍ବର ୨ ମାସ ମଧ୍ୟରେ ଉକ୍ତ ଏଜେନ୍ସି ୨୧୧୦ କି.ମି. ରାସ୍ତାରେ ଝାଡୁ ମାରୁଥିବା ମେସିନ ସଫେଇ କରିନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ଯେଉଁ ରାସ୍ତାକୁ ମେସିନ ଦ୍ୱାରା ସଫେଇ କରିବାକୁ ଏଜେନ୍ସିକୁ ଦାୟିତ୍ୱ ଦିଆଯାଇଥିଲା, ସେହି ରାସ୍ତାକୁ ବିଏମ୍‌ସି କର୍ତ୍ତୃପକ୍ଷ ପୁଣି ମଣିଷ ଦ୍ୱାରା ଝାଡୁ କରାଇଛନ୍ତି। ଫଳରେ ଉଭୟ ଯାନ୍ତ୍ରିକ ଓ ମାନୁଆଲ ଝାଡୁ ଦ୍ୱାରା ବିଏମ୍‌ସିକୁ ବାର୍ଷିକ ୧୦.୩୨ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି ବୋଲି ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି।

ଦ୍ୱାର ଦ୍ୱାର ବୁଲି ଅଳିଆ ସଂଗ୍ରହରେ ମଧ୍ୟ ଦୁର୍ନୀତିର ଗନ୍ଧ ବାରିଛନ୍ତି ସିଏଜି। ଘରୁ ଅଳିଆ ସଂଗ୍ରହ ପାଇଁ ଚୁକ୍ତିନାମାର ଧାରା(ଇ) ଅନୁଯାୟୀ ଏଜେନ୍ସିଗୁଡିକ ସକାଳ ୬ଟାରୁ ୧୨ଟା ପର୍ଯ୍ୟନ୍ତ ଅଳିଆ ସଂଗ୍ରହ କରିବେ। ଏହାକୁ ପୌରସଂସ୍ଥାର ଜଣେ ଅଧିକାରୀ ନିୟମିତ ତଦାରଖ କରିବେ। ୨୦୧୭ ଏପ୍ରିଲରେ ପୁରୀ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ୨୭ଟି ୱାର୍ଡରେ ଦ୍ୱାରଦ୍ୱାର ବୁଲି ବର୍ଜ୍ୟବସ୍ତୁ ସଂଗ୍ରହ ଓ ପରିଚାଳନା ପାଇଁ ୪ଟି ଏଜେନ୍ସିକୁ ଆଉଟ୍‌ସୋର୍ସିଂ କରିଥିଲେ। ତେବେ ୨୦୧୮ ଜୁନ ସୁଦ୍ଧା କୌଣସି ସଂସ୍ଥା ଘରୁ ୧୦୦ ପ୍ରତିଶତ ବର୍ଜ୍ୟବସ୍ତୁ ସଂଗ୍ରହ କରି ପାରି ନ ଥିବା ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହାସତ୍ତ୍ୱେ ଏଜେନ୍ସିଗୁଡିକର କାର୍ଯ୍ୟାବଳୀକୁ ତଦାରଖ କରା ନ ଯାଇ ୨୦୧୮ ମେ ସୁଦ୍ଧା ୪.୪୭ କୋଟି ଟଙ୍କା ମଧ୍ୟରୁ ୭୦.୭୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଡଷ୍ଟବିନ ବଣ୍ଟାରେ ମଧ୍ୟ ହେରଫେର ହୋଇଥିବା ସିଏଜି ଉଲ୍ଲେଖ କରିଛନ୍ତି। ବର୍ଜ୍ୟବସ୍ତୁ ଅଲଗା ରଖିବାକୁ ଦୁଇଟି ରଙ୍ଗର ଡଷ୍ଟବିନ ବାଣ୍ଟି ୩ ବର୍ଷ ମଧ୍ୟରେ ଶତପ୍ରତିଶତ ପୃଥକତା ଲକ୍ଷ୍ୟ ହାସଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ୨୦୧୭ ଜୁଲାଇରୁ ୨୦୧୮ ସେପ୍ଟେମ୍ବର ମଧ୍ୟରେ ପୃଥକୀକରଣ ପାଇଁ ୧ ଲକ୍ଷ ୮୫ ହଜାର ଡଷ୍ଟବିନ କିଣି ୯୨ ହଜାର ପରିବାରକୁ ବଣ୍ଟନ କରିବାକୁ ବ୍ରହ୍ମପୁର, ଜୟପୁର ଏବଂ ଚୌଦ୍ୱାର ମ୍ୟୁନିସିପାଲିଟିକୁ ୧.୧୯ କୋଟି ଟଙ୍କା ଦିଆଯାଇଥିଲା। ସେଥିରୁ ୯୭,୪୩୨ ଡଷ୍ଟବିନ କାହାରିକୁ ପ୍ରଦାନ କରାଯାଇ ନ ଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

### 'ଖାଲି ପେଟରେ...

ତେବେ ସରକାର କିଛି କରୁନାହାନ୍ତି ବୋଲି ଆମେ କହୁନାହୁଁ। କୋଭିଡ୍ ସମୟରେ ସମସ୍ତଙ୍କ ପାଖରେ ଖାଦ୍ୟଶସ୍ୟ ପହଞ୍ଚାଯାଇଥିଲା ବୋଲି ଖଣ୍ଡପୀଠ କହିଛନ୍ତି। କୋଭିଡ୍ ମହାମାରୀ ରୋକିବା ପାଇଁ ଲକ୍‌ଡାଉନ୍ ଯୋଗୁ ପ୍ରବାସୀ ଶ୍ରମିକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏନେଇ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ସାମାଜିକ କର୍ମୀ ଅଞ୍ଜଳି ଭରଦ୍ୱାଜ, ହର୍ଷ ମନ୍ଦର ଏବଂ ଜଗଦୀପ ଛୋକରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କୋର୍ଟରେ ଉପସ୍ଥିତ ରହି କହିଥିଲେ, ୨୦୧୧ ଜନଗଣନା ପରେ ଦେଶର ଲୋକସଂଖ୍ୟା ବଢ଼ିଛି। ସେହି ଅନୁଯାୟୀ ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ତେଣୁ ଯୋଗ୍ୟ ଗରିବ ହିତାଧିକାରୀମାନଙ୍କୁ ଖାଦ୍ୟ ସୁରକ୍ଷା ଆଇନରେ ଖାଦ୍ୟଶସ୍ୟ ଯୋଗାଇଦେବା ଆବଶ୍ୟକ ବୋଲି ସେ କହିଥିଲେ। ଭାରତରେ ମୁଣ୍ଡପିଛା ଆୟ ବଢ଼ିଥିବା ସରକାର ଦାବି କରୁଥିବାବେଳେ ବିଶ୍ୱ କ୍ଷୁଧା ତାଲିକାରେ ଭାରତ ଦ୍ରୁତ ତଳକୁ ଖସୁଥିବା ଭୂଷଣ ଦର୍ଶାଇଥିଲେ। ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟ ଭଟି ଉପସ୍ଥିତ ରହି ଏନ୍‌ଏଫ୍‌ଏସ୍‌ଏରେ ୮୧.୩୫ କୋଟି ଉପଭୋକ୍ତାଙ୍କୁ ରିହାତି ଦରରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଥିବା କହିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ୮ ତାରିଖକୁ ଧାର୍ଯ୍ୟ କରାଯାଇଛି।

### 'ମୁହଁ ଖୋଲିଲେ...

ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଅର୍ଚ୍ଚନାଙ୍କୁ ମାରାଥନ୍ ଜେରା କରି ତାଙ୍କ ଆର୍ଥିକ ସାମ୍ରାଜ୍ୟର ଚେର ଖୋଜିବାରେ ଲାଗିଛି ଇଡି। ଏହି ରିମାଣ୍ଡ ସମୟରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବାକୁ ଇଡି ଆଶା ରଖିଛି। ତେବେ ତାଙ୍କ ଓକିଲଙ୍କ ଉପସ୍ଥିତିରେ ଅର୍ଚ୍ଚନାଙ୍କୁ ଜେରା କରାଯିବ ବୋଲି କୋର୍ଟ କହିଛନ୍ତି। ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏବେ ଝାରପଡ଼ା ଜେଲରେ ରହିଛନ୍ତି। ଜଗବନ୍ଧୁ ବୁଧବାର କୋର୍ଟରେ ହାଜର ହେବେ। ହାଜର ସମୟରେ ତାଙ୍କୁ ରିମାଣ୍ଡରେ ଆଣିବାକୁ ଇଡି ପକ୍ଷରୁ ଆବେଦନ କରାଯିବ ବୋଲି ସୂଚନା ମିଳିଛି। ଏପଟେ ମଙ୍ଗଳବାର ସତ୍ୟବିହାରସ୍ଥିତ ଅର୍ଚ୍ଚନାଙ୍କ ଆଲିଶାନ୍ ଘରର ଆର୍କିଟେକ୍ଟ ରଞ୍ଜିତ ବେହେରାଙ୍କୁ ଇଡି ଜେରା କରିଛି। ଅର୍ଚ୍ଚନାଙ୍କ ଘରର ସୌନ୍ଦର୍ଯ୍ୟକରଣ ପାଇଁ ବହୁ ଟଙ୍କା ଖର୍ଚ୍ଚ ହୋଇଛି। ଏ ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ସେ ନେଇ ରଞ୍ଜିତ ତଥ୍ୟ ରଖିଥିବା ସୂଚନା ମିଳିଛି। ଏହି ମାମଲାରେ ଏପର୍ଯ୍ୟନ୍ତ ୮ରୁ ଅଧିକ ବ୍ୟକ୍ତିଙ୍କୁ ଇଡି ଜେରା କରି ତଥ୍ୟ ହାସଲ କଲାଣି। ଆଗକୁ ଜଗବନ୍ଧୁ ରିମାଣ୍ଡରେ ଆସିଲେ ନାଗ-ଚାନ୍ଦ ଦମ୍ପତିଙ୍କୁ ମୁହାଁମୁହିଁ ଜେରା କରିବାକୁ ଇଡି ଯୋଜନା କରିଛି। ଏହି ସମୟରେ ଶ୍ରଦ୍ଧାଞ୍ଜଳି ବେହେରା, ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ମଧ୍ୟ ଡକାଇ ଇଡି ସାମ୍ନାସାମ୍ନି ଜେରା କରିପାରେ। ତେବେ ଅର୍ଚ୍ଚନା ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ହୋଇଥିବାବେଳେ ତାଙ୍କ ପାଖରେ ବହୁ ତଥ୍ୟ ରହିଛି। ଅର୍ଚ୍ଚନାଙ୍କ ତଥ୍ୟକୁ ଆଧାର କରି ଇଡି ବହୁ ବଡ଼ବଡ଼ିଆଙ୍କୁ ଜେରା କରିବ ବୋଲି କୁହାଯାଉଛି। ଇଡି ଅର୍ଚ୍ଚନାଙ୍କଠାରୁ କେଉଁସବୁ ଗୁମର କାଢ଼ିପାରୁଛି ତାହାକୁ ନେଇ ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ଲାଗିରହିଛି।

### କୋମ୍ବିଂ ବେଳେ ୨....

କଲ୍ୟାଣରେ ନିଜକୁ ସାମିଲ କରି ଏକ ସମ୍ମାନଜନକ ଜୀବନ ଅତିବାହିତ କରନ୍ତୁ। ଅପରପକ୍ଷରେ ବାମପନ୍ଥୀ କ୍ୟାଡର ମାଓବାଦୀଙ୍କ ଦମନ ପାଇଁ ଏକ ଇଣ୍ଟରଷ୍ଟେଟ ଓ ଇଣ୍ଟରଏଜେନ୍ସି ସମନ୍ୱୟ ବୈଠକ ଭୁବନେଶ୍ୱରସ୍ଥିତ ଗୋଇନ୍ଦା ନିର୍ଦ୍ଦେଶାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଓ ଛତିଶଗଡ଼ର ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ବିଏସ୍‌ଏଫ୍, ସିଆରପିଏଫ୍ ଅଧିକାରୀମାନେ ଯୋଗଦେଇ ଓଡ଼ିଶା ଓ ଛତିଶଗଡ଼ ସୀମାରେ ମାଓ ଦମନ କାର୍ଯ୍ୟକଳାପ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଉଭୟ ରାଜ୍ୟର ପୋଲିସ ମଧ୍ୟରେ ମାଓ ଦମନ କାର୍ଯ୍ୟକଳାପ, ଗୋଇନ୍ଦା ତଥ୍ୟ ଆଦାନପ୍ରଦାନ ଦିଗରେ ସମନ୍ୱୟ ରକ୍ଷା କରିବା ଉପରେ ଆଲୋଚନା ହୋଇଥିଲା। ଏଥିସହ ଗତ ଜୁଲାଇ ମାସରେ ରାୟପୁର ଏବଂ ଅଗଷ୍ଟ ମାସରେ ଆଇବି ମୁଖ୍ୟାଳୟରେ ଅନୁଷ୍ଠିତ ବୈଠକର ନିଷ୍ପତ୍ତି ଅନୁସାରେ ଅଗ୍ରଗତି କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଡିଜିପି ସୁନୀଲ କୁମାର ବଂଶଲଙ୍କ ଅଧ୍ୟକ୍ଷତାରେ ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ କୁମାର ପଣ୍ଡା, ଆଇଜି (ଅପରେଶନ) ଅମିତାଭ ଠାକୁର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ପରିଦର୍ଶନ କଲେ ସିନ୍ କୋଭେ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିନ୍ କୋଭେ ନିଜ ଲିଖିତ ପୁସ୍ତକ ପ୍ରଦାନ କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପୁସ୍ତକ ପ୍ରଦାନ କଲେ

ଭୁବନେଶ୍ୱର, ୬।୧୨ (ବ୍ୟୁରୋ)

ନ୍ୟୁୟର୍କ ଟାଇମ୍‌ସର ସର୍ବଶ୍ରେଷ୍ଠ ବିକ୍ରେତା ଲେଖକ ତଥା ଆମେରିକାର ଫ୍ରାଙ୍କଲିନ୍ କୋଭେ ଏଜୁକେଶନ୍‌ର ପ୍ରେସିଡେଣ୍ଟ ସିନ୍ କୋଭେ ମଙ୍ଗଳବାର ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍‌ର 'ଲିଡର ଇନ୍ ମି କନେକ୍ଟ' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପରି ଫ୍ରାଙ୍କଲିନ୍ କୋଭେ ଏଜୁକେଶନର ଭାଇସ୍ ପ୍ରେସିଡେଣ୍ଟ ମିଷ୍ଟର ୱିଲିୟମ୍ ବିଲ୍ ମାକେଲେଣ୍ଟାରୀ, ଲାଇଭ ଲାଇଭ୍ ଏଜୁକେଶନର ପ୍ରତିଷ୍ଠାତା ଡ. କାନନ୍ ଗିରେଶ, ଏବଂ ଗ୍ରୀନ୍‌ମ୍ୟାନ ଅଫ୍ ଇଣ୍ଡିଆ ଡ. କେ. ଅବଦୁଲ୍ ଘନି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ଆମେରିକୀୟ ଶିକ୍ଷାବିତ୍ ତଥା ସିନ୍ କୋଭେଙ୍କ ପିତା ଲେଖକ ଷ୍ଟିଫେନ୍ କୋଭେଙ୍କ ଲିଖିତ 'ଉଚ୍ଚ ପ୍ରଭାବଶାଳୀ ଲୋକଙ୍କ ୭ ଅଭ୍ୟାସ' ପୁସ୍ତକ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅଭ୍ୟାସଗୁଡ଼ିକୁ ଛାତ୍ରୀଛାତ୍ରଙ୍କୁ ଜୀବନ କୌଶଳ ଶିଖାଇବା ସହ ଜଣେ ଜଣେ ଦକ୍ଷ ଲିଡର ଭାବେ ଗଢ଼ିତୋଳିବ ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦକ୍ଷତା ବିକାଶ ସହ ବିଦ୍ୟାଳୟର ଉନ୍ନତି ହୋଇପାରିବ ବୋଲି ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ମତ ଦେଇଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ, ଡିଏମ୍ ସ୍କୁଲ୍, କେନ୍ଦ୍ରୀୟ ବିଦ୍ୟାଳୟ-୧, ୨, ୩, ଜେଏନ୍‌ଭି ମୁଣ୍ଡୁଳି, କେଭି ମୁଣ୍ଡୁଳିର ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସିନ୍ କୋଭେ ନବୀନ ନିବାସକୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବା ସହ ନିଜ ଲିଖିତ ପୁସ୍ତକ 'ଦି ଲିଡର ଇନ୍ ମି' ପ୍ରଦାନ କରିଥିଲେ।

# ବିଜୟ ନାୟକଙ୍କ ଗଳ୍ପ ସଂକଳନ 'ମାୟାବର୍ତ୍ତ' ଉନ୍ମୋଚିତ



ଗଳ୍ପ ସଂକଳନ 'ମାୟାବର୍ତ୍ତ'କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

କଥାଶିଳ୍ପୀ ବିଜୟ ନାୟକଙ୍କ ନବମ ଗଳ୍ପ ସଂକଳନ 'ମାୟାବର୍ତ୍ତ' ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ରାଜଭବନ ପରିସରରେ ଉନ୍ମୋଚିତ ଏହି ପୁସ୍ତକରେ ଲେଖକଙ୍କ ବଛାବଛା ୨୨ଟି ଗଳ୍ପ ସ୍ଥାନିତ ହୋଇଛି। ସମାଜର ତଳସ୍ତରରେ ଥିବା ମଣିଷର ସଂଘର୍ଷ ଓ ସଂଘାତର କାହାଣୀ, ପ୍ରେମପ୍ରଣୟ, ମନୋବିଶ୍ଳେଷଣ ଉପରେ ସଂକଳନର ଗଳ୍ପଗୁଡ଼ିକ ଆଧାରିତ। ଭାବର ସାନ୍ଦ୍ରତା ଓ ଶବ୍ଦର ଲାଳିତ୍ୟ ଯୋଗୁ ଗଳ୍ପଗୁଡ଼ିକ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଉଛି। ଚିତ୍ରଶିଳ୍ପୀ ବଳଦେବ ମହାରଥାଙ୍କ ପ୍ରଚ୍ଛଦ ଏବଂ ବିଦ୍ୟାପୁରୀ ପ୍ରକାଶନ ସଂସ୍ଥା ଦ୍ୱାରା ଏହା ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ଔପନ୍ୟାସିକା ଡ. ପ୍ରତିଭା ରାୟ, କାଦମ୍ବିନୀ ସମ୍ପାଦିକା ଡ. ଇତି ସାମନ୍ତ, ଲେଖକ ବିଜୟ ନାୟକ, 'କାହାଣୀ'ର ପ୍ରକାଶିକା ତପସ୍ୱିନୀ ନାୟକ, ପ୍ରକାଶକ ଜୀବନାନନ୍ଦ ମିଶ୍ର, କବି ରକ୍ଷକ ନାୟକ ଏବଂ ଯୁବ ସାହିତ୍ୟିକ ଅମିତାଭ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ।

# ଅକ୍ତିଆରକୁ ନେଇଥିବା ଜଣାଇଲେ ରାଜ୍ୟ ସରକାର

**ଓଟିଏମ୍ ପୁନରୁଦ୍ଧାର ମାମଲା**

## ୯ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ,୬।୧୨

କଟକ ଜିଲା ଚୌଦ୍ୱାରସ୍ଥିତ ଓଡ଼ିଶା ଟେକ୍ସଟାଇଲ୍ସ ମିଲ୍ସ (ଓଟିଏମ୍)କୁ ଅଫିସିଆଲ ଲିକ୍ୟୁଡେଟରଙ୍କଠାରୁ ରାଜ୍ୟ ସରକାର ଅକ୍ତିଆରକୁ ନେଇଥିବା ସତ୍ୟପାଠ ଜରିଆରେ ମଙ୍ଗଳବାର ହାଇକୋର୍ଟଙ୍କୁ ଜଣାଇଛନ୍ତି। ଏଥିସହ ଆସନ୍ତା ୯ ତାରିଖ ପରବର୍ତ୍ତୀ ଶୁଣାଣିବେଳେ ବକେୟା ପ୍ରାପ୍ୟ ପ୍ରଦାନ ସମ୍ପର୍କରେ ହାଇକୋର୍ଟଙ୍କୁ ସୂଚିତ କରିବେ ବୋଲି ରାଜ୍ୟ ସରକାର ଅବଗତ କରାଇଛନ୍ତି। ବିଚାରପତି ବିଶ୍ୱନାଥ ରଥଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଆବେଦନକାରୀ ପୂର୍ବତନ କର୍ମଚାରୀଙ୍କ ପକ୍ଷରୁ ଆଇନଜୀବୀ ତ୍ରିଲୋଚନ ବାରିକ ମାମଲା ପରିଚାଳନା କରୁଛନ୍ତି।

ଓଟିଏମ୍ ପୁନରୁଦ୍ଧାର ପ୍ରସଙ୍ଗରେ ହାଇକୋର୍ଟ ଗତ ୨ ତାରିଖରେ ଶୁଣାଣି କରି ଡିସେମ୍ବର ୫ ତାରିଖ ଅପରାହ୍ନ ୪ଟା ସୁଦ୍ଧା ରାଜ୍ୟ ସରକାର ଓଟିଏମ୍‌କୁ ନିଜ ଅକ୍ତିଆରକୁ ନେବାକୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ। ଏଥିସହ କମ୍ପାନୀର ସମସ୍ତ ସମ୍ପତ୍ତିକୁ ରାଜ୍ୟ ସରକାର ତାଙ୍କ ପ୍ରତିନିଧିଙ୍କ ଜରିଆରେ ଅଫିସିଆଲ ଲିକ୍ୟୁଡେଟରଙ୍କଠାରୁ ଗ୍ରହଣ କରିବେ। ଏହି ସମୟ ମଧ୍ୟରେ ସରକାର ଯଦି ହସ୍ତାନ୍ତର କାର୍ଯ୍ୟ କରି ନ ପାରନ୍ତି ତେବେ ମାସକୁ ୬ ଲକ୍ଷ ଟଙ୍କା ଅଫିସିଆଲ ଲିକ୍ୟୁଡେଟରଙ୍କ ନିକଟରେ ଜମା କରିବେ ବୋଲି ନିର୍ଦ୍ଦେଶ ଥିଲା। ଏହି ନିର୍ଦ୍ଦେଶର ୨୪ ଘଣ୍ଟା ନ ପୂରୁଣୁ ୩ ତାରିଖ ମଧ୍ୟାହ୍ନ ୧୨ଟାରେ ଓଟିଏମ୍‌ର ସମସ୍ତ ସମ୍ପତ୍ତି ହସ୍ତାନ୍ତର ପ୍ରକ୍ରିୟା ଶେଷ କରାଯାଇଛି ବୋଲି ମଙ୍ଗଳବାର ସରକାର କୋର୍ଟଙ୍କୁ ସତ୍ୟପାଠ ମାଧ୍ୟମରେ ଜଣାଇଛନ୍ତି। ଏଥିରେ କମ୍ପାନୀର ସ୍ଥାବର ସମ୍ପତ୍ତି ୫୨୨ ଏକର ଜମି ସହ ଅନ୍ୟାନ୍ୟ ଅସ୍ଥାବର ସମ୍ପତ୍ତିକୁ ରାଜ୍ୟ ସରକାରଙ୍କ ପ୍ରତିନିଧି ଭାବେ ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ଅଫିସିଆଲ ଲିକ୍ୟୁଡେଟରଙ୍କଠାରୁ ଗ୍ରହଣ କରିଥିଲେ। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ କର୍ପୋରେଶନ (ଇଡ୍‌କୋ)କୁ ରକ୍ଷଣାବେକ୍ଷଣ ନିମନ୍ତେ ଦାୟିତ୍ୱ ଅର୍ପଣ କରାଯାଇଛି। ଫଳରେ ଇଡ୍‌କୋ ଓଟିଏମ୍ ପରିସରରେ ସିସିଟିଭି ଲଗାଇବା, ଆଲୋକୀକରଣ କାର୍ଯ୍ୟ ପ୍ରାରମ୍ଭିକ ପର୍ଯ୍ୟାୟରେ କରିବ ବୋଲି ଜଣାଯାଇଛି।

## 'ଜୟୀ ରାଜଗୁରୁଙ୍କୁ ସବୁଠୁ କ୍ରୁର ଦଣ୍ଡ ମିଳିଥିଲା'

ଭୁବନେଶ୍ୱର,୬।୧୨(ବ୍ୟୁରୋ)

ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ତଥା ଇଂରେଜଙ୍କ ବିରୋଧରେ ସଂଗଠିତ ପ୍ରଥମ ସଶସ୍ତ୍ର ସଂଗ୍ରାମର କର୍ଣ୍ଣଧାର ଜୟକୃଷ୍ଣ ରାଜଗୁରୁ ମହାପାତ୍ର (ଜୟୀ ରାଜଗୁରୁ)ଙ୍କ ବଳିଦାନ ଦିବସ ମଙ୍ଗଳବାର ଶହୀଦ ଜୟୀ ରାଜଗୁରୁ ଫାଉଣ୍ଡେଶନ ପକ୍ଷରୁ ଦିଲ୍ଲୀର ହାଉଜଖାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ଫାଉଣ୍ଡେଶନର ଦିଗ୍‌ଦର୍ଶକ ବ୍ରଜକିଶୋର ତ୍ରିପାଠୀ ଯୋଗଦେଇ କହିଛନ୍ତି, ୧୮୦୬ରେ ଇଂରେଜଙ୍କ ବିରୋଧରେ ଜୟୀ ରାଜଗୁରୁ ଓ ତାଙ୍କ ସାଥୀମାନେ ସଂଗ୍ରାମ କରିଥିଲେ। ଏଥିପାଇଁ ଇଂରେଜମାନେ ନିର୍ମମ ଭାବେ ଜୟୀଙ୍କ ଦୁଇଗୋଡ଼କୁ ଗଛର ଦୁଇ ଡାଳରେ ବାନ୍ଧି ଶରୀରକୁ ଫାଡ଼ି ଦେଇଥିଲେ। ଏହା ବିଶ୍ୱ ଇତିହାସରେ ସବୁଠୁ କ୍ରୁର ଦଣ୍ଡ ଥିଲା ବୋଲି ତ୍ରିପାଠୀ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ସୋମା ଚାନ୍ଦ, ସମ୍ମାନିତ ଅତିଥି ଭାବେ କବି କୁଳମଣି ବିଶ୍ୱାଳ, ପ୍ରଶାସକ ଜୟପ୍ରକାଶ ନାରାୟଣ, ଅନ୍ତର୍ରାଷ୍ଟ୍ରୀୟ ବିକାଶ ମଞ୍ଚର ଅଧ୍ୟକ୍ଷ ଅଭୟ ସିହ୍ନା, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଧାପକ କମଳାକାନ୍ତ ରାଉତ ପ୍ରମୁଖ ଯୋଗଦେଇଥିଲେ। ଫାଉଣ୍ଡେଶନର ଟ୍ରଷ୍ଟି ରାମଚନ୍ଦ୍ର ନାଥ ସ୍ୱାଗତ ଭାଷଣ ଦେଇଥିଲେ।

### ଆଜିଠୁ ଶୀତ...

ବେରୋଜଗାର ଆଦି ବହୁ ପ୍ରସଙ୍ଗ ରହିଛି। ସେଗୁଡ଼ିକ ଉପରେ କେନ୍ଦ୍ର ସରକାର ସାଧାରଣ ଜନତାଙ୍କୁ ଉତ୍ତର ଦେବାର ଆବଶ୍ୟକତା ରହିଛି ବୋଲି କଂଗ୍ରେସ ନେତା ଚୌଧୁରୀ କହିଛନ୍ତି। ଏପରି କି କେନ୍ଦ୍ର ସରକାର ଭାରତ- ଚାଇନା ସୀମା ବିବାଦକୁ ନେଇ ସୃଷ୍ଟି ହୋଇଥିବା ଅଚଳାବସ୍ଥା ସମ୍ପର୍କରେ ଗୃହରେ କୌଣସି ଠିକ୍ ତଥ୍ୟ ଉପସ୍ଥାପନ କରୁନାହାନ୍ତି। ତେଣୁ ଗୃହରେ ଏହି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯିବା ସହ କଶ୍ମୀର ପଣ୍ଡିତଙ୍କୁ ହତ୍ୟା ସମ୍ପର୍କରେ ଆଲୋଚନା କରିବାକୁ କଂଗ୍ରେସ ଦାବି କରିଛି। ସେହିପରି କଂଗ୍ରେସ ଏମ୍‌ପି ନସିର ହୁସେନ ଗୋଟିଏ ଦିନରେ ନିର୍ବାଚନ କମିଶନଙ୍କ ନିଯୁକ୍ତି ଏବଂ ଆର୍ଥିକ ଅନଗ୍ରସର ବର୍ଗ କୋଟା ସମ୍ପର୍କରେ ଆଲୋଚନା କରିବାକୁ ଦାବି କରିଥିଲେ। ଟିଏମ୍‌ସି ନେତା ସୁଦୀପ ବନ୍ଦୋପାଧ୍ୟାୟ ଏବଂ ତାଙ୍କ ଦଳର ଅନ୍ୟ ସଦସ୍ୟ, ଏବଂ ରାଜ୍ୟ ସଭା ସଦସ୍ୟ ଓ' ବ୍ରିଏନ୍ ଦରଦାମ ବୃଦ୍ଧି, ବେରୋଜଗାର, ତଦନ୍ତକାରୀ ସଂସ୍ଥାର ଅପବ୍ୟବହାର ଏବଂ ରାଜ୍ୟଗୁଡ଼ିକରେ ହେଉଥିବା ଅର୍ଥନୈତିକ ଅବରୋଧ ସମ୍ପର୍କରେ ଆଲୋଚନା କରିବାକୁ ବିରୋଧୀଙ୍କୁ ସୁଯୋଗ ଦେବାକୁ କହିଥିଲେ। ଦେଶରେ ଦେଖାଦେଇଥିବା ଆର୍ଥିକ ସଙ୍କଟ ଉପରେ ଗୃହରେ ଆଲୋଚନା କରିବାକୁ ଜୟରାମ ରମେଶ ଦାବି କରିଛନ୍ତି। ଗତ ୨୨ମାସ ଧରି ଭାରତ ଓ ଚାଇନା ମଧ୍ୟରେ ସୀମାକୁ ବିବାଦ ଲାଗି ରହିଥିବାବେଳେ କେନ୍ଦ୍ର ସରକାର ଗୃହରେ ଏ ପ୍ରସଙ୍ଗରେ ଆଲୋଚନା କରିବାକୁ ଚାହୁଁ ନାହାନ୍ତି। ଚଳିତ ଅଧିବେଶନରେ ଭାରତ-ଚାଇନା ସୀମା ବିବାଦ ପ୍ରସଙ୍ଗ କଂଗ୍ରେସ ଉଠାଇବ ବୋଲି ରମେଶ କହିଛନ୍ତି। ଶୀତ ଅଧିବେଶନ ଆରମ୍ଭ ହେବାର ଦିନକ ପରେ ଗୁଜରାଟ ଏବଂ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବ। ଏହାର ଫଳାଫଳ ଉପରେ ବିଭିନ୍ନ ଆଲୋଚନା ନିର୍ଭର କରିପାରେ ବୋଲି କୁହାଯାଉଛି। ଏହି ଶୀତ ଅଧିବେଶନ ଡିସେମ୍ବର ୭ରୁ ଆରମ୍ଭ ହୋଇ ୨୯ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୭ଟି କାର୍ଯ୍ୟ ଦିବସ ରହିଛି। ଏହି ଅଧିବେଶନ ପାର୍ଲାମେଣ୍ଟର ପୁରୁଣା ହଲ୍‌ରେ ଶେଷ ଅଧିବେଶନ ହୋଇପାରେ, କାରଣ ଆସନ୍ତା ବଜେଟ ଅଧିବେଶନ ସଂସଦର ନୂଆ ବିଲ୍ଡିଂରେ ହେବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚନ୍ଦ୍ର ଯୁକ୍ତ ମଙ୍ଗଳ ଦ୍ୱିତୀୟସ୍ଥ ଯୋଗୁ ଅର୍ଥସଂକଟ ଦୂରେଇଯିବ। କର୍ମକ୍ଷେତ୍ରରେ ବିଶେଷ କିଛି ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଯେତେ ସୁବିଧାଜନକ ଭାବରେ କରିବାକୁ ଚାହିଁଲେ ମଧ୍ୟ ସମସ୍ତ କାମ ଝିନ୍‌ଝଟ୍ ମଧ୍ୟରେ ଆଗକୁ ବଢ଼ିବ । ବିଳମ୍ବିତ ସମୟରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବାର ଆଶା ରହିଛି।

**ବୃଷ**
କର୍ମାଧିପତି ଭାଗ୍ୟସ୍ଥ ହେତୁ କର୍ମକ୍ଷେତ୍ରରେ ଅନ୍ୟର ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। କିନ୍ତୁ ଅବିଚାରପୂର୍ବକ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଈର୍ଷା ଓ ଅସୂୟାର ବଶବର୍ତ୍ତୀ ହୋଇ ମିତ୍ର ବନ୍ଧୁମାନେ ଆବଶ୍ୟକୀୟ ଅସହଯୋଗ କରିବେ। ପାରିବାରିକ କ୍ଷେତ୍ରରେ ସେପରି କିଛି ବିଶେଷ ଅସୁବିଧା ହେବନାହିଁ।

**ମିଥୁନ**
ଏକାଦଶସ୍ଥ ରାହୁଙ୍କ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ କୌଶଳରେ କାର୍ଯ୍ୟ ହାସଲ କରିନେବେ। ସ୍ଥଗିତକାମରେ ଚେଷ୍ଟାସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିପାରନ୍ତି । ସାମାଜିକ ସ୍ତରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। କଳା, ସାହିତ୍ୟ, ସଙ୍ଗୀତ ଓ କ୍ରୀଡ଼ା ପ୍ରତି ଅଭିରୁଚି ବୃଦ୍ଧି ପାଇବ।

**କର୍କଟ**
କର୍ମାଧିପ ଲାଭବାସ୍ଥ ଯୋଗୁ ପ୍ରତ୍ୟେକ ପରିସ୍ଥିତିରେ ଦୃଢ଼ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ରାଜନୈତିକ କିମ୍ବା ସାଂଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ସାମାଜିକ ସ୍ତରରେ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। ଜାଣିଶୁଣି ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ହୋହଲ୍ଲା କରିପାରନ୍ତି।

**ସିଂହ**
ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ମନର କଥାଟିକୁ ଲୁଚାଇ ରଖି ପ୍ରତ୍ୟକ୍ଷରେ ହସଖୁସୀରେ କଥାବାର୍ତ୍ତା କରିବାକୁ ବାଧ ହେବେ। ଆଜି ମଘା ନକ୍ଷତ୍ର କିନ୍ତୁ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ବିଳମ୍ବ ଘଟିପାରେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବା ଆଶଙ୍କା ରହିଛି ।

**କନ୍ୟା**
ପାପଗ୍ରମ ମଧ୍ୟସ୍ଥ ଗୁରୁ ହେତୁ ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ । ଯଥାସମ୍ଭବ କମ୍ କଥାବାର୍ତ୍ତା କଲେ କଳହରୁ ଦୂରେଇ ରହିବାରେ ସମର୍ଥ ହେବେ। ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ ।

**ତୁଳା**
କେତୁ ଓ ଅଷ୍ଟମ ଚନ୍ଦ୍ରଙ୍କ କୁପ୍ରଭାବରୁ କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ପିଲାମାନଙ୍କ କନ୍ଦଳକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆର୍ଥିକ ସଂକଟ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପାରିବାରିକ ଜୀବନରେ ଭୁଲ୍‌ବୁଝାମଣା ଅଶାନ୍ତିର କାରଣ ହୋଇପାରେ।

**ବିଛା**
ରାଶିରେ ରବିଙ୍କ ପ୍ରଭାବରୁ ଆଜି ବନ୍ଧୁଙ୍କ ସହାୟତାରେ କାର୍ଯ୍ୟସିଦ୍ଧି ସଙ୍ଗକୁ ଅର୍ଥ ଓ ସମ୍ମାନ ପାଇବେ। ଚତୁର୍ଥସ୍ଥ ଶନିଙ୍କ ଯୋଗୁ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ଦୀର୍ଘଦିନର ଆଶା ଫଳବତୀ ହେବ ଓ ନୂତନ ସମ୍ପର୍କ ସ୍ଥାପିତ ହୋଇପାରେ ।

**ଧନୁ**
ଚତୁର୍ଥସ୍ଥ ଶନି ଦୃଷ୍ଟ ଗୁରୁ ହେତୁ ଛୋଟ କଥାକୁ ଧରିବସିଲେ ଅସୁବିଧାର ସମ୍ମୁଖୀନ ହେବେ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଆର୍ଥିକ ଦୁଃସ୍ଥିତି ମାନସିକ ସ୍ତରକୁ ସଂକୁଚିତ କରିବ। ସବୁ କାମରେ ପଛୁଆ ହେତୁ ମାନେ ନିଜକୁ ଅପାରଗ ମନେ କରିପାରନ୍ତି। ଆଗାମୀ ଆନୁଷ୍ଠାନିକ କାମ ସକାଶେ ଘର ସାଜସଜ୍ଜାରେ ସମୟ ଅତିବାହିତ କରିବେ।

**ମକର**
ଚତୁର୍ଥସ୍ଥ ରାହୁଙ୍କ କୁପ୍ରଭାବରୁ ସାମାଜିକ ସ୍ତରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। କିନ୍ତୁ ରାଜନୈତିକ ଗ୍ରହ ରବି ଓ ରାହୁ ହେତୁ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ । ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଶତ୍ରୁପୀଡ଼ାଜନିତ ଟେନ୍ସନ ଲାଗି ରହିବାର ଆଶଙ୍କା ରହିଛି ।

**କୁମ୍ଭ**
ଆଜିର ଗ୍ରହସ୍ଥିତି ଭଲ ରହିଥିବାରୁ ଯାହା ଚାହିଁବେ ତାହା ଅବଶ୍ୟ ପାଇପାରିବେ। କିନ୍ତୁ ଧନିଷ୍ଠା ନକ୍ଷତ୍ର ଯୋଗୁ ବିଭିନ୍ନ ପ୍ରକାରର ଅସୁବିଧା ଓ ପ୍ରତି ବନ୍ଧକ ଭିତରେ ଚଳିବାକୁ ପଡ଼ିବ। ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ସଫଳତା ହାସଲ କରିପାରନ୍ତି। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**ମୀନ**
ବୁଧ ଓ ଶୁକ୍ର କର୍ମଭାବସ୍ଥ ଯୋଗୁ କାର୍ଯ୍ୟହାସଲ ହେବା କାରଣରୁ ମାନସିକ ସ୍ଥିତି ଆଜି ପ୍ରାୟତଃ ଭଲ ରହିବ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ କୂଟନୈତିକ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିପାରେ। ରେବତୀ ନକ୍ଷତ୍ର ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିପାରନ୍ତି ।

ଆଜି ଡିସେମ୍ବର ୭ ତାରିଖ, ମାର୍ଗଶିର ଚତୁର୍ଦ୍ଦଶୀ ଯୁକ୍ତ ପଣ୍ଡୁ ପୂର୍ଣ୍ଣିମା ବୁଧବାର, ଶ୍ରୀମନ୍ଦିରରେ ପଣ୍ଡୁ ନୃସିଂହ ବିଜେ, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ରାଶିନକ୍ଷତ୍ର-ଦିବା ଘ.୧୦.୨୫ମି. ପର୍ଯ୍ୟନ୍ତ କୃତ୍ତିକା/ବୃଷ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୬.୧୨ମି. ଗତେ ଘ.୦୮.୨୨ମି. ମଧ୍ୟେ, ଘ. ୧୦.୩୨ମି. ଗତେ ଘ.୧୧.୩୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୭ମି. ଗତେ ଘ. ୧୨.୫୯ମି. ମଧ୍ୟେ ରାହୁକାଳ।

## ‘ପୁଷ୍ଟି-ବଜେଟ ପ୍ରସ୍ତୁତିରେ ଓଡ଼ିଶା ପ୍ରଥମ ରାଜ୍ୟ’

ଭୁବନେଶ୍ୱର, ୬।୧୨(ବ୍ୟୁରୋ): ଓଡ଼ିଶାରେ ଶିଶୁ ଅପପୁଷ୍ଟି ଓ ଗେଡ଼ାପଣ କମାଇବା ସହ ଏଥିପାଇଁ ପୂର୍ଣ୍ଣ କ୍ଷେତ୍ର ପ୍ରସ୍ତୁତ କରାଯାଉଥିବା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ମଙ୍ଗଳବାର ସ୍ଥାନୀୟ ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ‘ଭାରତରେ ଶିଶୁ ଅପପୁଷ୍ଟି ଓ ଗେଡ଼ାପଣ ନିରାକରଣ’ ଶୀର୍ଷକ ଜାତୀୟ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁରେଶ ମହାପାତ୍ର ଆହୁରି କହିଛନ୍ତି, ପୃଷ୍ଟି-ବଜେଟ୍ ପ୍ରସ୍ତୁତିରେ ଓଡ଼ିଶା ପ୍ରଥମ ରାଜ୍ୟ। ବର୍ତ୍ତମାନ ରାଜ୍ୟ ସରକାର ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟିଯୋଗାଣ ଏବଂ ପରିମଳ ଭଳି ସାମାଜିକ କ୍ଷେତ୍ରଗୁଡିକରେ ବିପୁଳ ପୁଞ୍ଜି ବିନିଯୋଗ କରୁଛନ୍ତି। ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୯୬.୫ ଲକ୍ଷ ପରିବାର ସାମିଲ ହେବା ସହ ୭୫ ହଜାର ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ଅତିରିକ୍ତ ପୁଷ୍ଟି ଯୋଗାଣ କାର୍ଯ୍ୟକ୍ରମ ଚାଲିଛି। ସେହିପରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଟେକହୋମ୍ ରାସନ, ୫୫ ହଜାର ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଗାଇବା ଏବଂ ସହରାଞ୍ଚଳରେ ଆହାର କେନ୍ଦ୍ର ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଭିଟାମିନ୍ ଯୁକ୍ତ ଚାଉଳ ଓ ମାଣ୍ଡିଆ ଯୋଗାଣ ଆଦି କାର୍ଯ୍ୟକ୍ରମ ଓଡ଼ିଶାରେ ଜାରି ରହିଥିବା ସେ କହିଛନ୍ତି। ଆଲୋଚନା ଚକ୍ରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ଶାସନ ସଚିବ ଶୁଭା ଶର୍ମା, ୟୁନିସେଫ୍ ନିୟୁଟ୍ରିସନ ମୁଖ୍ୟ ଆରଜନ ଡି ୱାଗ୍ ଶିଶୁ ଅପପୁଷ୍ଟି ଓ ଗେଡ଼ାପଣ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRE
ONE SALES OFFICER (M) having own Vehicle and one FEMALE OFFICE ASSISTANT having experience in Tally for a Distribution firm located in Baripada.
Contact: ratnakar4@gmail.com/
9712292388

ଆବଶ୍ୟକ
ବାଡ଼ିବଗିଚା କାମ ପାଇଁ ଏବଂ କୁକୁଡ଼ା ଫାର୍ମ ପାଇଁ ଦୁଇ ଜଣ ଲୋକ ରହିବା, ଖାଇବା ସହ 10,000/-, ନଖରା କଟକ କିମ୍ବା ସ୍ୱାମୀ ସ୍ତ୍ରୀ କାମ କଲେ 15,000/- ଦିଆଯିବ।
ଯୋଗାଯୋଗ: 7809525452

SAINIK SCHOOL, SAMBALPUR (ODISHA)
(Ministry of Defence, New Delhi)
WALK-IN-INTERVIEW ON 08 DECEMBER 2022
(NOTE: THIS IS NOT A STATE OR CENTRAL GOVERNMENT JOB)
1. Walk-in-Interviews are scheduled at Sainik School, Sambalpur on 08 December 2022. Candidates, who have experience in the following posts may attend the Walk-in-Interview at 0800 hrs on 08 December 2022. The appointment will be purely on temporary basis. The salary will be paid as per Rules & Regulations. For full details of age, qualification, etc., please visit School website: **www.sainikschoolsambalpur.in**. The School administration reserves the right to cancel the vacancy due to adminsitrative reasons.

| Sl. No. | Name of Post | No. of Posts | Type of Vacancy | Category |
|---|---|---|---|---|
| (a) | Matron | 01 | Temporary Basis | UR |
| (b) | General Employee (MTS) | 01 | Temporary Basis | ST |

Place/Date: Sambalpur/08 Dec. 2022
Principal, Sainik School, Sambalpur

WANTED
ଧରିତ୍ରୀ DHARITRI Oriya daily
is looking for
MARKETING EXECUTIVES
Roles and Responsibilities:-
- Must have retail, corporate client base in designated locations.
- Capable to aggressively chase sales targets
- Hands-on experience in content management.
- Drive new client acquisition.
- Conduct market research and analysis to evaluate trends, brand awareness and competition ventures.

Requirements:-
- Candidates must have minimum 3-5 years experience in Space Selling for Print Media.
- Excellent Marketing, negotiation and analytical skills.
- Effective time management skills.

Apply immediately to :
recruitment@dharitri.com
Attractive salary commensurate with experience

WANTED

| Sl. No. | Post | Qualification | Sex | Experience | Salary | Nos. |
|---|---|---|---|---|---|---|
| 1 | Captain (Supervisor) | | M | 1 year | 16,000 | 6 |
| 2 | Store Keeper | | M | | 9,000 | 6 |
| 3 | Caretaker | | M | | 9,000 | 6 |
| 4 | Office Staff (Stock) | PGDCA & Tally | M | | 12,000 | 2 |

Cont. Details: KM Convention (Wedding Hall), Bhubaneswar
Send your resume by mail or Whatsapp (9556924496)
Mail Id: khatamitha717@gmail.com
Cont. No.: 9556924496 (Cont. between 10.30 A.M. to 4 P.M.)

WANTED
ଧରିତ୍ରୀ DHARITRI Oriya daily
is looking for
DIGITAL MARKETING SPACE SELLING EXECUTIVES
- Having 3-6 years + experience in Digital Marketing.

Roles and Responsibilities -
- Responsible for online ad space selling.
- Well versed with Media Clients and Agencies (B2B advertising on our company digital platforms).
- Must have retail, corporate client base in designated locations.
- Capable to aggressively chase sales targets.
- Hands-on experience in content management.
- Drive new client acquisition.
- Proficiency in social media platforms.

Apply within 7 days to :
recruitment@dharitri.com
Attractive salary commensurate with experience

# କଳାପଟା ନାହିଁ, କବାଟରେ ଲେଖା ହେଲା ପ୍ରଶ୍ନ

**■ ପରୀକ୍ଷାର୍ଥୀଙ୍କୁ ୨ୟ ଦିନରେ ବି ମିଳିଲାନି ପ୍ରଶ୍ନପତ୍ର**
**■ ୫-ଟି ରୂପାନ୍ତରଣ ବିଦ୍ୟାଳୟରେ ଅବ୍ୟବସ୍ଥା**

**ଧର୍ମଶାଳା,୬।୧୨(ଡି.ଏନ୍.ଏ.)**

ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ୫-ଟି ମାଧ୍ୟମରେ ବିପୁଳ ଟଙ୍କା ବ୍ୟୟ କରିଚାଲିଛନ୍ତି। ହେଲେ ଯାଜପୁର ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ଜିଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଣ୍ଡିଆ ଗ୍ରାମରେ ଥିବା ୫-ଟି ରୂପାନ୍ତରରଣ ପଞ୍ଚାୟତ ହିଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ପରି ମଙ୍ଗଳାବର ମଧ ପିଲାଙ୍କୁ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଯୋଗାଇ ଦିଆଯାଇନାହିଁ। ଫଳରେ ଶିକ୍ଷକଙ୍କ ଦ୍ୱାରା ବ୍ଲାକ୍ ବୋର୍ଡ ଓ ଶ୍ରେଣୀଗୃହ କବାଟରେ ଲେଖାଯାଇଥିବା ପ୍ରଶ୍ନକୁ ଦେଖି ପିଲା ଉତ୍ତର ଲେଖିଛନ୍ତି। ଉକ୍ତ ସ୍କୁଲର କେତେକ ଶ୍ରେଣୀଗୃହରେ କଳାପଟା ନ ଥିବାରୁ ଶ୍ରେଣୀଗୃହ କବାଟକୁ କଳାପଟା କରାଯାଇ ପ୍ରଶ୍ନ ଲେଖାଯାଇଛି, ଯାହାକି ଶିକ୍ଷା ବିଭାଗର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ମୁତାବକ, ସମଗ୍ର ଶିକ୍ଷା ଅଭିଯାନରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଷାଣ୍ମାସିକ ପରୀକ୍ଷା ପାଇଁ ସ୍କୁଲ୍‌ଗୁଡିକୁ



ଶ୍ରେଣୀଗୃହ କବାଟରେ ଜଣେ ଶିକ୍ଷକ ପ୍ରଶ୍ନ ଲେଖୁଛନ୍ତି।

ନିର୍ଦ୍ଦେଶ ଦିଆଯାଇଛି। ଏହିକ୍ରମରେ ଅଣ୍ଡିଆସ୍ଥିତ ପଞ୍ଚାୟତ ହିଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସୋମବାରଠାରୁ ପରୀକ୍ଷା ଆରମ୍ଭ ହୋଇଛି। ସୋମବାର ପ୍ରଥମ ଦିନ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଆସିଥିବା ବେଳେ ସ୍କୁଲ୍‌କୁ ପ୍ରଶ୍ନପତ୍ର ଆସି ନ ଥିଲା। ଫଳରେ ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏ ସମ୍ପର୍କରେ ଅଭିଭାବକ ଜାଣିପାରି ସ୍କୁଲର ପ୍ରଧାନଶିକ୍ଷୟିତ୍ରୀଙ୍କ ଅବହେଳାକୁ ଦାୟୀ କରିଥିଲେ। ମାତ୍ର ଅନିବାର୍ଯ୍ୟ କାରଣ ଯୋଗୁ ପ୍ରଶ୍ନପତ୍ର ଆଣିବା ସମ୍ଭବପର ହୋଇ ନ ଥିବା ପ୍ରଧାନଶିକ୍ଷୟିତ୍ରୀ କହିଥିଲେ। ପରେ ଅଭିଭାବକ, ସ୍କୁଲ କମିଟି ସଦସ୍ୟ ଓ ଶିକ୍ଷକମାନଙ୍କ ସହିତ ଆଲୋଚନା କରାଯାଇ ଶ୍ରେଣୀଗୃହର କଳାପଟା ଓ ଶ୍ରେଣୀ କବାଟରେ ପ୍ରଶ୍ନ ଲେଖାଯାଇଥିଲା। ପରୀକ୍ଷାର୍ଥୀ ସେଠାରୁ ପ୍ରଶ୍ନ ଦେଖି ଉତ୍ତର ଲେଖିଥିଲେ। ତେବେ ୨ୟ ଦିନରେ ମଧ ସମାନ ଅବସ୍ଥା ହୋଇଥିବାରୁ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଏହି ସ୍ଥିତିରେ ସୁଧାର ଆଣିବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ପଣ୍ଡାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ କୌଣସି ଉତ୍ତର ମିଳି ପାରିନାହିଁ। ସେହିପରି ବ୍ଲକ୍ ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ କଲ୍ ରିସିଭ୍ କରି ନ ଥିଲେ।

# ଗାଁ ଗାଁରେ ହକି ଓ ଫୁଟବଲ ଟୁର୍ନାମେଣ୍ଟ



ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥି। ଜିଲାପାଳ ଡା. ପରାଗ ହର୍ଷଦ ଗାଭାଲି ଅଭିଭାଷଣ ପ୍ରଦାନ କରୁଛନ୍ତି।

## ହକି ବିଶ୍ୱକପ୍ ପାଇଁ ସୁନ୍ଦରଗଡ ପ୍ରଶାସନ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ

**ସୁନ୍ଦରଗଡ,୬।୧୨(ଡି.ଏନ.ଏ.)**

ହକିବିଶ୍ୱକପ୍ ପାଇଁ ସୁନ୍ଦରଗଡ ଜିଲା ଉତ୍ସବମୁଖର ହୋଇଉଠିଛି। ରାଉରକେଲା ସହର ସମେତ ସମଗ୍ର ଜିଲାରେ ଉତ୍ସବର ମାହୋଲ ସୃଷ୍ଟି କରିବାକୁ ପ୍ରଶାସନ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଭାରତୀୟ ହକିକୁ ବିଶେଷ ଅବଦାନ ଦେଇଥିବା ଏହି ଜିଲାର ବାଲିଶଙ୍କରା ବ୍ଲକ ସଉନାମରା ଗାଁରୁ ଏହି କ୍ରମରେ ମଙ୍ଗଳବାର ଜିଲାସ୍ତରୀୟ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାର ଶୁଭାରମ୍ଭ କରାଯାଇଛି। ଏହିଅବସରରେ ଜିଲାର ସମସ୍ତ ୧୭ଟି ବ୍ଲକର ୨୭୯ଟି ଗ୍ରାମପଞ୍ଚାୟତ ସ୍ତରରେ ଏକାସାଙ୍ଗେ ହକି ଏବଂ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ବ୍ଲକ ସ୍ତରରେ ହୋଇ ଜିଲାସ୍ତରରେ ପହଞ୍ଚିବ। ଏଥିରେ ହକି ଲାଗି ୮୦୦ରୁ ଅଧିକ ଏବଂ ଫୁଟବଲ ଲାଗି ୧୧୦୦ରୁ ଅଧିକ ଟିମ୍ ପଞ୍ଜୀକରଣ କରିଛନ୍ତି। ପ୍ରାୟ ୧ ମାସ ଧରି ଏହି ପ୍ରତିଯୋଗିତା ଚାଲିବ। ଏହି ଅବସରରେ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲିଙ୍କ ଅଧ୍ୟକ୍ଷତାରେ ସଉନାମରା ହାଇସ୍କୁଲ ପଡିଆଠାରେ ମଙ୍ଗଳବାର ଏହି ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରାଯାଇଥିଲା। ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ସଉନାମରା ଗାଁ ମାଟିର ପୁଅ ତଥା ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଡକ୍ଟର ଦିଲୀପ ତିର୍କୀ ଏବଂ ସେହି ଗାଁର ଝିଅ ତଥା ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ସୁଭଦ୍ରା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




# ୨ ହତ୍ୟାକାରୀ ଭାଇଙ୍କୁ ଆଜୀବନ କାରାଦଣ୍ଡାଦେଶ

**ନୂଆପଡ଼ା ଅଫିସ,୬।୧୨**

ନୂଆପଡା ଜିଲା ଖଡ଼ିଆଳ ଥାନା ନେହେନା ଗ୍ରାମରେ ୨୦୧୪ରେ ଘଟିଥିବା ଏକ ହତ୍ୟାକାଣ୍ଡର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଜିଲା ଦେୱାନୀ ଓ ଦୌରାଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ୨ ହତ୍ୟାକାରୀ ଭାଇଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ ନରୋତ୍ତମ ଟାହାଣି ଓ ଦେବାର୍ଚ୍ଚନ ଟାହାଣି। ସୂଚନା ମୁତାବକ ଖଡ଼ିଆଳ ଥାନା ଅଧୀନ ନେହନା ଗାଁର ଗୌତମ, ନରୋତ୍ତମ ଓ ଦେବାର୍ଚ୍ଚନ ୩ ଭାଇଙ୍କ ମଧ୍ୟରେ ଜମିବାଡିକୁ ନେଇ ତିକ୍ତତା ଲାଗି ରହିଥିଲା। ୨୦୧୪ ଜୁନ ୭ରେ ଗୌତମ ପୁଅ ଓମ୍‌ପ୍ରକାଶଙ୍କୁ ସାଙ୍ଗରେ ନେଇ ଜମିକୁ ଯାଇଥିଲେ। ସେଠାରେ ସାନ ଭାଇ ଦେବାର୍ଚ୍ଚନଙ୍କ ସହ ତାଙ୍କର ପାଟିତୁଣ୍ଡ ଓ କଥା କଟାକଟି ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଦେବାର୍ଚ୍ଚନ ସେଠାରୁ ଯାଇ ଅନ୍ୟ ଜମିରେ କାମ କରୁଥିବା ଭାଇ ନରୋତ୍ତମଙ୍କୁ ଡାକି ଆଣିଥିଲେ। ଦୁଇ ଭାଇ ନରୋତ୍ତମ ଓ ଦେବାର୍ଚ୍ଚନ ବଡ଼ଭାଇ ଗୌତମଙ୍କୁ ପୁଅ ଓମପ୍ରକାଶଙ୍କ ସମ୍ମୁଖରେ ଏକ ଠେଙ୍ଗାରେ ନିସ୍ତୁକ ମାଡ ମାରିଥିଲେ। ଗୌତମ ରକ୍ତାତ ହୋଇପଡିଥିଲେ ହେଁ ପୁଅ ଓମ୍‌ପ୍ରକାଶ ନିରୁପାୟ ହୋଇ ଛିଡାହୋଇଥିଲେ। ଖବର ପାଇ ଗୌତମଙ୍କ ଶାଳକ ପଞ୍ଚାନନ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ତାଙ୍କର ପ୍ରାଣବାୟୁ ଚାଲି ଯାଇଥିଲା। ପଞ୍ଚାନନ ଖଡିଆଳ ଥାନାରେ ଭିଣୋଇ ଗୌତମଙ୍କୁ ତାଙ୍କ ୨ ଭାଇ ଦେବାର୍ଚ୍ଚନ ଓ ନରୋତ୍ତମ ମାରି ଦେଇଥିବା ଲିଖିତ ଅଭିଯୋଗ କରିଥିଲେ। ଖଡିଆଳ ଥାନାରେ ଦଫା ୩୦୨/୩୪ରେ ଏକ ମାମଲା (ନଂ. ୧୨୨/୨୦୧୪) ରୁଜୁ ହୋଇଥିଲା। ଘଟଣାର ପ୍ରାୟ ୮ ବର୍ଷ ୬ ମାସ ପରେ ୧୯ଜଣଙ୍କ ସାକ୍ଷ୍ୟ, ୧୫ଟି ଦସ୍ତାବିଜ ଓ ଗୋଟିଏ ସାମଗ୍ରୀ ତଥ୍ୟ ଆଧାରରେ ଜିଲା ଦେୱାନୀ ଓ ଦୌରାଜଜ୍ ମାମଲାର ବିଚାର କରି ଉଭୟ ଭ୍ରାତୃହନ୍ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସେତରାମ ଦେବାଙ୍ଗନ ମାମଲା ପରିଚାଳନା କରୁଥିବା ବେଳେ ସରକାରଙ୍କ ପକ୍ଷରୁ ଜିଲା ପବ୍ଲିକ ପ୍ରସିକ୍ୟୁଟର ବେଣୁଲାଲା ପ୍ରଧାନ ମାମଲା ପରିଚାଳନା କରିଥିଲେ।

DADLS - 71

सत्यमेव जयते

MESSAGE



On the occasion of Armed Forces Flag Day-2022, I extend my warm felicitation and good wishes to all ranks of the Armed Forces as well as our Ex-Servicemen and their families.

The Armed Forces have exhibited exemplary courage, valour and patriotism in preserving the sovereignty and territorial integrity of our mother land. Many brave and gallant heroes from the Armed Forces have laid down their lives in the service of our nation. During ongoing cross-border terrorism and counter insurgency operation, our Armed Forces have lost and continue to lose many valuable lives. The Armed Forces Flag Day provides us an opportunity to express our solidarity with the Armed Forces personnel by contributing to Flag Day Fund which is utilised for the welfare and rehabilitation of war widows, children of martyrs, disabled soldiers and Ex- Servicemen.

I appeal to all citizens to come forward and contribute generously for this noble cause and convey our respect "for the soldiers who sacrifice their today for our better tomorrow".

Jai Hind !

(Prof. Ganeshi Lal)
Governor, Odisha

सत्यमेव जयते

MESSAGE



On the occasion of Armed Forces Flag day on 7th December 2022, I extend my greetings and best wishes to the Armed Forces personnel in uniform, War Widows, Ex-Servicemen and their families.

The Armed Forces personnel have set exemplary standards of dedication, patriotism and courage in protecting the unity and territorial integrity of our motherland. They not only defend the boarders of our great nation but also render valuable service during natural calamities and combating internal insurgencies. This day gives us an opportunity to express our gratitude to our valiant soldiers, sailors and airmen by contributing generously to Armed Forces Flag Day Fund.

I appeal to all my fellow citizens to contribute generously to the Armed Forces Flag Day Fund, to support the welfare of War Widows, Disabled Soldiers, Ex-Servicemen and their families.

(Naveen Patnaik)
Chief Minister, Odisha

OIPR-15001/13/0201/2223

# ଡିଜିଟାଲ ବ୍ୟବଧାନ

ଭାରତ ସରକାର ୧ ଜୁଲାଇ ୨୦୧୫ରେ 'ଡିଜିଟାଲ ଇଣ୍ଡିଆ' ଅଭିଯାନ ଆରମ୍ଭ କରିଥିଲେ। ଜନସାଧାରଣଙ୍କୁ ପ୍ରଯୁକ୍ତି ମାଧ୍ୟମରେ ସରକାରୀ ସୁବିଧା ଯୋଗାଇ ଦେଇ ସେମାନଙ୍କୁ ଡିଜିଟାଲ ସଶକ୍ତ କରିବା ଏହାର ଲକ୍ଷ୍ୟ ଥିଲା। ଏପରିକି ଗ୍ରାମାଞ୍ଚଳକୁ ଇଣ୍ଟରନେଟ୍‌ରେ ସଂଯୋଗ କରାଯାଇ ଏକ ଦୃଢ଼ ଭିତ୍ତିଭୂମି ସୃଷ୍ଟି କରାଯାଇପାରିବ ବୋଲି ସେତେବେଳେ କୁହାଯାଇଥିଲା। ଏହି ଯୋଜନାକୁ ୭ ବର୍ଷ ପୂରିଯାଇଥିଲେ ମଧ୍ୟ ଡିଜିଟାଲ ବିକାଶ କ୍ଷେତ୍ରରେ ଭାରତ ପଛରେ ପଡ଼ିରହିଥିବା ଅକ୍ସଫାମ୍ ଇଣ୍ଡିଆ ପକ୍ଷରୁ ସଦ୍ୟ ପ୍ରକାଶିତ 'ଇଣ୍ଡିଆ ଇନିକ୍ୱାଲିଟି ରିପୋର୍ଟ ୨୦୨୨: ଡିଜିଟାଲ ଡିଭାଇଡ୍'ରୁ ସ୍ପଷ୍ଟ ଅନୁମେୟ। ଏଥିରେ ଦର୍ଶାଯାଇଛି ଯେ, ୨୦୨୧ ସୁଦ୍ଧା ଭାରତରେ ମାତ୍ର ୩୧ ପ୍ରତିଶତ ମହିଳାଙ୍କ ନିକଟରେ ଫୋନ୍ ଥିବା ବେଳେ ୬୧ ପ୍ରତିଶତ ଫୋନ୍ ପୁରୁଷଙ୍କ ନିକଟରେ ରହିଛି। ଡିଜିଟାଲ ଟେକ୍ନୋଲୋଜି ପୁରୁଷ, ସହରାଞ୍ଚଳ, ଉଚ୍ଚଜାତି, ସମ୍ଭ୍ରାନ୍ତ ବର୍ଗର ବ୍ୟକ୍ତି ଓ ପରିବାର ନିକଟରେ ଅଧିକ ରହିଛି। ସମାଜରେ ଜାତି, ଧର୍ମ, ଲିଙ୍ଗ, ଶ୍ରେଣୀ ତଥା ଭୌଗୋଳିକ ସ୍ଥିତିର ଅସମାନତା ଭଳି ସାମାଜିକ ବ୍ୟବଧାନ ଡିଜିଟାଲ ବିଶ୍ୱରେ ମଧ୍ୟ ଦୃଶ୍ୟମାନ ହେଉଛି।

ଆଜିର ବୈଷୟିକ ଉନ୍ନତି ଯୁଗରେ ଇଣ୍ଟରନେଟ୍‌ଭିତ୍ତିକ ସେବା ଲୋକଙ୍କ ପାଖରେ ଯେତେ ପହଞ୍ଚିପାରୁଛି, ସେମାନେ ସହଜରେ ସେବା ପାଇପାରୁଛନ୍ତି। କେନ୍ଦ୍ର ସରକାର ବାରମ୍ବାର କହୁଛନ୍ତି ଯେ, ଭାରତ ବୈଷୟିକ ତଥା ପ୍ରଯୁକ୍ତି କ୍ଷେତ୍ରରେ ବହୁ ଉଚ୍ଚ ସ୍ତରରେ ଯାଇ ପହଞ୍ଚିଛି। ହେଲେ ଅନ୍ତର୍ଜାତୀୟ ସ୍ତରର ଗବେଷଣା ତଥା ସର୍ଭେ ସଂସ୍ଥାଗୁଡ଼ିକ ଦେଉଥିବା ତଥ୍ୟଠାରୁ ସରକାରଙ୍କ ତଥ୍ୟରେ ଢେର ପ୍ରଭେଦ ରହୁଛି। ଡିଜିଟାଲ ଫାଙ୍କକୁ ବୁଜିବା ଲାଗି ଏକାନ୍ତ ଆବଶ୍ୟକ ଉପାଦାନ ହେଉଛି ଭିତ୍ତିଭୂମିର ଉପଲବ୍ଧତା। ଡିସେମ୍ବର ୨୦୨୧ରେ ଲୋକ ସଭାରେ ସରକାରୀ ଭାବେ କୁହାଯାଇଥିଲା ଯେ, ଦେଶର ୯୩ ପ୍ରତିଶତ ଗ୍ରାମରେ ୩ଜି କିମ୍ବା ୪ଜି ସଂଯୋଗ ହୋଇପାରିଛି। କିନ୍ତୁ ବାସ୍ତବତା ଭିନ୍ନ ଚିତ୍ର ଆଙ୍କୁଛି। କୋଭିଡ୍ ସମୟରେ ଛାତ୍ରୀଛାତ୍ରଙ୍କୁ ଯେଉଁଭଳି ଭାବେ ଅନ୍‌ଲାଇନ୍ ଶିକ୍ଷା ପ୍ରଦାନର ବ୍ୟବସ୍ଥା କରାଗଲା, ସେଥିରୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପ୍ରଭେଦ ସହିତ ଧନୀ ଓ ଗରିବଙ୍କ ମଧ୍ୟରେ ତାରତମ୍ୟ ସ୍ପଷ୍ଟ ଜଣାପଡୁଥିଲା। ଏହି ସତ୍ୟକୁ ଭାରତ ସରକାର ଆଜି ପର୍ଯ୍ୟନ୍ତ ଗ୍ରହଣ କରୁନାହାନ୍ତି। ୯୩ ପ୍ରତିଶତ ଗ୍ରାମକୁ ଇଣ୍ଟରନେଟ୍ ସହ ଯୋଡ଼ାଯାଇଥିବା ସରକାରୀ ଦାବି ବିଶ୍ୱାସଯୋଗ୍ୟ ହେଉନାହିଁ। ମହିଳାଙ୍କ ଫୋନ୍ ବ୍ୟବହାର ପ୍ରତିଶତ କମ୍ ରହିବାର ଅନ୍ୟତମ କାରଣ ହେଉଛି ଲିଙ୍ଗଗତ ଅସମାନତା। ଏଥିସହିତ କୋଭିଡ୍–୧୯ ପରେ ମହିଳାଙ୍କ ଆୟ କମିଯାଇଥିବା ଦେଖାଯାଇଛି। କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ଯୋଗଦାନ ଯଥେଷ୍ଟ ହ୍ରାସ ପାଇଥିବାରୁ ଆୟରେ ଏଭଳି ତାରତମ୍ୟ ଲକ୍ଷ୍ୟ କରାଯାଇଛି।

> ଉପଯୁକ୍ତ ପରିସଂଖ୍ୟାନ ଯୋଜନା ବା ନୀତି ପ୍ରଣୟନ ପାଇଁ ଉପାଦେୟ ହୋଇଥାଏ। ସହରାଞ୍ଚଳ–ଗ୍ରାମାଞ୍ଚଳ, ଧନୀ–ଦରିଦ୍ର, ଲିଙ୍ଗ ଓ ଜାତିଗତ ପ୍ରଭେଦ ଭାରତର ପ୍ରତି କ୍ଷେତ୍ରରେ ଦେଖିବାକୁ ମିଳୁଛି। ଡିଜିଟାଲ ବିଶ୍ୱରେ ତାହାର ପ୍ରଭାବ ଅତି ସ୍ପଷ୍ଟ ହୋଇଯାଉଛି। ଯଦି ନୀତିରେ ପରିବର୍ତ୍ତନ ଆଣି ସାମାଜିକ ତଫାତ୍‌ଗୁଡ଼ିକୁ ଦୂରେଇ ହେବ, ତେବେ ଡିଜିଟାଲ ସମନ୍ୱୟ ପାଇଁ ଆଶା କରିବା ଯଥାର୍ଥ ହେବ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଡିଜିଟାଲ ଇଣ୍ଡିଆରେ ଦେଶର ପ୍ରତି ବର୍ଗଙ୍କ ସ୍ଥିତି କିଭଳି ରହିଛି ତାହାର ବାସ୍ତବ ତଥ୍ୟ ଉପସ୍ଥାପନ କରାଯିବା ଦରକାର। ଯେହେତୁ ପରିସଂଖ୍ୟାନ ସରକାରଙ୍କ ମିଜାଜକୁ ଲକ୍ଷ୍ୟରେ ରଖାଯାଇ ପ୍ରସ୍ତୁତ କରାଯାଉଛି, ସେହି ଅନୁଯାୟୀ ଠିକ୍ ତଥ୍ୟ ଆସିପାରୁ ନାହିଁ। ଉପଯୁକ୍ତ ପରିସଂଖ୍ୟାନ ଯୋଜନା ବା ନୀତି ପ୍ରଣୟନ ପାଇଁ ଉପାଦେୟ ହୋଇଥାଏ। ସହରାଞ୍ଚଳ–ଗ୍ରାମାଞ୍ଚଳ, ଧନୀ–ଦରିଦ୍ର, ଲିଙ୍ଗ ଓ ଜାତିଗତ ପ୍ରଭେଦ ଭାରତର ପ୍ରତି କ୍ଷେତ୍ରରେ ଦେଖିବାକୁ ମିଳୁଛି। ଡିଜିଟାଲ ବିଶ୍ୱରେ ତାହାର ପ୍ରଭାବ ଅତି ସ୍ପଷ୍ଟ ହୋଇଯାଉଛି। ଯଦି ନୀତିରେ ପରିବର୍ତ୍ତନ ଆଣି ସାମାଜିକ ତଫାତ୍‌ଗୁଡ଼ିକୁ ଦୂରେଇ ହେବ, ତେବେ ଡିଜିଟାଲ ସମନ୍ୱୟ ପାଇଁ ଆଶା କରିବା ଯଥାର୍ଥ ହେବ।

# ଶିକ୍ଷିତ ଓ ଶିକ୍ଷାପ୍ରାପ୍ତ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ସା ବିଦ୍ୟା ଯା ବିମୁକ୍ତୟେ...ବିଦ୍ୟାନ୍ୟାଶିଳ୍ପ ନୈପୁଣଂ (ବିଷ୍ଣୁ ପୁରାଣ) ଅର୍ଥାତ୍ ଯାହା ଅବିଦ୍ୟା ବା ଅଜ୍ଞାନରୁ ମୁକ୍ତିଦିଏ ତାହା ହିଁ ପ୍ରକୃତ ବିଦ୍ୟା ଓ ଅନ୍ୟ ବିଦ୍ୟା ସବୁ କଳା କୌଶଳ ମାତ୍ର। ବୈଦିକ ଯୁଗରେ ବିଦ୍ୟାକୁ ଦୁଇ ଭାଗରେ ବିଭକ୍ତ କରାଯାଉଥିଲା। ମୁଣ୍ଡକ ଉପନିଷଦରେ ଶୌନକ ଋଷି ଅଙ୍ଗିରାଙ୍କଠାରୁ ଏହି ବିଦ୍ୟା ସମ୍ପର୍କରେ ଜାଣିବାକୁ ଚାହାନ୍ତେ ଅଙ୍ଗିରା କହିଲେ ''ଋକ୍‌ବେଦ, ଯଜୁର୍ବେଦ, ସାମ୍‌ବେଦ, ଅଥର୍ବ ବେଦ, ଶିକ୍ଷା, କଳ୍ପ ବ୍ୟାକରଣ, ଛନ୍ଦ ଓ ଜ୍ୟୋତିଷ– ଏସବୁ ଅପରାବିଦ୍ୟା; ଯଦ୍ଦ୍ୱାରା ଅକ୍ଷର ବ୍ରହ୍ମଙ୍କୁ ପ୍ରାପ୍ତ କରିହୁଏ ତାହା ହେଲା ପରାବିଦ୍ୟା।'' ଏହି ପରାବିଦ୍ୟା ହେଉଛି ଉପଲବ୍ଧ ବିଦ୍ୟା। ତାହା ଚେତନାରେ ଏକ ସ୍ପନ୍ଦନ ଭାବରେ କେବଳ ବିଦ୍ୟାର୍ଥୀ ହିଁ ଅନୁଭବ କରିପାରେ। ଏହି ବିଦ୍ୟାରେ ଅଭିବ୍ୟକ୍ତିର ଆବଶ୍ୟକତା ନ ଥାଏ। ଅପରପକ୍ଷରେ ଅପରାବିଦ୍ୟା ହେଉଛି ଆହରିତ ବା ଅର୍ଜିତ ବିଦ୍ୟା ଏବଂ ପ୍ରାରମ୍ଭରେ ଏହା ସ୍ମୃତିରେ ଲିପିବଦ୍ଧ ହେଉଥିଲା। ବିଦ୍ୟା ଶିଷ୍ୟାନୁଶିଷ୍ୟ କ୍ରମେ ଶ୍ରୁତି ପରମ୍ପରାରେ ପ୍ରସାରିତ ହେଉଥିଲା ବୋଲି ବେଦର ଅନ୍ୟନାମ ଶ୍ରୁତି। ଅନେକ ଶତାବ୍ଦୀ ପରେ ତାହା ତାଳପତ୍ର ବା ଭୂର୍ଜପତ୍ରରେ ପାଠ୍ୟରୂପେ ଲିପିବଦ୍ଧ ହେଲା। ସଂପ୍ରତି ଯେଉଁସବୁ ବିଦ୍ୟା ଅନୁଷ୍ଠାନମାନଙ୍କରେ ଶିକ୍ଷା ଦିଆଯାଉଛି ସେସବୁ ଅପରାବିଦ୍ୟାର ଅନ୍ତର୍ଗତ। ପୁନଶ୍ଚ ଏହି ଅପରାବିଦ୍ୟା ଯେଉଁ ଲକ୍ଷ୍ୟ ନେଇ ଓ ଯେଉଁ ପଦ୍ଧତିରେ ଅତୀତରେ ଶିକ୍ଷା ଦିଆଯାଉଥିଲା ଆଜି ଆମେ ତା'ଠୁ ବହୁଦୂରରେ। ସେତେବେଳେ ବିଦ୍ୟାର୍ଜନ ସହ ସାକ୍ଷରତା ଅନିବାର୍ଯ୍ୟ ନ ଥିଲା। ରାଜା ଅମରଶକ୍ତି ପଣ୍ଡିତ ବିଷ୍ଣୁଶର୍ମାଙ୍କୁ ତାଙ୍କ ତିନି ଗଣ୍ଡ ମୂର୍ଖ ପୁଅଙ୍କୁ ଶିକ୍ଷିତ କରିବା ଦାୟିତ୍ୱ ନ୍ୟସ୍ତ କରନ୍ତେ ବିଷ୍ଣୁଶର୍ମା ଗୋଟିଏ ଗଛମୂଳେ ସେମାନଙ୍କୁ ବସାଇ କେବଳ ବହୁବିଧ କାହାଣୀ କହିଥିଲେ। ସେହି କାହାଣୀଗୁଡ଼ିକରେ ଥିଲା ମନସ୍ତତ୍ତ୍ୱ, ରାଜନୀତି, କୂଟନୀତି ଆଚରଣବିଧି ଇତ୍ୟାଦି ଅନେକ ତତ୍ତ୍ୱ। ବିଷ୍ଣୁଶର୍ମା ବିଦ୍ୟାଦାନ ସମୟରେ ସିଲଟ ଖଡ଼ି ବ୍ୟବହାର କରିଥିବା ଓ ଅକ୍ଷର ଶିକ୍ଷା କରାଇଥିବାର କୌଣସି ସୂଚନା ପଞ୍ଚତନ୍ତ୍ରରେ ନାହିଁ।

ଏବେ ବିଦ୍ୟା କହିଲେ ବୁଝାଉଛି ନିରକ୍ଷରତାରୁ ମୁକ୍ତି ଅର୍ଥାତ୍ ଲେଖିପଢ଼ି ପାରିବା, ପ୍ରତିଯୋଗିତାରେ ସାଫଲ୍ୟ ଓ ସମୃଦ୍ଧି ନିମନ୍ତେ କୌଣସି ଏକ କ୍ଷେତ୍ରରେ ତାଲିମ ପ୍ରାପ୍ତି। ଯେତେ ଅଭିଜ୍ଞତା ବା ଉପଲବ୍ଧିସିଦ୍ଧ ହୋଇଥିଲେ ମଧ୍ୟ ଲେଖି ପଢ଼ି ପାରୁ ନ ଥିଲେ ତାକୁ ଶିକ୍ଷିତ ପର୍ଯ୍ୟାୟରେ ଗ୍ରହଣ କରାଯାଉନାହିଁ। ଶିକ୍ଷିତ ପର୍ଯ୍ୟାୟଭୁକ୍ତ ହେବାପାଇଁ ଆନୁଷ୍ଠାନିକ ପ୍ରମାଣପତ୍ରକୁ ଅନିବାର୍ଯ୍ୟ ଆବଶ୍ୟକତା ଭାବରେ ଗ୍ରହଣ କରାଯାଉଛି। ପ୍ରତିଯୋଗିତାମୁଖୀ ବିଦ୍ୟାର ସାଫଲ୍ୟ ତଥାକଥିତ ଶିକ୍ଷିତମାନଙ୍କ ମନରେ ଅହଂକାର ସୃଷ୍ଟି କରୁଛି। ସେମାନଙ୍କ ମଧ୍ୟରେ ଅନେକ ନୀତିଭ୍ରଷ୍ଟ ହୋଇ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଲିପ୍ତ ହେଉଛନ୍ତି। ଏଣୁ ଏମାନେ ଶିକ୍ଷିତ ପଦବାଚ୍ୟ ନୁହନ୍ତି, ଶିକ୍ଷାପ୍ରାପ୍ତ ମାତ୍ର। ପ୍ରାପ୍ତ ଶିକ୍ଷାକୁ ଯିଏ ଜୀବନରେ ଉପଯୋଗ କରେ ନାହିଁ ସେ ଶିକ୍ଷିତ ନୁହେଁ। ମଣିଷ ବିଳାସ ବ୍ୟସନ ପାଇଁ ଉଦ୍ଦିଷ୍ଟ ପ୍ରାଣୀଟିଏ ନୁହେଁ। ତା' ଚେତନାରେ ଅଛି ବିପୁଳ ଐଶ୍ୱର୍ଯ୍ୟ ଓ ତା'ର ସନ୍ଧାନ ଶକ୍ତି। ସେହି ଐଶ୍ୱର୍ଯ୍ୟକୁ ସନ୍ଧାନ କରି ତାକୁ ଜୀବନରେ ଉପଯୋଗ କରିବା ହେଉଛି ବିଦ୍ୟାର ଆଭିମୁଖ୍ୟ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜି ମଣିଷ ସ୍ଥୂଳ ଉପଯୋଗିତାବାଦ ବ୍ୟାଧି ଦ୍ୱାରା ଆକ୍ରାନ୍ତ। ଦରକାରୀ ହୋଇ ନ ଥିଲେ କୌଣସି କଥାର ମୂଲ୍ୟ ନାହିଁ। ପୁନଶ୍ଚ ଯାହା ଅର୍ଥ ଆକର୍ଷଣ କରିପାରିବ ବା ଉପୁଜାଇ ପାରିବ ତାହା ହିଁ ଦରକାରୀ ବୋଲି ଚିନ୍ତା କରାଯାଉଛି। ଏହି ବ୍ୟାଧିରୁ ଆଜି ଛାତ୍ରୀଛାତ୍ରମାନେ ମଧ୍ୟ ମୁକ୍ତ ନୁହନ୍ତି। ସେମାନେ ସେହିଭଳି ଶିକ୍ଷା ଚାହୁଁଛନ୍ତି, ଯାହାଦ୍ୱାରା ସେମାନେ ବିପୁଳ ଅର୍ଥ ରୋଜଗାର କରି ସୁଖୀ ହେବେ। ମାତ୍ର ଏତଦ୍ୱାରା ବିଦ୍ୟାର୍ଜନ ଲକ୍ଷ୍ୟଚ୍ୟୁତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଶ୍ରୀମା'ଙ୍କ ମତରେ ଶିକ୍ଷାର ଲକ୍ଷ୍ୟ ହେଉଛି ପ୍ରକୃତି ତଥା ଜୀବନର ଗୋପନ ରହସ୍ୟ ବୁଝିବା, ଚେତନାର ଅଭିବୃଦ୍ଧି ଘଟାଇବା, ଶୃଙ୍ଖଳିତ ହେବା ଓ ନିଜ ଭିତରେ ଥିବା ଦୁର୍ବଳତା, ଅକ୍ଷମତା ଓ ଅଜ୍ଞାନ ଅତିକ୍ରମ କରିବା ନିମନ୍ତେ ଏକ ମହତ୍ତର ସତ୍ୟ ସକାଶେ ପ୍ରସ୍ତୁତ ହେବା। ଶିକ୍ଷାରେ ଆଜି ଏହି ଆଭିମୁଖ୍ୟ ନାହିଁ।



ଅକ୍ଷର ଲେଖିପଢ଼ି ପାରିଲେ ଓ ପରୀକ୍ଷାରେ ପାସ୍ କରି ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ହାସଲ କରିପାରିଲେ ଜଣେ ଶିକ୍ଷିତ ହୁଏ ନାହିଁ। ଅଭିଜ୍ଞତା ହେଉଛି ଶିକ୍ଷାର ପ୍ରାଣକେନ୍ଦ୍ର। ଶିକ୍ଷା ହେଉଛି ଏକ ମାର୍ଜନ ପ୍ରକ୍ରିୟା। ଏହା ମଣିଷକୁ ମାର୍ଜିତ ଓ ସଂସ୍କୃତିସମ୍ପନ୍ନ କରେ। ଶିକ୍ଷାଲବ୍ଧ ଜ୍ଞାନକୁ ଜୀବନରେ ପ୍ରୟୋଗ କରି ମଣିଷ ନିଜକୁ ସଭ୍ୟ ବୋଲାଏ। ଏଥିରେ ବିବେକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଥରେ ଜଣେ ଜିଜ୍ଞାସୁ ରାମକୃଷ୍ଣ ପରମହଂସଙ୍କୁ ପଚାରିଲା, ''ଜ୍ଞାନ ଓ ବିଜ୍ଞାନ ମଧ୍ୟରେ ପାର୍ଥକ୍ୟ କ'ଣ?'' ରାମକୃଷ୍ଣ ଉତ୍ତର ଦେଲେ ''କାଠ ଭିତରେ ଅଗ୍ନି ପ୍ରଚ୍ଛନ୍ନ ଭାବରେ ଅଛି ବୋଲି ଜାଣିବା ହେଉଛି ଜ୍ଞାନ। ସେ ଜ୍ଞାନକୁ ପ୍ରୟୋଗ କରି ନିଆଁଦ୍ୱାରା ରୋଷେଇ କରିବା ହେଉଛି ବିଜ୍ଞାନ। ମାତ୍ର ବିଜ୍ଞାନ ସଙ୍ଗେ ଆବଶ୍ୟକ ବିବେକ, କାରଣ ବିବେକ ନ ହେଲେ ମଣିଷ ନିଆଁକୁ ରୋଷେଇରେ ବ୍ୟବହାର ନ କରି ଅନ୍ୟ କାହାରି ସର୍ବନାଶ ପାଇଁ ଉପଯୋଗ କରିପାରେ।'' ପରମାଣୁ ବୋମାଦ୍ୱାରା ହିରୋସୀମା ନାଗାସାକି ସହରର ଧ୍ୱଂସ ସାଧନ ଏହାର ଏକ ଜ୍ୱଳନ୍ତ ଉଦାହରଣ।

ସାକ୍ଷରତା ବିଦ୍ୟାର୍ଜନରେ ସାହାଯ୍ୟ କରିପାରେ। ଏହା ଠିକ୍, ମାତ୍ର ବିଦ୍ୟାର୍ଜନ ବା ଶିକ୍ଷା ସର୍ବଦା ସାକ୍ଷରତା ଉପରେ ନିର୍ଭର କରେ ନାହିଁ। ସାଂପ୍ରତିକ ମାନଦଣ୍ଡରେ ରାମକୃଷ୍ଣ, ସକ୍ରେଟିସ୍ ଆଦିଙ୍କୁ ଶିକ୍ଷିତ କୁହାଯାଇପାରିବ ନାହିଁ, କାରଣ ରାମକୃଷ୍ଣ ବହୁତ କଷ୍ଟରେ ତାଙ୍କ ଦସ୍ତଖତ କରୁଥିଲେ ରାମକେଷ୍ଟ। ଗ୍ରୀକ୍ ମନୀଷୀ ସକ୍ରେଟିସ୍ କେବେ କଲମ ଧରି ନ ଥିଲେ। ସେ ଥିଲେ ଜଣେ ପଥର ମିସ୍ତ୍ରି। ଠିକ୍ ସେପରି ଭାଗବତରେ ବର୍ଣ୍ଣିତ ଅବଧୂତ ଚବିଶ ଗୁରୁଙ୍କଠାରୁ ଶିକ୍ଷା ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ କେବଳ ମଣିଷ ନ ଥିଲେ, ଅନେକ ଥିଲେ କୀଟପତଙ୍ଗ, ପଶୁ ଓ ପକ୍ଷୀ। ସେମାନଙ୍କ ଜୀବନ ଶୈଳୀକୁ ପର୍ଯ୍ୟବେକ୍ଷଣ କରି ଅବଧୂତ ଅନେକ ଶିକ୍ଷା ଲାଭ କରିଥିଲେ। ଏହି ବିଦ୍ୟାର୍ଜନରେ ଲେଖାପଢ଼ାର କିଛି ଭୂମିକା ନ ଥିଲା। ତଥାପି ସେ ହେଲେ ପ୍ରଚଣ୍ଡ ଜ୍ଞାନୀ ଓ ଦର୍ଶନତତ୍ତ୍ୱବିତ୍। ଏଣୁ କେବଳ ଆନୁଷ୍ଠାନିକ ଶିକ୍ଷା ବା ପୁସ୍ତକ ଅଧ୍ୟୟନ ମଣିଷକୁ ଶିକ୍ଷିତ କରେ ନାହିଁ। ପ୍ରକୃତି ତଥା ଜୀବନ ପର୍ଯ୍ୟବେକ୍ଷଣ, ଅଭିଜ୍ଞତା ଓ ଉପଲବ୍ଧି ହିଁ ମଣିଷକୁ ଶିକ୍ଷିତ କରେ। ଯେଉଁମାନଙ୍କ ଏସବୁ ନାହିଁ ସେମାନେ ଯେତେବଡ଼ ଡିଗ୍ରୀ ବା ଡିପ୍ଲୋମାର ଅଧିକାରୀ ହୋଇଥିଲେ ମଧ୍ୟ ସେମାନେ ଶିକ୍ଷିତ ପଦବାଚ୍ୟ ନୁହନ୍ତି। ସେମାନଙ୍କୁ କୁହାଯାଇପାରେ ସାକ୍ଷର ବା ଅତିବେଶି ହେଲେ 'ଶିକ୍ଷାପ୍ରାପ୍ତ'। ସାଂପ୍ରତିକ ସମୟରେ ଶିକ୍ଷିତ ଅପେକ୍ଷା ଶିକ୍ଷାପ୍ରାପ୍ତମାନଙ୍କ ସଂଖ୍ୟା ଅଧିକ।

**ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼**
**ମୋ: ୯୪୩୭୩୨୯୨୬୩**

# ଓଡ଼ିଶାର ସନ୍ଥସଖା ଓ ଶିଶୁଅନନ୍ତ



ଡ. ଭବାନୀ ଶଙ୍କର ଦାଶ

ଷୋଡ଼ଶ ଶତାବ୍ଦୀବେଳକୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ସୃଷ୍ଟି ହୋଇଥିଲା ଏକ ବିରାଟ ବୈଷ୍ଣବ ମତବାଦର ମହାପ୍ଲାବନ। ଏହି ଶତାବ୍ଦୀରେ ଓଡ଼ିଶାର ଉପକୂଳ ଅଞ୍ଚଳରେ ଯେଉଁ ପାଞ୍ଚଜଣ ଅଲୌକିକ ଐଶୀଶକ୍ତିସମ୍ପନ୍ନ ସାଧକ ଜନ୍ମଲାଭ କରିଥିଲେ, ସେମାନେ 'ପଞ୍ଚସଖା' ନାମରେ ଆଧ୍ୟାତ୍ମିକ ବିପ୍ଳବର କର୍ଣ୍ଣଧାର ସାଜିଥିଲେ। ସେମାନେ ନିରାକାର ବ୍ରହ୍ମଙ୍କୁ ଜଗନ୍ନାଥଙ୍କଠାରୁ ଅଭିନ୍ନ ବୋଲି ମୁକ୍ତକଣ୍ଠରେ କେବଳ ଘୋଷଣା କରିନଥିଲେ, ଅପରନ୍ତୁ ନିଜ ସାଧନା ଓ ସିଦ୍ଧି ବଳରେ ପ୍ରମାଣ କରିଦେଇଥିଲେ। ଆଜି ମଧ୍ୟ ସେମାନଙ୍କ ଜନ୍ମ ସମେତ ସୃଷ୍ଟିକର୍ମ ଇତ୍ୟାଦି ପୂର୍ଣ୍ଣତଃ ଲୋକଲୋଚନକୁ ଆସିପାରିନାହିଁ। ତେବେ ଏହି ସମୟରେ ଶ୍ରୀଚୈତନ୍ୟ ପ୍ରମୁଖଙ୍କ ଆଗମନ ଏକ ଉଲ୍ଲେଖନୀୟ ଘଟଣା। ଏଥିପାଇଁ ଶ୍ରୀକ୍ଷେତ୍ର ଏକ ସମନ୍ୱୟ କ୍ଷେତ୍ର ଭାବେ ପ୍ରତିଷ୍ଠିତ ହେବା ସହ ସର୍ବଭାରତୀୟ ଦୃଶ୍ୟପଟରେ ଏହା ଏକ ଆହ୍ୱାନ ରୂପେ ପରିଗଣିତ ହୋଇଥିଲା। କାରଣ ଏହି ସମୟକୁ ମୁସଲମାନ ଆକ୍ରମଣ ଭାରତରେ ପ୍ରଚଣ୍ଡ ରୂପ ଧାରଣ କରୁଥିଲା ବେଳେ ସାଧୁସନ୍ଥଙ୍କ ସିଦ୍ଧି ଓ ଅଲୌକିକ ଲୀଳା ବି ଥିଲା ନଭଶ୍ଚୁମ୍ବୀ। ଓଡ଼ିଶାର ପଞ୍ଚସଖା ଏହାର ଉଦାହରଣ।

ପଞ୍ଚସଖାଙ୍କ ମଧ୍ୟରେ ଶିଶୁଅନନ୍ତଙ୍କ ଜନ୍ମ ପ୍ରସଙ୍ଗ ମଧ୍ୟ ରହସ୍ୟାବୃତ। ସୁଦର୍ଶନ ଦାସଙ୍କ 'ଚଉରାଶୀ ଆଜ୍ଞା', ଜଗନ୍ନାଥ ଦ୍ୱିଜଙ୍କ 'ଭକ୍ତିଚନ୍ଦ୍ରିକା', ଈଶ୍ୱର ଦାସଙ୍କ 'ଚୈତନ୍ୟ ଭାଗବତ', ପଞ୍ଚସଖାଙ୍କ ନିଜସ୍ୱ ରଚନାବଳୀ ଓ ପରବର୍ତ୍ତୀ ଶିଷ୍ୟମାନଙ୍କ ଭଣିତି ଇତ୍ୟାଦିରୁ ପଞ୍ଚସଖାଙ୍କ ସମ୍ପର୍କରେ ଯାହା କିଛି ସୂଚନା ମାତ୍ର ମିଳେ। ଅଚ୍ୟୁତାନନ୍ଦଙ୍କ 'ଉଦୟ କାହାଣୀ'କୁ ଭିତ୍ତିକରି ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାସ ସ୍ଥିର କରିଛନ୍ତି ଯେ, ଗଜପତି ରାଜାଙ୍କ ୨୫ ଅଙ୍କ ଅର୍ଥାତ୍ ୧୪୮୬ରେ ଶିଶୁଅନନ୍ତ ଜନ୍ମ ଗ୍ରହଣ କରିଥିଲେ। ଅନ୍ୟ ସମୀକ୍ଷକଗଣ ଏହି ସିଦ୍ଧାନ୍ତକୁ ମାନିନେଇଥିଲେ ହେଁ ପଞ୍ଚସଖାଙ୍କ ଠାର ବା ଇଙ୍ଗିତଧର୍ମୀ ଭାଷାର ବାସ୍ତବ ତଥା ବୈଜ୍ଞାନିକ ବିଶ୍ଳେଷଣ ଯେ ପର୍ଯ୍ୟନ୍ତ ହୋଇନାହିଁ, ସେ ପର୍ଯ୍ୟନ୍ତ ଏହାକୁ ନିର୍ଭୁଲ କୁହାଯାଇ ନ ପାରେ। ତେବେ ଶିଶୁଅନନ୍ତ ବାଲିପାଟଣାରେ ମାତା ଗୌରାଦେବୀ ଓ ପିତା କପିଳମୁନିଙ୍କ ଔରସରୁ ଜନ୍ମଲାଭ କରିଥିଲେ। ନିଜେ ଶିଶୁଅନନ୍ତ ଏ କଥା ବାରମ୍ବାର ନିଜ ରଚନାବଳୀଗୁଡ଼ିକରେ କହିଛନ୍ତି।

ଓଡ଼ିଶାର ଲୋକକଥାରେ ଅଚ୍ୟୁତ ଠାର ଓ ଅନନ୍ତ ଗାର ଯଥେଷ୍ଟ ମହତ୍ତ୍ୱ ରଖିଥାଏ। ଅନନ୍ତଙ୍କ ସମେତ ସମସ୍ତ ପଞ୍ଚସଖା ଅନେକ ମାଳିକା, ପଟଳ, ଭାଗବତ, ଚୌତିଶା, ଭଜନ, ଜଣାଣ ଓ ବାଖର ଇତ୍ୟାଦି ରଚନା କରିଛନ୍ତି ଓ ଅଧିକାଂଶ ରଚନାରେ ଠାର ବଚନର ବ୍ୟବହାର କରିଛନ୍ତି। ଗାରକଟା ଯନ୍ତ୍ରର ପ୍ରଣେତା ଭାବେ ମହାତ୍ମା ଶିଶୁଅନନ୍ତଙ୍କର ପଞ୍ଚସଖାଙ୍କ ମଧ୍ୟରେ ବିଶେଷ ଖ୍ୟାତି ଥିଲା। ଏହି ଗାରକଟା ଯନ୍ତ୍ର କ'ଣ ତାହା ଓଡ଼ିଶାର ବୌଦ୍ଧିକସ୍ତରକୁ ଏଯାଏ ସ୍ପର୍ଶ କରିନାହିଁ। ମାତ୍ର ଉପରଠାଉରିଆ ଭାବେ ଗବେଷକ କୁହନ୍ତି ଯେ, ଶିଶୁଅନନ୍ତ ଶରୀରର ଷୋଳଡମ୍ବରୁରେ ଅକ୍ଷର ବସାଣ ଜାଣିଥିଲେ। ଏଥିପାଇଁ ଉଲ୍ଲେଖ ଅଛି– 'ଗାରକଟା ଯନ୍ତ୍ର ଜାଣେ ଅନନ୍ତ'।

ଏକା ଅନନ୍ତ ଶିଶୁ ନୁହନ୍ତି, ସମସାମୟିକ ସମସ୍ତ ସଖା ଓ ପରବର୍ତ୍ତୀ ବୈଷ୍ଣବବର୍ଗ ଅଲୌକିକ କ୍ରିୟାରେ ଥିଲେ ଅଦ୍ଭୁତପୂର୍ବ। ସୁଦର୍ଶନ ଦାସଙ୍କ 'ଚୌରାଅଶୀ



ଆଜ୍ଞା'ରେ ଥିବା ଏକ ରୋଚକ ଉପାଖ୍ୟାନଟିଏ ତାହାର ପ୍ରମାଣ ଦେଇଥାଏ। ତାହାହେଲା– ଏକଦା ପ୍ରତାପରୁଦ୍ରଦେବଙ୍କ ରାଜଦରବାରରେ ଶ୍ରୀଚୈତନ୍ୟଙ୍କ ଉପସ୍ଥିତିରେ ପଞ୍ଚସଖାଙ୍କର ଅଲୌକିକତାର ପରୀକ୍ଷା ହେଲା। ଚୈତନ୍ୟ ପଣସ ମଞ୍ଜିଟିଏ ଜଗନ୍ନାଥ ଦାସଙ୍କୁ ଦେଇ ପୋତିବାକୁ କହିଲେ। ଜଗନ୍ନାଥ ଦାସ ତାହା କରନ୍ତେ ତତ୍‌କ୍ଷଣାତ ବାଳୁତ ବୃକ୍ଷଟିଏ ଜନ୍ମିଲା। ଶ୍ରୀଚୈତନ୍ୟଙ୍କ ନିର୍ଦ୍ଦେଶରେ ବଳରାମ ଦାସ ବୃକ୍ଷଟିକୁ ବଡ଼ କଲେ। ପତ୍ର ଓ ଫୁଲରେ ଭରିଗଲା ଗଛଟି। ସେଥିରେ ଯଶୋବନ୍ତ ଫଳ ଫଳାଇଲେ। ଅଚ୍ୟୁତାନନ୍ଦ ସଙ୍ଗେ ସଙ୍ଗେ ତାକୁ ପଚାଇଦେଲେ। ଶେଷରେ ପାଚିଲା ପଣସ ଗଛରୁ ତୋଳିଆଣି ବାଣ୍ଟିଥିଲେ ଶିଶୁଅନନ୍ତ। ବୃକ୍ଷକୁ ଚାହିଁ କହିଲେ ତଳେ ଲୋଟିବାକୁ। ଶିଶୁଅନନ୍ତଙ୍କ ନିର୍ଦ୍ଦେଶମତେ ବୃକ୍ଷ ତଳେ ଲୋଟିଲା। ଶିଶୁଅନନ୍ତ ପାଚିଲା ପଣସ ଚୈତନ୍ୟଙ୍କୁ ଦେଲେ ଓ ସମସ୍ତଙ୍କୁ ବାଣ୍ଟିଲେ। କେବଳ ଏତିକି ନୁହେଁ, କୋଠ କରଣ କପିଳ ମହାନ୍ତିଙ୍କ ପୁଅ ଅନନ୍ତ ଶିଶୁଅନନ୍ତ ହେବା ପଛରେ ବି କେତେକ ରୋଚକ କାହାଣୀ ରହିଛି। ଏକଦା ପୁରାଣ ପଣ୍ଡା ଜଗନ୍ନାଥ ଦାସଙ୍କ ବିରୋଧରେ ରାଜାଙ୍କ ପାଖରେ ଅଭିଯୋଗ ହେଲା ଯେ, ସିଏ ପୁରାଣ ଶୁଣାଇବା ନାଁରେ ନାରୀମାନଙ୍କ ପ୍ରତି ଅଶାଳୀନ ଆଚରଣ ପ୍ରଦର୍ଶନ କରୁଛନ୍ତି। ରାଜାଙ୍କ ଡାକରାରେ ରାଜସଭାରେ ଉପସ୍ଥିତ ହେଲେ ଜଗନ୍ନାଥ ଦାସ। ଭରା ରାଜସଭାରେ ନିଜେ ଜଣେ ନାରୀ ବୋଲି ଘୋଷଣା କଲେ। ଏଥିପାଇଁ ଉପସ୍ଥିତ ପଣ୍ଡିତମାନେ ବିଦ୍ରୂପକଲେ। ନିଜେ ରାଜା ପରୀକ୍ଷା କରି ଦେଖିଲେ ତାଙ୍କ ସ୍ତନରୁ ଅବିଶ୍ରାନ୍ତ କ୍ଷୀର ସ୍ରବୁଥିଲା। ଏହାଦେଖି ସମସ୍ତେ ସ୍ତବ୍ଧ ହୋଇଗଲେ। ଜଗନ୍ନାଥ ଦାସ ରାଜାଙ୍କୁ ସତର୍କ କରାଇଦେଲେ ଯେ, ଯଦି କୌଣସି ଶିଶୁ ମନୋଭାବାପନ୍ନ ବ୍ୟକ୍ତି ଅବିଳମ୍ବେ ଆସି ତାଙ୍କଠାରୁ ସ୍ତନ୍ୟପାନ ନ କରନ୍ତି ବା ସେ ଦୁଗ୍ଧ ଭୂପତିତ ହୁଏ, ତେବେ ରାଜା ଓ ଦେଶର ଅଶେଷ କ୍ଷତି ଘଟିବ। କିଂକର୍ତ୍ତବ୍ୟବିମୂଢ଼ ରାଜା ବ୍ରାହ୍ମଣ ପଣ୍ଡିତଙ୍କ ଆଡ଼କୁ ଦୃଷ୍ଟିପକାନ୍ତେ ସେମାନେ ଅସହାୟଭାବେ ମସ୍ତକ ଅବନତ କରି ନୀରବ ରହିଲେ। ଏତିକିବେଳେ ଅନନ୍ତ ନାମକ ବ୍ୟକ୍ତି ପହଞ୍ଚି ବିକାରଶୂନ୍ୟ ଶିଶୁ ଭାବେ ସ୍ତନ୍ୟପାନ କରିଥିଲେ। ସେହିଦିନଠାରୁ ଶିଶୁଅନନ୍ତ ଭାବେ ପରିଚିତ ହେଲେ।

ଏହା ବ୍ୟତୀତ ଶିଶୁଅନନ୍ତଙ୍କ ଜନ୍ମସ୍ଥାନ ବାଲିପାଟଣାରେ ଶ୍ରୀମନ୍ଦିରରୁ ଶ୍ରୀମୂର୍ତ୍ତିଦେବ ଆସି ଗଜପତି ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଓ ନବକଳେବର ସମୟରେ ଦାରୁର ଅବଶିଷ୍ଟାଂଶରେ ରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଠାରେ ମୂର୍ତ୍ତି ନିର୍ମାଣ କଥା ଏକ ଐତିହାସିକ ବିତର୍କ ନିଶ୍ଚୟ। ଜନଶ୍ରୁତିରୁ ଜଣାଯାଏ ଯେ, ପଞ୍ଚସଖାଙ୍କ ମଧ୍ୟରୁ ପ୍ରତ୍ୟେକେ ନିଜ ନିଜର ଅସାଧାରଣ ଆଧ୍ୟାତ୍ମିକ ପ୍ରଭାବରେ ବର୍ଷର ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଦିବସରେ ଜଗନ୍ନାଥଙ୍କଠାରୁ ମହାପ୍ରସାଦ ଅଧିକାର ପାଇଥିଲେ। ବର୍ତ୍ତମାନ ସେଇ ସ୍ମୃତିକୁ ପାଥେୟ କରି ମାର୍ଗଶିର ଶୁକ୍ଳ ଚତୁର୍ଦ୍ଦଶୀରେ ବାଲିପାଟଣା ଶିଶୁମଠ ଗାଦିରେ ଶିଶୁଅନନ୍ତ ସ୍ମୃତି ସଂସଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୃଷ୍ଠପୋଷକତାରେ ଏହି ଜନ୍ମତିଥି ପ୍ରତିବର୍ଷ ପାଳନ କରାଯାଉଛି। ମାତ୍ର ଦୁଃଖର ବିଷୟ, ଏ ପର୍ଯ୍ୟନ୍ତ ଶିଶୁଅନନ୍ତ ଦାସଙ୍କ ସାଧନା ଓ ସାହିତ୍ୟର ପ୍ରଚାର ପ୍ରସାର ତଥାପି ହୋଇ ପାରିନାହିଁ। ଏଥିପାଇଁ ଗବେଷଣା ଲକ୍ଷ୍ୟରେ ସ୍ୱତନ୍ତ୍ର ବ୍ୟବସ୍ଥା ଓ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ଅନେକ ଅନୁଦ୍‌ଘାଟିତ ରହସ୍ୟ ଓ ଅନୁତ୍ତରିତ ପ୍ରଶ୍ନର ଉତ୍ତର ମିଳିପାରନ୍ତା।

**ସରାଟଶାସନ, ବାଲିପାଟଣା, ଖୋର୍ଦ୍ଧା**
**ମୋ: ୮୯୧୭୬୨୪୩୮୬**

## ଏଇ ଭାରତରେ

ଛାତ ଉପରେ ଜୈବିକ ଚାଷ କରି ମାସକୁ ହାରାହାରି ୬୦ ହଜାର ଟଙ୍କା ରୋଜଗାର କରୁଥିବା ମହିଳାଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବ। ହେଲେ ଏହା ସତ। କେରଳର କୋଟାୟମ ନିବାସୀ ରେମା ଦେବୀଙ୍କ ଦ୍ୱାରା ଏହା ସମ୍ଭବ ହୋଇଛି। ରେମା ନବେ ଦଶକରୁ ଜୈବିକ ପରିବା ଚାଷ ଆରମ୍ଭ କରିଥିଲେ। ସେତେବେଳେ ଅଗଣାରେ ମାତ୍ର ୪ଟି କିସମର ପରିବାଗଛ ଲଗାଇଥିଲେ। ନିଜ ପିଲାମାନଙ୍କୁ ଜୈବିକ ଖାଦ୍ୟ ଦେବା ଲକ୍ଷ୍ୟରେ ସେ ଏହା କରିଥିଲେ। ପରେ ଏହି ଚାଷକୁ ଛାତ ଉପରକୁ ସ୍ଥାନାନ୍ତର କରି ଏବେ ସେଥିରୁ ମାସକୁ ୬୦ ହଜାର ଟଙ୍କା ରୋଜଗାର କରିବା ଅନ୍ୟମାନଙ୍କୁ ଏଭଳି ଚାଷ କରିବା ଲାଗି ପ୍ରେରିତ କରିଛି। ସେ କେବଳ ପରିବା ବିକ୍ରି କରି ଟଙ୍କା ରୋଜଗାର କରୁନାହାନ୍ତି ବରଂ ଚାଷରୁ ମଞ୍ଜି ସଂଗ୍ରହ କରି ସେଥିରୁ ଏହି ପରିମାଣର ଅର୍ଥ ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। ସେ ସୋସିଆଲ ମିଡିଆ ମାଧ୍ୟମରେ ପ୍ରତି ମଞ୍ଜି ପ୍ୟାକେଟକୁ ୨୫ ଟଙ୍କାରୁ ଆରମ୍ଭ କରି ୪୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଛନ୍ତି। ରେମା ନିଜେ ଜୈବିକ ଖତ ପ୍ରସ୍ତୁତ କରି ଏହି ଚାଷରେ ଲଗାଉଛନ୍ତି। ସେ ମଧ୍ୟ ଲୋକମାନଙ୍କ ଘର ଅଗଣା କିମ୍ବା ଛାତ ଉପରେ ଜୈବିକ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେବା ସହ ଆବଶ୍ୟକ ମଞ୍ଜି ଯୋଗାଇ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୭ ଡିସେମ୍ବର ୧୯୯୭**

- ଶ୍ରୀଲଙ୍କାର ଉତ୍ତରାଞ୍ଚଳର ଏକ ମୁଖ୍ୟ ରାଜପଥ ଉପରେ ସୈନ୍ୟବାହିନୀ ଏବଂ ଏଲ୍‌ଟିଟିଇ ବିଦ୍ରୋହୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ଉଭୟ ପକ୍ଷରୁ ୪୦୦ ମୃତ।
- ମଣିପୁର ଚୁରାଚାନ୍ଦପୁର ଜିଲା ଆନଲଙ୍ଗ ଥାନା ନିକଟରେ ପାର୍ବତ୍ୟ ଉଗ୍ରବାଦୀଙ୍କ ଅତର୍କିତ ଆକ୍ରମଣରେ ୩୦ ଜଣଙ୍କ ମୃତ୍ୟୁ।
- ଜ୍ୟୋତିଷ ପୀଠର ବରିଷ୍ଠ ଶଙ୍କରାଚାର୍ଯ୍ୟ ଶାନ୍ତାନନ୍ଦ ସରସ୍ୱତୀଜୀ ମହାରାଜଙ୍କ ୯୦ ବର୍ଷ ବୟସରେ ପରଲୋକ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | | | 6 | |
| | | | 1 | 5 | 6 | | 2 | |
| | | 2 | | | | | 8 | |
| | | | 2 | | 5 | 7 | 1 | |
| | 1 | | | | | | | |
| | | 3 | | | | | | 5 |
| | 8 | | 7 | | | | | |
| 2 | | | | 8 | 4 | 3 | | |
| | | | 5 | | | | 1 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏହି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 7 | 4 | 1 | 5 | 9 | 8 | 6 |
| 9 | 1 | 5 | 2 | 6 | 8 | 4 | 3 | 7 |
| 4 | 6 | 8 | 7 | 3 | 9 | 2 | 5 | 1 |
| 8 | 4 | 1 | 6 | 9 | 3 | 7 | 2 | 5 |
| 6 | 5 | 3 | 8 | 7 | 2 | 1 | 9 | 4 |
| 7 | 2 | 9 | 5 | 4 | 1 | 3 | 6 | 8 |
| 5 | 7 | 4 | 9 | 2 | 6 | 8 | 1 | 3 |
| 3 | 9 | 6 | 1 | 8 | 7 | 5 | 4 | 2 |
| 1 | 8 | 2 | 3 | 5 | 4 | 6 | 7 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## କିରୋସିନ ଲିଟର ୧୨୦ ଟଙ୍କା ହେବା ଯଥାର୍ଥ କି ?

ମହାଶୟ,

କିରୋସିନ ଗୋଟିଏ ଅତ୍ୟାବଶ୍ୟକ ଦ୍ରବ୍ୟ। ଏହା ମୁଖ୍ୟତଃ ତୃଣମୂଳ ସ୍ତରରେ ଥିବା ଗରିବ ଲୋକମାନେ ବ୍ୟବହାର କରନ୍ତି। ମାତ୍ର କିରୋସିନର ଲିଟର ପିଛା ମୂଲ୍ୟ ୧୦୨ ଟଙ୍କା ହୋଇଥିବାରୁ ଲୋକମାନେ ଆଉ କିରୋସିନ କିଣିପାରୁ ନାହାନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଏହି କିରୋସିନ ବିକ୍ରି ହେଉଛି। ୨୦୧୫ ମସିହା ଅଗଷ୍ଟ ମାସରେ କିରୋସିନ ଲିଟର ସରକାରୀ ଦର ଥିଲା ୧୪ ଟଙ୍କା ୯୬ ପଇସା। ଏବେ ଏହାର ଦର ୧୦୨ ଟଙ୍କା। ଗତ ୭ ବର୍ଷରେ ପାଖାପାଖି ୭ ଗୁଣ ବୃଦ୍ଧି ପାଇଛି। କୌଣସି ଦ୍ରବ୍ୟର ମୂଲ୍ୟ ଏତେ ବଢ଼ି ନାହିଁ। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ, କିରୋସିନ ଲିଟର ୧୦୨ ଟଙ୍କାରେ ବିକ୍ରି ହେବା ଯଥାର୍ଥ କି? ଏହା ଗରିବ କଲ୍ୟାଣ ନା ଗରିବ ମାରଣ!

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦେଖରେ ଦେଖ ବସନ୍ତ ବାଆ
ବିକଳେ କବି ଭ୍ରମଇ ଆହା
ତୁମରି ଚିର ଖେଳର ସାଥୀ
ନ ଲଭି କାହିଁ ଭରସା ସାହା।
–(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୭ ଡିସେମ୍ବର, ୨୦୨୨

### ହାଇଓ୍ବାରେ ପିଟି ହୋଇ ବାଇକ୍ ଆରୋହୀ ମୃତ

**ଜୁନାଗଡ଼,(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ମହିଚଲା ଜଗନ୍ନାଥ ମନ୍ଦିର ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଅଟକି ଥିବା ହାଇଓ୍ବାରେ ପିଟିହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ବ୍ଲକର ମଥୁରା ଗ୍ରାମର ବଳଦେବ ବାଗ (୪୦)। ସୂଚନା ଅନୁଯାୟୀ, ବଳଦେବ ଶଶୁର ଘର କୋକସରା ବ୍ଲକ ଛିଲପାମାଲ ଗ୍ରାମରୁ ସନ୍ଧ୍ୟାରେ ବାଇକ୍‌ରେ ଫେରୁଥିଲେ। ମହିଚଲା ଜଗନ୍ନାଥ ମନ୍ଦିର ନିକଟରେ ଅଟକି ଥିବା ହାଇଓ୍ବାରେ ପିଟିହୋଇ ଥିଲେ। ତାଙ୍କୁ ଜୁନାଗଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



## ସଂକ୍ଷେପରେ

### ଟିଟିଲାଗଡ଼ରେ ଗୀତା ଜୟନ୍ତୀ

ଟିଟିଲାଗଡ, ୬।୧୨(ଡି.ଏନ.ଏ.)

ଟିଟିଲାଗଡ଼ ଜଗନ୍ନାଥ ମନ୍ଦିରରେ ଗୀତା ଜୟନ୍ତୀ ବ୍ରାହ୍ମଣ ସମାଜ ସଭାପତି ବିଶ୍ୱରାମ ଠାକୁରଙ୍କ ତତ୍ତ୍ୱାବଧାନରେ ପାଳନ ହୋଇଯାଇଛି। ଏକାଦଶୀର ଯଜ୍ଞାନୁଷ୍ଠାନ ଟିଟିଲାଗଡ ଜିଲା ସକାଶେ ହୋଇଥିବାବେଳେ, ବ୍ୟଞ୍ଜନ ଦ୍ୱାଦଶୀରେ ପ୍ରଶାନ୍ତ ପଣ୍ଡା କର୍ତ୍ତା ରହି ପ୍ରଭୁ ଜଗନ୍ନାଥ ପାଖରେ ଅନେକ ପ୍ରକାର ବ୍ୟଞ୍ଜନର ଭୋଗ ଦେଇଥିଲେ। ଗୀତା ଜୟନ୍ତୀରେ ଜଗନ୍ନାଥ ପଣ୍ଡା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଯାଗଯଜ୍ଞରେ ବୃନ୍ଦାବନ ପଣ୍ଡା, ବନମାଳୀ ଦାଶ ସୁଶୀଲ କୁମାର ମିଶ୍ର, ମୀନକେତନ ମିଶ୍ର, ମନ୍ଦରଧର ପଣ୍ଡା, ମାନସ ପାଣି, ଶୁକଦେବ ଯୋଷୀ, ରାମ ନାରାୟଣ ମିଶ୍ର, ରମାନାଥ ଖମାରୀ, ବୀରେନ୍ଦ୍ର ପ୍ରସାଦ ଗୁରୁ ସହଯୋଗ କରିଥିଲେ।

### ଧାନମଣ୍ଡି ପରିଦର୍ଶନ କଲେ ଉପଖଣ୍ଡ ଯୋଗାଣ ଅଧିକାରୀ

**ଖପ୍ରାଖୋଲ, ୬।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହସିଂହା କୃଷି ସେବା ସମବାୟ ସମିତି ଯୁରିଆ ଧାନ ମଣ୍ଡିକୁ ମଙ୍ଗଳବାର ପାଟଣାଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହୁ ଗସ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କାଗଜ ପତ୍ର ସହ ଧାନ ବିକ୍ରି ସମ୍ପର୍କରେ ଚାଷୀଙ୍କୁ ପଚାରି ବୁଝିଥିଲେ। ଗସ୍ତ ସମୟରେ ସେବା ସମବାୟ ସମିତି ସଭାପତି କନ୍ଦର୍ପ ସୁଆର, ସାନନ୍ଦ ଯୋଶୀ, ରାଜୁ ମେହେର, ଜୟନ୍ତ ମେହେର, ବିକାଶ ମେହେର ପ୍ରମୁଖ ଚାଷୀ ମାନେ ଉପସ୍ଥିତ ଥିଲେ।

### ଶିଶୁ ମନ୍ଦିରରେ ଜେଜେମା, ଜେଜେବାପା ସମ୍ମିଳନୀ

**ଟିଟିଲାଗଡ, ୬।୧୨(ଡି.ଏନ.ଏ.):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଟିଟିଲାଗଡରେଗୀତାଞ୍ଜଳି ଭୋଇଙ୍କ ଅଧକ୍ଷତାରେ ଜେଜେମା' ଓ ଜେଜେ ବାପା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶ୍ୟାମ ସୁନ୍ଦର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୁଞ୍ଜ ବିହାରୀ ବାନପ୍ରସ୍ଥି ଯୋଗ ଦେଇଥିଲେ। ପରିଚାଳନା ସମିତି ସମ୍ପାଦକ ଡମ୍ବରୁଧର କର୍ମୀ ଅନୁଷ୍ଠାନର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଜେଜେମା ଓ ଜେଜେବାପା ଉପସ୍ଥିତ ଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ନୃପରାଜ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

### ମରାମତି ହେଉନି ଜଳଯୋଗାଣ ପାଇପ

**ଲାଠୋର, ୬।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ଥିବା ଜଳ ଯୋଗାଣ ପ୍ରକଳ୍ପ ପାଇପ ଫାଟି ଯାଇଛି। ଇତ୍ୟବସରେ ଏକମାସ ବିତି ଯାଇଥିଲେ ମଧ ମରାମତି ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ୧୫ ବର୍ଷ ହେବ ଏହି ପ୍ରକଳ୍ପରୁ ଗ୍ରାମର ୪ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ଜଳଯୋଗାଣ କରାଯାଉଛି। ପ୍ରାୟ ଏକ ମାସ ହେବ ଶିଶୁ ବିଦ୍ୟା ମନ୍ଦିର ନିକଟରେ ଥିବା ଜଳ ଯୋଗାଣ ପାଇପକୁ ମାଲ ବୋଝେଇ ଟ୍ରକ ମାଡ଼ି ଫଟାଇ ଦେଇଥିଲା। ସେହିଦିନରୁ ଏହାର ମରାମତି ନ ହେବାରୁ ସେଠାରେ ପାଣି ଲିକ୍ କରୁଛି। ଯୋଗାଣ ବେଳେ ଲିକ୍ ଯୋଗୁ ବାହାରେ ଜମା ହୋଇ ରହୁଥିବା ପାଣି ମୋଟର ବନ୍ଦ ହେବା ପରେ ଦୂଷିତ ଜଳ ପାଇପ ଭିତରକୁ ପଶୁଛି। ପରବର୍ତ୍ତୀ ସମୟରେ ସେହି ପାଣି ମୋଟର ସାହାଯ୍ୟରେ ଯୋଗାଣ କରାଯାଉଛି। ଅବିଳମ୍ବେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପାଇପ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

### ସୁରକ୍ଷିତ ବିଦ୍ୟୁତ୍ ବ୍ୟବହାର ସଚେତନତା

**ଖପ୍ରାଖୋଲ, ୬।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବିଦ୍ୟୁତ୍ ଗ୍ରୀଡଠାରେ ସୁରକ୍ଷିତ ବିଦ୍ୟୁତ୍ ବ୍ୟବହାର ନେଇ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଏକ ସଚେତନତା ରଥ ଗ୍ରୀଡଠାରୁ ବାହାରି ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରେ ସୁରକ୍ଷିତ ବିଦ୍ୟୁତ୍ ବ୍ୟବହାର ନେଇ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଉପକରଣ ସହିତ ବିଦ୍ୟୁତ ତାର, ସଟ ସର୍କିଟ, ହାଇଭୋଲଟେଜ ତାରଠାରୁ ଦୂରେଇ ରହିବା, ଓଦା ହାତରେ ବିଦ୍ୟୁତ୍ ଉପକରଣ ନ ଛୁଇଁବା ଉପରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ଟିପିଡବ୍ଲୁଡିଏଲ ସୁପରଭାଇଜର ସୌମ୍ୟ ପଟ୍ଟନାୟକ, ଲାଇନମ୍ୟାନ ମନୋଜ ମହାନ୍ତି, ରାମପ୍ରସାଦ ସାହୁ, ଦୁର୍ଯ୍ୟୋଧନ ସାହୁ, ଜୁଲୁ ବରିହାଙ୍କ ସମେତ ବିଦ୍ୟୁତ୍ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

# ଧାନକିଣା ଆରମ୍ଭରୁ ଅବ୍ୟବସ୍ଥା

**ଦେଓଗାଁ, ୬।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ କୃଷି ସେବା ସମବାୟ ସମିତିରେ ସୋମବାର ଆନୁଷ୍ଠାନିକଭାବେ ଧାନମଣ୍ଡିର ଶୁଭାରମ୍ଭ କରାଯାଇଛି। ହେଲେ ଧାନକିଣା ଆରମ୍ଭରୁ ଅବ୍ୟବସ୍ଥା ଦେଖାଦେଇଛି । ଧାନକ୍ରୟ ପାଇଁ ଆବଶ୍ୟକ ଉପକରଣ ଓ ବ୍ୟବସ୍ଥାରେ ବିଳମ୍ବ ହେବାରୁ ପ୍ରଥମ ଦିନ କୌଣସି ଚାଷୀଙ୍କ ଧାନକ୍ରୟ ହୋଇପାରିନାହିଁ। ଟୋକନ ପାଇଥିବା ୯ଜଣ ଚାଷୀ ପୁଣି ଥରେ ଧାନ ଧରି ପାକ୍ସକୁ ଆସିବାପରେ କ୍ରୟକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ପାକ୍ସ ପରିଚାଳନା କମିଟି ମଧ୍ୟରେ ସମନ୍ୱୟ ଅଭାବ ଯୋଗୁଁ ଧାନକିଣାରେ ଆହେତୁକ ବିଳମ୍ବ ହୋଇଥିଲା । ତେବେ ପାକ୍ସ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ କିଶୋର ସାହୁ ଚାଷୀଙ୍କ ସୁବିଧା ତଥା ନିୟମାନୁସାରେ ଧାନକ୍ରୟ କରିବାପାଇଁ ମତ ରଖିଥିଲେ। ଚାଷୀମାନେ ପାକ୍ସ ପରିସରରେ ଧାନ ଗଚ୍ଛିତ ରଖିବା ପାଇଁ ଭିତ୍ତିଭୂମି ନ ଥିବା ଓ ଧାନର ଗୁଣାତ୍ମକ ମାନ ନିର୍ଦ୍ଧାରଣ ପାଇଁ ବ୍ୟବସ୍ଥା ନ ଥିବା ଅଭିଯୋଗ ଉଠାଇଥିଲେ। ଏଣୁ ଧାନର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଲରମାନେ ତୁରନ୍ତ ଧାନ ନ ଉଠାଇଲେ ଅସୁବିଧାର ସମ୍ମୁଖୀନ ହେବା ନିଶ୍ଚିତ। ପରେ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶନାମାରେ ଧାନକ୍ରୟ କରାଯାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଚାଷୀ ମହଲରେ ଦାବି ହେଉଛି ।



ଦେଓଗାଁ ପାକ୍ସ ପରିସରରେ ଧାନକ୍ରୟ ଚାଲିଛି ।

## ଟୋକନ ଆସିନି, ଚାଷୀ ଜିଲାପାଳଙ୍କ ଦ୍ୱାରସ୍ଥ

**ଦେଓଗାଁ, ୬।୧୨(ଡି.ଏନ.ଏ.)**

ଅମଳ ସରି ଯାଇଛି, ହେଲେ ଟୋକନ ଆସିନାହିଁ। ଏହିପରି ଅଭିଯୋଗ କରି ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପାକ୍ସ ଅନ୍ତର୍ଗତ ଜଣେ ଚାଷୀ ଜିଲାପାଳଙ୍କୁ ଫେରଦ ହୋଇଛନ୍ତି। ଉପରଝର ଗାଁର ଚାଷୀ ଗୁଞ୍ଜୁ ପଧାନ ସ୍ଥାନୀୟ କୃଷିସେବା ସମବାୟ ସମିତିରେ ଧାନବିକ୍ରି କରିବାପାଇଁ ପଞ୍ଜିକରଣ କରିଥିଲେ । ଏବେ ପଞ୍ଜିକୃତ ସମସ୍ତ ଚାଷୀଙ୍କ ନିକଟକୁ ଧାନବିକ୍ରି କରିବାପାଇଁ ମ୍ୟାସେଜ ଆସିସାରିଛି । ହେଲେ ତାଙ୍କ ନିକଟକୁ ମ୍ୟାସେଜ ଆସିନାହିଁ। ପାକ୍ସ ସମ୍ପାଦକ ଓ ଡିଇଓଙ୍କୁ ଏ ନେଇ ପଚାରିବାରୁ ସେମାନେ କୌଣସି ଉତ୍ତର ଦେଉନାହାନ୍ତି। ପୂର୍ବବର୍ଷମାନଙ୍କରେ ମୁଁ ପାକ୍ସରେ ଧାନବିକ୍ରି କରିଥିଲି । ଏଣୁ ଏହାର ତଦନ୍ତ ପୂର୍ବକ ମୋ ଅମଳ ଧାନକୁ ପାକ୍ସରେ ବିକ୍ରି କରିବା ବ୍ୟବସ୍ଥା କରିବାକୁ ଜିଲାପାଳଙ୍କୁ ଦାବି ଜଣାଇଛନ୍ତି। ଅଭିଯୋଗ ପରେ ଜିଲାପାଳ ଡିଆରସିଏସଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସେହିପରି ଉକ୍ତ ଗାଁର ଅମର ବାଗଙ୍କ ଅଭିଯୋଗ ଅନୁସାରେ ତାଙ୍କ ନାମରେ ୨ଏକର ୪୦ ଡିସମିଲ ଓ ତାଙ୍କ ବାପା ଦ୍ୱାର ବାଗଙ୍କ ନାମରେ ୧ଏକର ୫୦ ଡିସମିଲ ଜମି ପଞ୍ଜିକରଣ କରାଇଥିଲେ। ହେଲେ ତାଙ୍କର ଟୋକନ ଆସିନାହିଁ। ସମ୍ପାଦକ କାମାକ୍ଷା ପ୍ରସାଦ ସାହୁଙ୍କୁ ପଚାରିବାରୁ ବିଭାଗୀୟ ତଦନ୍ତ ପରେ ଜଣାପଡିବ ବୋଲି କହିଛନ୍ତି।

# କଳାକାର ଚୟନରେ ପାତରଅନ୍ତର

**ଲୋଇସିଂହା, ୬।୧୨(ଡି.ଏନ.ଏ)**

ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ବୟସ୍କ ଦୁଃସ୍ଥ କଳାକାରଙ୍କୁ ପ୍ରୋତ୍ସାହାନ ଦେବା ପାଇଁ କଳାକାର ଭତ୍ତା ବ୍ୟବସ୍ଥା କରାଯାଇଛି। ବ୍ଲକସ୍ତରରେ କଳାକାର ଚୟନ କମିଟି ଗଠନ କରି କଳାକାର ଚୟନ କରାଯାଉଛି । ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ କଳାକାର ଚୟନରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ହେଉଛି। ଏପରିକି ତାଲିକାରେ ବହୁ ବେନାମି କଳାକାରଙ୍କ ନାମ ଜିଲା ସଂସ୍କୃତି ବିଭାଗକୁ ପଠାଯାଇଛି ।

୪୦ବର୍ଷରୁ ଉର୍ଦ୍ଧ୍ୱ ମହିଳା ଓ ୫୦ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ କଳାକାର ଭତ୍ତା ପାଇଁ ଅନ୍ତର୍ଭୁକ୍ତ ହୋଇପାରିବେ। ଯୋଗ୍ୟ ବିବେଚିତ କଳାକାରଙ୍କୁ ସରକାର ମାସକୁ ୧୫ଶହ ଭତ୍ତା ପ୍ରଦାନ କରନ୍ତି। ଲୋଇସିଂହା ପଞ୍ଚାୟତ ପରିସରରେ ଅକ୍ଟୋବର ୨୧ତାରିଖରେ ବ୍ଲକସ୍ତରୀୟ କଳାକାର ଚୟନ ଶିବିର ଆୟୋଜିତ ହୋଇଥିଲା । ଏଥିରେ ବ୍ଲକର ୨୦ଟି ପଞ୍ଚାୟତରୁ ୨୯୦ କଳାକାର ଯୋଗଦେଇ ନିଜର କଳା ପ୍ରଦର୍ଶନ କରି ଭତ୍ତା ପାଇଁ ଆବେଦନ କରିଥିଲେ। ସେଥିରୁ ୧୬୦କଳାକାରଙ୍କ ନାମକୁ ବ୍ଲକ ଚୟନ କମିଟି ପକ୍ଷରୁ ଜିଲା ସଂସ୍କୃତି ବିଭାଗକୁ ପଠାଯାଇଛି । ଲୋଇସିଂହା ପଞ୍ଚାୟତରୁ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ବେନାମି କଳାକାରଙ୍କ ନାମ ଏହି ତାଲିକାରେ ରହିଥିବା କୁହାଯାଉଛି । ପ୍ରକୃତ କଳାକାରଙ୍କୁ ଉପେକ୍ଷା କରି ଉକ୍ତ ତାଲିକାରେ ଚୟନ କମିଟି ସଦସ୍ୟ ତାଙ୍କ ପରିବାର ଲୋକଙ୍କ ନାମ ଯୋଡି ଫାଇଦା ନେବାକୁ ଉଦ୍ୟମ କରୁଥିବା ନେଇ ଜଣେ ମହିଳା କଳାକାର ନିଜ ନାମ ଗୋପନର ରଖିବା ସର୍ତ୍ତରେ କହିଛନ୍ତି। ବ୍ଲକ ଚୟନ କମିଟି ଉପସଭାପତି ତଥା ବିଶିଷ୍ଟ କଳାକାର ଶଙ୍କର ବେହେରା କହିଛନ୍ତି, ଅସହାୟ କଳକାରଙ୍କ ପାଇଁ ଏହି ବ୍ୟବସ୍ଥା ହୋଇଛି । ଏପରି ନାମ ଆସିବାକୁ ନେଇ ସେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ବୁଧବାର ସାର୍ଟିଫିକେଟ ଯାଞ୍ଚ ରହିଛି । ସେମାନେ ନିଶ୍ଚିତ ବାଦ୍ ପଡିବେ ବୋଲି ସେ କହିଛନ୍ତି। ଚୟନ କମିଟି ସଭାପତି ତଥା ବିଡିଓ ଆକାଶ ରଞ୍ଜନ ସାହୁଙ୍କୁ ତାଙ୍କ ମୋବାଇଲ ନଂ ୯୩୩୭୮୨୦୯୪ରେ ଯୋଗାଯୋଗ କରାଯାଇଥିଲା। ରିଙ୍ଗ ହେବା ସତ୍ତ୍ୱେ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ଭିନ୍ନକ୍ଷମ କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା



ବ୍ଲକ ଶିକ୍ଷା ଅଧିକାରୀ ଜଣେ ଭିନ୍ନକ୍ଷମ ଶିଶୁଙ୍କୁ ପୁରସ୍କୃତ କରୁଛନ୍ତି।

**ଟିଟିଲାଗଡ଼, ୬।୧୨ (ଡି.ଏନ.ଏ)**

ଟିଟିଲାଗଡ ବିଆରସିସି ବିଲଡିଂ ପରିସରରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଭିନ୍ନକ୍ଷମ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୮୦ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସିଆରିସିସି ବନ୍ଧୁ ଜାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଭିରାମ ମାଝି ସମ୍ମାନୀତ ଅତିଥି, ସେକ୍ସନ ଅଧିକାରୀ ସୋମନାଥ ବିଶ୍ୱାଳ ମୁଖ୍ୟବକ୍ତା ଭାବରେ ମଞ୍ଚାସୀନ ଥିଲେ। ବିଆରଟି ପ୍ରଦ୍ୟୁମ୍ନ ସାହୁ ଏବଂ ପ୍ରଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଉମେଶ ଚନ୍ଦ୍ର ସାହୁ, ଭୁପତି ମିଶ୍ର, ସୁଷମା ବାଗ, ବିଭୂତି ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ



ପୁରସ୍କୃତ ଗୃହରକ୍ଷୀଙ୍କ ସହ ମୁଖ୍ୟଅତିଥି ଏସପି ନୀତିନ କୁଶଲକର।

**ବଲାଙ୍ଗୀର ଅଫିସ, ୬।୧୨**

ବଲାଙ୍ଗୀର ମନୋହରପୁର ପୋଲିସ ପଡିଆରେ ଜିଲା ଗୃହରକ୍ଷୀ ବାହିନୀର ୬୦ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳନ କରାଯାଇଥିଲା। ମୁଖ୍ୟଅତିଥିଭାବେ ଏସ୍‌ପି ନୀତିନ କୁଶଲକର ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୁମୁଦ ସେଠଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଜିଲା ଗୃହରକ୍ଷୀ ବାହିନୀ କମ୍ପାନୀ କମାଣ୍ଡର ହେମନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ପରିଚାଳିତ ପରେଡ୍‌ରେ ଜିଲାର ୧୮ଟି ଥାନାର ଗୃହରକ୍ଷୀ ବାହିନୀ ଯୋଗଦାନ କରିଥିଲେ। ସେକେଣ୍ଡ ଇନ୍ କମାଣ୍ଡ ଭାବେ ୟୁନିଟ କମାଣ୍ଡର ପ୍ରଫୁଲ୍ଲ କୁମାର ବର୍ଗତ୍ତି ଓ ପ୍ଲାଟୁନ କମାଣ୍ଡର ସୁଧୀର କୁମାର ଜାଲ, ଟଙ୍କଧର ସେଠ, ହେଟକ୍ୱାର୍ଟର୍ସ ପ୍ଲାଟୁନ କମାଣ୍ଡର ଗୁଲାପ ସାହୁ, ପ୍ଲାଟୁନ କମାଣ୍ଡର ଦୀନବନ୍ଧୁ ନାଏକ ପ୍ଲାଟୁନ ଦାୟିତ୍ୱରେ ରହିଥିଲେ। ମୁଖ୍ୟଅତିଥି ଏସପି କୁଶଲକର ପ୍ରଥମେ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ଓଡିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ଗୃହରକ୍ଷୀ ଅଗ୍ନିଶମ ତଥା ସିଭିଲ ଡିଫେନ୍ସ ମହାନିର୍ଦ୍ଦେଶକ ବାର୍ତ୍ତା ପାଠ କରିଥିଲେ। କରୋନା ମହାମାରୀ ଏବଂ ଲୋୟର ସୁକ୍‌ତେଲ ପ୍ରକଳ୍ପ ନିର୍ମାଣ ଦିଗରେ ଗୃହରକ୍ଷୀଙ୍କ ଭୂମିକାକୁ ଏସ୍‌ପି ପ୍ରଶଂସା କରିଥିଲେ। ଉଲ୍ଲେଖନୀୟ ସେବା ଓ ଉତ୍ତମ କାମ ସମ୍ପାଦନ କରିଥିବା ବିଭିନ୍ନ ଥାନାର ଗୃହରକ୍ଷୀମାନଙ୍କୁ ମୁଖ୍ୟଅତିଥି ଏସ୍‌ପି କୁଶଲକର ଅର୍ଥରାଶି ସହ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ବଲାଙ୍ଗୀର ଟାଉନ୍ ଥାନା ହୋମଗାର୍ଡ ରାମ କୁମାର ସେଠ, ଲାଠୋର ଥାନାର ବୈକୁଣ୍ଠ ଶବର, ଦେଓଗାଁ ଥାନାର ଗୌର ସେଠ, ତୁଷରା ଥାନାର ଭୋଲାନାଥ ପ୍ରଧାନ, ବେଲପଡା ଥାନାର ହେମସାଗର ବାଗ, ଲରମ୍ଭା ଥାନାର ହେମନ୍ତ ବାରିକ ଓ ବୃନ୍ଦାବନ ପାଣ୍ଡେ, ବଙ୍ଗୋମୁଣ୍ଡା ଥାନାର ପର୍ଶୁରାମ ବେହେରା, ସଦର ଥାନାର କାର୍ତ୍ତିକ ପଟେଲ, ତୁରେକେଲା ଥାନାର ଗୌତମ ଲୁହା ଏବଂ ବଲାଙ୍ଗୀର ହେଡ୍‌କ୍ୱାଟର ଅଧିନ ପ୍ଲାଟୁନ କମାଣ୍ଡର ପ୍ରଫୁଲ୍ଲ କୁମାର ବର୍ଗତ୍ତି, ଟଙ୍କଧର ସେଠ, ସୁଧୀର କୁମାର ଜାଲ ଓ କମ୍ପାନୀ କମାଣ୍ଡର ହେମନ୍ତ କୁମାର ବେହେରାଙ୍କୁ ସ୍ୱତନ୍ତ୍ର ଭାବରେ ମାନପତ୍ର ତଥା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ମହିଳାଙ୍କ ମୃତ୍ୟୁକୁ ନେଇ ହତ୍ୟା ଅଭିଯୋଗ ଆଣିଲେ ବାପା

**ଖଡ଼ିଆଳ,୬।୧୨(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଚଳାନପଡା ଗ୍ରାମରେ ଜଣେ ବିବାହିତ ମହିଳା ମୃତ୍ୟୁ ଘଟିଛି। ହେଲେ ମହିଳାଙ୍କ ବାପା ଝିଅଙ୍କୁ ଜ୍ୱାଇଁ ହତ୍ୟା କରିଥିବା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଶବ ଜବତ କରି ଅଭିଯୋଗ ନେଇ ଏକ ଏକ ମାମଲା (ନଂ. ୫୦୫/୨୨) ରୁଜୁ କରି ତଦନ୍ତ କରୁଛି। ମଙ୍ଗଳବାର ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ ଚଳାଇଛି। ପୋଲିସ ମୃତାକାଙ୍କ ସ୍ୱାମୀ ଯୁଧିଷ୍ଠିର ବାରିକ୍‌ଙ୍କୁ ଅଟକ ରଖିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଯୁଧିଷ୍ଠିର ବାରିକ (୩୫) ଓ ସ୍ତ୍ରୀ ସସ୍ମିତା ବାରିକ (୨୭)ଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ପାରିବାରିକ ସମସ୍ୟା ନେଇ କଳହ ଲାଗି ରହିଥିଲା। ସୋମବାର ସନ୍ଧ୍ୟା ୫ଟାରେ ସସ୍ମିତାଙ୍କ ମୃତ୍ୟୁ ହୋଇଯାଇଥିଲା। ହେଲେ ଯୁଧିଷ୍ଠିର ଖଡ଼ିଆଳ ମିଶନ ହସ୍ପିଟାଲକୁ ଆଣିଥିଲେ। ହେଲେ ଡାକ୍ତର ପୂର୍ବରୁ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ। ଖବର ପାଇ ସସ୍ମିତାଙ୍କ ବାପା ବାପା କେଶବ ଚଲାନ ଖଡ଼ିଆଳ ଥାନାରେ ଝିଅଙ୍କୁ ଜ୍ୱାଇଁ ଯୁଧିଷ୍ଠିର ହତ୍ୟା କରିଥିବା ଅଭିଯୋଗ କରିଥିଲେ। ୨୦୧୧ରେ ଉଭୟଙ୍କ ବିବାହ ହୋଇଥିବା ବେଳେ ସେମାନଙ୍କ ଗୋଟିଏ ୧୧ ବର୍ଷର ପୁଅ ରହିଛି। ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ତଦନ୍ତ ଅଧିକାରୀ ତାରାକାନ୍ତ ବିଶ୍ୱାଳ ପ୍ରକାଶ କରିଛନ୍ତି।

## ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ



ବିଆର ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସରେ ଉପସ୍ଥିତ ଅତିଥି।

**ବଲାଙ୍ଗୀର ଅଫିସ, ୬।୧୨**

ପୁଇଁତଳାସ୍ଥିତ ଡ. ବିଆର ଆମ୍ବେଦକର କ୍ଲବ ଆୟୋଜନକ୍ରମେ ଜ୍ୟୋତିଷ କୁମାର ମୁଗ୍ରୀଙ୍କ ସଭାପତିତ୍ୱରେ ଭାରତରତ୍ନ ଡ. ବିଆର ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ସ୍ଥାନୀୟ ଢୋଲ ମହୁରୀ ଭବନରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ତରଣୀସେନ ଦୀପ ଯୋଗ ଦେଇ ଡ. ଆମ୍ବେଦକରଙ୍କ ପାଞ୍ଚ ଗୋଟି ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ବିଭୂତି ସୁନା, ସତ୍ୟାନନ୍ଦ ସୁନା, ଦେବାଶିଷ ବାଗ, ରଘୁ ସୁନା, ପ୍ୟାରିଲାଲ ନାଗ, ରାଜାରାମ ନାଗ, ଭୁଗ ମୁଗ୍ରୀ, ମନୋରଞ୍ଜନ କୁମ୍ଭାର, ସୁଶାନ୍ତ ମଲ୍ଲିକ, ହରି ନନ୍ଦ, ଅକ୍ଷୟ କୁମ୍ଭାର ପ୍ରମୁଖ ଶ୍ରଦ୍ଧାଞ୍ଜଳି ମନ୍ତବ୍ୟ ରଖିଥିଲେ। ଆବାହକ ବିନୋଦ ମୁଗ୍ରୀ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଖୋଲିଲା ଋତୁକାଳୀନ ଛାତ୍ରାବାସ

**ଟିଟିଲାଗଡ଼, ୬।୧୨(ଡି.ଏନ.ଏ)**

ପ୍ରତ୍ୟେକ ବର୍ଷ ଗରିବ ମା'ବାପା ଦାଦନ ଖଟିବାକୁ ଯାଇଥାନ୍ତି। ଏହି ସମୟରେ ଏଠାରେ ରହି ଯାଇଥାନ୍ତି ସେମାନଙ୍କ ପିଲାମାନେ। ସେହି ପିଲାଙ୍କ ଶିକ୍ଷା ପାଇଁ ଖୋଲିଥାଏ ଋତୁକାଳିନ ଛାତ୍ରବାସ। ଏହିକ୍ରମରେ ଟିଟିଲାଗଡ଼ ବ୍ଲକ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଋତୁକାଳିନ ଛାତ୍ରାବାସର ଶୁଭାରମ୍ଭ ହୋଇଛି। ଭୀମ ଭୋଇ ଅନାଥାଶ୍ରମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାନିଭୁରିଠାରେ ଏହାକୁ ଉଦ୍‌ଘାଟନ କରିଛନ୍ତି ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଅଭିରାମ ମାଝି। ଦାଦନ ଖଟିବାକୁ ଯାଇଥିବା ପରିବାରର ପୁଅଝିଅଙ୍କୁ ଏଠାରେ ରଖାଯିବା ସହ ସେମାନଙ୍କ ଖାଇବା ପିଇବା, ଶିକ୍ଷା ବ୍ୟବସ୍ଥା ସରକାରଙ୍କ ତରଫରୁ ପ୍ରଦାନ କରାଯିବ ବୋଲି ଅତିରିକ୍ତ ଶିକ୍ଷା ଅଧିକାରି ମାଝି ଅନୁଷ୍ଠିତ ସଭାରେ କହିଥିଲେ। କାର୍ଯ୍ୟକ୍ରମରେ ସିଆରସିସି ଉମେଶ ଚନ୍ଦ୍ର ସାହୁ, ପ୍ରଧାନଶିକ୍ଷକ ଚକାମନ ବିଶି, ସହକାରୀ ଶିକ୍ଷକ ମିନିକେତନ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନାୟକ ସାହୁ, ଭଜ ମାଝି, ପୂର୍ବତନ ସରପଞ୍ଚ ଜୟରାମ ଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

**କର୍ଲାମୁଣ୍ଡା,୬।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳକୁ ମଙ୍ଗଳବାର ବିଧାୟକ ଭୁପିନ୍ଦର ସିଂ ଗସ୍ତ କରି ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ। ବିଧାୟକ ପ୍ରଥମେ ସରଗୁଲ ମାଲପଡା ପଞ୍ଚାୟତରେ ହେବାକୁ ଥିବା ଧାନ ମଣ୍ଡି ଉଦଘାଟନ କରିଥିଲେ। ଏହା ପରେ ବିଡିଓଙ୍କ କାର୍ଯ୍ୟାଳୟରେ ବିଡିଓ ସୁଚରିତା ମୁଗ୍ରୀ, ବ୍ଲକ ଅଧକ୍ଷ୍ୟା କୁନି ସାହୁ, ତହସିଲଦାର ମିଳନ କୁମାର ଝାଙ୍କର, ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ଓ ସୁରେଶ ଚୌଧୁରୀ, ସରଗୁଲ ମାଲପଡା ସରପଞ୍ଚ ବରୁଣ ଛତ୍ରିଆ, ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର ସାହୁ, ବ୍ଲକର ସମସ୍ତ ବିଭାଗୀୟ ଯନ୍ତ୍ରୀମାନଙ୍କ ଉପସ୍ଥିତିରେ ଉନ୍ନୟନ ପ୍ରକଳ୍ପଗୁଡିକ ସମୟ ସୀମା ଭିତରେ ସାରିବା ସହ ପ୍ରକଳ୍ପଗୁଡିକ କେମିତି ଭଲ ହେବ ଓ ଜନ ସାଧାରଣ ଉପକୃତ ହୋଇପାରିବେ, ସେ ଦିଗରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।



ବିଡିଓଙ୍କ କାର୍ଯ୍ୟାଳୟରେ ବିଧାୟକ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରୁଛନ୍ତି।

# ଉତ୍ତମ ଛାତ୍ର ଶିକ୍ଷକଙ୍କ ଉପଲବ୍ଧି

- ଆଦର୍ଶ ଶିକ୍ଷକ ଗଣେଶ୍ୱର ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି
- ସ୍ମୃତିରେ ଗଣେଶ୍ୱର ପୁସ୍ତକ ଉନ୍ମୋଚିତ

**ବଲାଙ୍ଗୀର ଅଫିସ, ୬।୧୨**

ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଗଣେଶ୍ୱର ମହାନ୍ତିଙ୍କ ଏକାଦଶାହ ଅବସରରେ ସ୍ଥାନୀୟ ଭଗବତୀ କଲ୍ୟାଣ ମଣ୍ଡପରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ଉତ୍ତମ ଛାତ୍ର ଶିକ୍ଷକଙ୍କ ପ୍ରକୃତ ଉପଲବ୍ଧି ବୋଲି ବକ୍ତାମାନେ ସ୍ମୃତିସଭାରେ ବକ୍ତବ୍ୟ ରଖିବା ସହ ଗଣେଶ୍ୱର ମହାନ୍ତିଙ୍କ ଶୈକ୍ଷିକ ଉବଲବ୍ଧ ସମ୍ପର୍କରେ ଆଲୋଚନା କରିଥିଲେ। ଶିବାନନ୍ଦ ଦାସ ଏବଂ ବୀରେନ୍ଦ୍ର କୁମାର ଝାଙ୍କରଙ୍କ ଯୁଗ୍ମ ସଂଯୋଜନାରେ ଆୟୋଜିତ ସ୍ମୃତି ସଭା ପ୍ରାରମ୍ଭରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ସ୍ମୃତିରେ ଗଣେଶ୍ୱର ପୁସ୍ତକ ଉନ୍ମୋଚନ କରିଥିଲେ। ଏହି ଉନ୍ମୋଚନ ସଭାରେ ଗୋକୁଳାନନ୍ଦ ମହାନ୍ତି, ଅଖିଳ ଦାସ, ସୁବାସ ପଣ୍ଡା, କପିଳ ପତି, ଜ୍ଞାନେନ୍ଦ୍ର ମହାନ୍ତି, ଆଡଭୋକେଟ ଅମୀୟ ମହାନ୍ତି, ସୁନୀଲ ମହାନ୍ତି, ଅଜିତ ମହାନ୍ତି, ଧୀରେନ୍ଦ୍ର ମହାନ୍ତି, ସୁନୀଲ ମହାନ୍ତି, ପ୍ରେସ କ୍ଲବ୍ ସଭାପତି ଅରୁଣ ମିଶ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ମହାନ୍ତିଙ୍କ ଛାତ୍ର ପ୍ରଫେସର ଡ. ଶିବପ୍ରସାଦ ନନ୍ଦ, ବାଞ୍ଛାନିଧି ମିଶ୍ର, ଦାମୋଦର ସେଠୀ, କିଶୋର ରଥ, ନାରାୟଣ ମିଶ୍ର, ସୁରେନ୍ଦ୍ର ନେଗୀ, ଭଗବାନ ବଗର୍ତ୍ତୀ, ହରିନାରାୟଣ ପୂଜାରୀ, ଘାସିରାମ ବେହେରା, ଚିଦାନନ୍ଦ ବେହେରା, ପ୍ରମୋଦ ରଥ, ସଞ୍ଜୀବ ରଥ, ପ୍ରଶାନ୍ତ ମହାକୁର, ପ୍ରଦୀପ୍ତ ମହାନ୍ତି, ତାରିଣୀ ମହାନ୍ତି, ଶଶୀଭୂଷଣ ପୁରୋହିତ, ବିଭୁକଲ୍ୟାଣ ଗଡତ୍ୟା, ସୁରେନ୍ଦ୍ର ନେଗୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ୱର୍ଗତ ମହାନ୍ତିଙ୍କ ଶିକ୍ଷକ ଜୀବନର ବହୁ ସ୍ମୃତି ବର୍ଣ୍ଣନା କରିଥିଲେ। ୫୦ ଦଶକରେ ଗ୍ରାମୀଣ ବଲାଙ୍ଗୀରରେ ପ୍ରାଥମିକ ଏବଂ ଉଚ୍ଚଶିକ୍ଷାର ଉନ୍ନତି ଦିଗରେ ସେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ୧୯୮୭ ମସିହାରେ ତାଙ୍କୁ ରାଜ୍ୟପାଳ ପୁରସ୍କାର ପ୍ରଦାନ କରାଯାଇ ଚାକିରୀ ଦୁଇବର୍ଷ କାଳ ବୃଦ୍ଧି କରାଯାଇଥିଲା। ଜଣେ ସରଳ, ଅମାୟିକ ଏବଂ ମିଷ୍ଟଭାଷୀ ବ୍ୟକ୍ତି ଓ ଆଦର୍ଶ ଶିକ୍ଷକ ଭାବେ ସେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ ବୋଲି ବକ୍ତାମାନେ କହିଥିଲେ।



ଅତିଥିମାନେ ସ୍ମୃତିରେ ଗଣେଶ୍ୱର ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୭ ଡିସେମ୍ବର, ୨୦୨୨



## ସଂକ୍ଷେପରେ

### କୁଚିଣ୍ଡାରେ ବ୍ଲକସ୍ତରୀୟ କ୍ରୀଡ଼ା ଉଦ୍‌ଘାଟିତ

**କୁଚିଣ୍ଡା,୬ା୧୨(ଡି.ଏନ.ଏ.):** କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମରେ ୩ଦିନ ଧରି ହେବାକୁ ଥିବା ବ୍ଲକସ୍ତରୀୟ ମାଧମିକ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏବିଇଓ ଗୌରାଙ୍ଗ କୁସୁମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ ଓ ଚନ୍ଦନିମାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ କମଳ ଲୋଚନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଖୋଖୋ, କବାଡି, ଫୁଟବଲ, କ୍ରିକେଟ, ହକି ଆଦି ଖେଳରେ ଛାତ୍ରୀଛାତ୍ର ଭାଗନେବେ। ବ୍ଲକର ୨୩ଗୋଟି ହାଇସ୍କୁଲରୁ ୨୭୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପିଇଟି ଶ୍ରୀକାନ୍ତ ପଟେଲ ମୁଖ୍ୟ ପରିଚାଳକ ଥିବା ବେଳେ ପିଇଟି କୈଳାଶ ନାଏକ ମୁଖ୍ୟ ଉଦ୍ୟୋକ୍ତା ଭାବେ କାର୍ଯ୍ୟ ତୁଲାଉଛନ୍ତି।

### ବିଏସ୍‌ପି ପକ୍ଷରୁ ଆମ୍ବେଡକରଙ୍କ ମହାନିର୍ବାଣ ଦିବସ

**ସମ୍ବଲପୁର,୬ା୧୨(ବ୍ୟୁରୋ):** ବହୁଜନ ସମାଜ ପାର୍ଟି ସମ୍ବଲପୁର ଜିଲା କମିଟି ପକ୍ଷରୁ କଲୋନୀ କ୍ଲବଠାରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବିଆର୍ ଆମ୍ବେଡକରଙ୍କ ୬୭ତମ ପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ବିଏସ୍‌ପି ଜିଲା ସଭାପତି ଦିଲୀପ କୁମାର ସିଂଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ବିଏସପି ଜିଲା ସଂଯୋଜକ ସଦାନନ୍ଦ ରଣବିଡା, ଜିଲା ମହିଳା ସଭାନେତ୍ରୀ କଳ୍ପନା ନାଏକ, ବିଏସ୍‌ପି ମହାନଗର ସଭାପତି ପିଣ୍ଟୁ ବେସନ, ମହାନଗର ଉପସଭାପତି ରିଜ୍ୱାନ ଖାନ ଓ ଭୁବନ ବାଗ, ଜିଲା ଯୁବ ଶାଖା ସଭାପତି ଲବ ସୁନା ଆଲୋଚନାରେ ଭାଗ ନେଇଥିଲେ।

### ସାମାଜିକ କର୍ମୀଙ୍କ ଅକାଳ ବିୟୋଗ

**ଝାରସୁଗୁଡା ଅଫିସ/ବେଲପାହାଡ଼,୬ା୧୨:** ବେଲପାହାଡ଼ କୁର୍ମିପଡ଼ାର ସାମାଜିକ କର୍ମୀ ହେମନ୍ତ ନାୟକଙ୍କ ଅକାଳ ବିୟୋଗ ଘଟିଛି। ତାଙ୍କୁ ୫୨ ବର୍ଷ ହୋଇଥିଲା। ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବରଗଡର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ହୋଇଛି। ସେ କୁର୍ମିପଡ଼ା ଜୟଲକ୍ଷ୍ମୀ କ୍ଲବର ସାଧାରଣ ସମ୍ପାଦକ ରହିଥିବାବେଳେ ଅଞ୍ଚଳର ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ ଥିଲେ। କଳା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଭୂମିକା ରହିଥିଲା। ଜୟଲକ୍ଷ୍ମୀ କ୍ଲବ ଓ ମିରର ଥିଏଟର ବେଲପାହାଡ଼ ପକ୍ଷରୁ ଏକ ଶୋକ ସଭା କରାଯାଇ ତାଙ୍କ ସ୍ମୃତିଚାରଣ କରାଯାଇଥିଲା।

### ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ସମ୍ବଲପୁର,୬ା୧୨(ବ୍ୟୁରୋ):** ସମ୍ବଲପୁର ସାମ୍ବାଦିକ ଭବନଠାରେ ଭାରତରତ୍ନ ତଥା ସମ୍ବିଧାନ ପ୍ରଣେତା ଡ. ବିଆର୍ ଆମ୍ବେଡକରଙ୍କ ୬୭ତମ ପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ ଅଧକ୍ଷ ନିହାଲ ସିଂଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ସମ୍ବଲପୁରର ଡେପୁଟି କଲେକ୍ଟର ତ୍ରିଦେବ ପଧାନ ମୁଖ୍ୟଅତିଥି, ଅବସରପ୍ରାପ୍ତ ଓଡିଶା ପ୍ରଶାସନିକ ସେବା ଅଧିକାରୀ ମୁରଲିଧର ନାଏକ ମୁଖ୍ୟବକ୍ତା ଓ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ସାମାଜିକ କର୍ମୀ ମଞ୍ଜୁଲତା ନାଏକ, ଆଇନଜୀବୀ ପ୍ରମୋଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାବା ସାହେବଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ।

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ନାକଟିଦେଉଳ,୬ା୧୨(ଡି.ଏନ.ଏ.):** ନାକଟିଦେଉଳ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୩୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୭ବର୍ଷରୁ କମ ବାଳିକା ବର୍ଗରେ ସରାପାଲି ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ସୁପ୍ରିୟା ମିର୍ଦ୍ଧା ଓ ବାଳକ ବର୍ଗରେ ପଞ୍ଚଖଣ୍ଡା ଉଚ୍ଚବିଦ୍ୟାଳୟ କାଦୋବାହାଲର ଛାତ୍ର କୁଶଧର ସାହୁ ଚାମ୍ପିୟନ ହୋଇଥିଲେ। ସେହିପରି ୧୪ବର୍ଷରୁ କମ ବାଳିକା ବର୍ଗରେ ଗୋଗୁଆ ଉଚ୍ଚବିଦ୍ୟାଳୟର ଛାତ୍ରୀ ସମୀକ୍ଷା ସାହୁ ଓ ବାଳକ ବର୍ଗରେ ଗିରିଶ୍ଚନ୍ଦ୍ରପୁର ସରକାରୀ ସେବାଶ୍ରମ ବିଦ୍ୟାଳୟର ଛାତ୍ର ସୁଶାନ୍ତ ମଲ୍ଲିକ ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ପବିତ୍ର ମୋହନ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିରାଲାଲ ଧଳ ସଭାପତିତ୍ୱ କରିଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବିକ୍ଷୋଭ

**ସମ୍ବଲପୁର,୬ା୧୨(ବ୍ୟୁରୋ)**

**ଠିକା କମ୍ପାନୀ କ୍ୟାମ୍ପରେ ଡ୍ରାଇଭରଙ୍କୁ ମାଡ଼ ଘଟଣା**
- ବାହାରିଆଙ୍କ ଠିକଣା ସ୍ଥାନୀୟ ସଙ୍ଗଠନକୁ ଦିଆଯାଉ
- ରାତିଅଧିଆ ପୋଡ଼ିଦେଲେ ଗ୍ରେଡ୍‌ର ମେଶିନ

ସମ୍ବଲପୁର-ଅନୁଗୋଳ ୫୫ନଂ. ଜାତୀୟ ରାଜପଥ ନିର୍ମାଣ କରୁଥିବା ଠିକା ସଂସ୍ଥା ଅଗ୍ରୱାଲ କନଷ୍ଟ୍ରକଶନ (ଏଆଇପିଏଲ୍)ର ଯୁଯୁମୁରା ଥାନା ଗଡଗଡବାହାଲ କ୍ୟାମ୍ପ ପରିସରରେ ୪ ଜଣ ଅଣଓଡିଆ ଡ୍ରାଇଭରଙ୍କୁ ଆକ୍ରମଣ କରାଗଲା। କମ୍ପାନୀ ସୁପରଭାଇଜର, ବାଉନସର ଓ କେତେଜଣ କର୍ମଚାରୀ କଙ୍ଗାରୁ କୋର୍ଟ କରି ଲହୁଲୁହାଣ କରିଦେଲେ। ଏହାର ଭିଡଓ ଭାଇରାଲ ହେଲା। ପୋଲିସ ଚଢାଉ କରିଥିଲେ ବି ଅଭିଯୁକ୍ତମାନଙ୍କୁ ଗିରଫ କଲା ନାହିଁ। ସ୍ଥାନୀୟ ଏକ ରାଜନୈତିକ ଦଳର ନେତା ଆସଫ ଅଲ୍ଲି ଖାନ, ଉତ୍ସବ ପରିବାରର ଜୟନ୍ତ ପ୍ରଧାନ ଓ ଡ୍ରାଇଭର ମହାସଂଘ ପକ୍ଷରୁ ରମଣି କୁମାର, ସୁଶାନ୍ତ ବେହେରାଙ୍କ ସମେତ ଶତାଧିକ ଲୋକ ମଙ୍ଗଳବାର ଏହି ଅଭିଯୋଗ ଆଣି କମ୍ପାନୀ କ୍ୟାମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହ ସେମାନେ ୭ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଖବର ପାଇ ରେଢାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ଓ ଯୁଯୁମୁରା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ।


କମ୍ପାନୀ କ୍ୟାମ୍ପ ସମ୍ମୁଖରେ ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛି।

ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ, ଆହତ ଡ୍ରାଇଭରଙ୍କୁ ପୋଲିସ ନିଜେ ଉଦ୍ଧାର କରି ଡାକ୍ତରଖାନା ନେଲା, ହେଲେ ଅଭିଯୁକ୍ତଙ୍କୁ ଛାଡିଦେଲା। ଅପରାଧ ଘଟାଇଥିବା ଲୋକେ ବାହାରେ ବୁଲୁଛନ୍ତି। ସେମାନଙ୍କୁ ପ୍ରଶ୍ରୟ ଦିଆଯାଉଥିବାରୁ ଆଗାମୀ ଦିନରେ ଅଞ୍ଚଳବାସୀଙ୍କୁ ଆକ୍ରମଣ କରିବା ଭୟ ରହୁଛି। ତେଣୁ କମ୍ପାନୀରେ ଯେଉଁମାନେ କାମ କରିବେ ସମସ୍ତଙ୍କ ନାମ ଠିକଣା ଓ ଫୋନ ନମ୍ବର ସ୍ଥାନୀୟ ଏକ ସଂଗଠନ ହାତରେ ଦିଆଯାଉ। ଫଳରେ ଅପରାଧ ହେଲେ ସହଜରେ ଜାଣିହେବ। ଏତେ ବଡ ପ୍ରକଳ୍ପ କାମ ହେଉଥିଲେ ବି ସ୍ଥାନୀୟ ରୋଜଗାର ସୃଷ୍ଟି ହୋଇ ନାହିଁ। ଏଠିକାର ଡ୍ରାଇଭର, ଅପରେଟରଠାରୁ ଆରମ୍ଭ କରି ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯାଉ ନାହିଁ। ଏଥିପ୍ରତି ପ୍ରଶାସନ ପଦକ୍ଷେପ ଗ୍ରହଣ କରୁ। ଏସବୁ ଦାବି ନେଇ ପ୍ରାୟ ୩ ଘଣ୍ଟା ଧରି କ୍ୟାମ୍ପ ଆଗରେ ଅସନ୍ତୋଷର ବାତାବରଣ ଲାଗିରହିଥିଲା। ଶେଷରେ ପୋଲିସ ଅଧିକାରୀମାନେ ବିଧିବଦ୍ଧ ତଦନ୍ତ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଡ୍ରାଇଭର ମହାସଂଘ ପକ୍ଷରୁ ପୋଲିସକୁ ଲିଖିତ ଭାବେ ଏକ ଅଭିଯୋଗ ମଧ୍ୟ କରାଯାଇଥିଲା। ଅନ୍ୟପଟେ ଜାତୀୟ ରାଜପଥ ନିର୍ମାଣ କାମରେ ଲାଗିଥିବା ଗ୍ରେଡର ମେଶିନକୁ ସୋମବାର ବିଳମ୍ବିତ ରାତିରେ ପୋଡି ଦିଆଯାଇଛି। ଏହାକୁ ନେଇ କମ୍ପାନୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। କେତେକ ଦୁର୍ବୃତ୍ତ ଗାଡିରେ ଆସି କାର୍ଯ୍ୟରତ କର୍ମଚାରୀଙ୍କୁ ମାରପିଟ କରିଥିଲେ। ସେମାନେ ଚାଲିଯିବା ପରେ ଗାଡିରେ ନିଆଁ ଲଗାଇ ଦେଇଥିଲେ। ଏ ନେଇ ଥାନାରେ ମାମଲା ରୁଜୁ ହୋଇଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ଗତ ରବିବାର ସନ୍ଧ୍ୟା ସମୟରେ ଯୁଯୁମୁରା ପୋଲିସ ଟିମ୍ କ୍ୟାମ୍ପ ପରିସର ଏକ ଷ୍ଟୋର ରୁମରୁ ଗୁରୁତର ଅବସ୍ଥାରେ ୪ ଜଣ ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲା। ସେମାନେ ହେଲେ ବିହାର ଛପ୍ରା ଜିଲାର କମଲୋ ରାୟ, ଅମିତ ରାୟ, ରାଜା କୁମାର ଓ ମଣ୍ଟୋସ ପ୍ରସାଦ ରାୟ। ପୋଲିସ ପ୍ରାଥମିକ ଚିକିତ୍ସା କରାଇ ସେମାନଙ୍କୁ ଥାନାକୁ ଆଣିଥିଲା। ହେଲେ କମ୍ପାନୀ କର୍ମଚାରୀ ଥାନାରେ ପହଞ୍ଚି ଭୟଭୀତ କରି ରାତି ଅଧିଆ ସେମାନଙ୍କୁ ଘରକୁ ପଠାଇ ଦେଇଥିଲେ।

# କୋର୍ଟ ଆଗରେ ଧାରଣା ଦେବେ ଓକିଲ

**ସମ୍ବଲପୁର,୬ା୧୨(ବ୍ୟୁରୋ)**

**ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆହ୍ୱାନ କ୍ରମେ ସମ୍ବଲପୁର ଓକିଲ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ଜାରି ରହିବ। କୋର୍ଟ ଆଗରେ ଧାରଣା ଦେଇ ଓକିଲମାନେ ଆନ୍ଦୋଳନ କରିବେ। ପୂର୍ବଭଳି ବୁଧବାର ସରକାରୀ ଅଫିସ ଓ ରାଜସ୍ୱ କୋର୍ଟ ପିକେଟିଂ କରି ବନ୍ଦ କରାଯିବ ବୋଲି ଜିଲା ଓକିଲ ସଂଘ କ୍ରିୟାନୁଷ୍ଠାନ କମିଟି ଅଧକ୍ଷ ପ୍ରଦୀପ ବହିଦାର କହିଛନ୍ତି। ସେ ଆହୁରି କହିଥିଲେ, ଏହି ଆନ୍ଦୋଳନ ଜନ ଆନ୍ଦୋଳନରେ ପରିଣତ ହୋଇଛି। ପଛକୁ ଘୁଞ୍ଚିବାର ପ୍ରଶ୍ନ ଉଠୁନାହିଁ। ଡିସେମ୍ବର ୭ରୁ ୧୧ ତାରିଖ ପର୍ଯ୍ୟନ୍ତ କୋର୍ଟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ। ସମ୍ବଲପୁର ସମେତ ଅନ୍ୟ ଜିଲାରେ ମଧ୍ୟ ଏହି ଆନ୍ଦୋଳନ କରିବାକୁ ସ୍ଥିର ହୋଇଛି। ଏହି ସମୟରେ ଆଇନଜୀବୀମାନେ କଳାବ୍ୟାଜ୍ ପରିଧାନ କରି ଶାନ୍ତିପୂର୍ବକ ଧାରଣା ଦେବେ। ବିଚାରପତିମାନଙ୍କୁ କୋର୍ଟ କାର୍ଯ୍ୟରେ ଯୋଗ ଦେବାରେ ବାଧା ସୃଷ୍ଟି କରିବେ ନାହିଁ। ହେଲେ କୌଣସି ଆଇନଜୀବୀ କୋର୍ଟ କାର୍ଯ୍ୟରେ ଯୋଗ ଦେବେନାହିଁ। ଡିସେମ୍ବର ୧୨ରେ ରାଜ୍ୟ ବ୍ୟାପୀ ଆନ୍ଦୋଳନ କରିବାକୁ ସ୍ଥିର ହୋଇଛି। ଏହା ପରେ ଜିଲା ଓକିଲ ସଂଘ ପୁଣି ସାଧାରଣ ପରିଷଦ ବୈଠକରେ ଆନ୍ଦୋଳନର ରୂପରେଖ ଉପରେ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ।

# ରୌପ୍ୟ ପଦକ ଜିତିଲେ ଦେବ କୁମାର

**ଝାରସୁଗୁଡ଼ା ଅଫିସ/ବେଲପାହାଡ଼,୬ା୧୨**

ୱାର୍ଲଡ ଫିଟ୍‌ନେସ ଫେଡେରେଶନ ପକ୍ଷରୁ ପୁରୀରେ ମିଷ୍ଟର ଇଣ୍ଡିଆ ବଡି ବିଲ୍ଡର ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନେକ ପ୍ରତିଯୋଗୀଙ୍କୁ ପଛରେ ପକାଇ ଝାରସୁଗୁଡା ଜିଲା ବେଲପାହାଡର ବଡି ବିଲ୍ଡର ଦେବ କୁମାର ସିଂଦେଓ ଫାଷ୍ଟ ମଡେଲ ମିଡିୟମ ହାଇଟ କାଟାଗୋରି ପୁରୁଷ ବିଭାଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ଦେବଙ୍କ ଏହି ସଫଳତା ଯୋଗୁ ବେଲପାହାଡ଼ରେ ଖୁସିର ଲହରି ଖେଳିଯାଇଛି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ଆଗାମୀ ଦିନରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ନିଜକୁ ପ୍ରସ୍ତୁତି କରିବେ ବୋଲି ଦେବ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

**ମିଷ୍ଟର ଇଣ୍ଡିଆ ବଡି ବିଲ୍ଡର ଚାମ୍ପିୟନଶିପ**


ରୌପ୍ୟପଦକ ବିଜେତା ଦେବ କୁମାର ସିଂଦେଓ।

# ଇବ୍ ଥର୍ମାଲ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ

**ଝାରସୁଗୁଡ଼ା ଅଫିସ,୬ା୧୨**

ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲିସ୍ଥିତ ଇବ୍‌ଥର୍ମାଲ ପରିସରରେ ନିର୍ମିତ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧିକ ଅଧିକାରୀ ଓ କର୍ମଚାରୀ କଳସ ଶୋଭାଯାତ୍ରାରେ ଆସି ପୂଜାସ୍ଥଳରେ ସ୍ଥାପନ କରିଥିଲେ। ପୂଜାର୍ଚ୍ଚନା ପରେ କୁମ୍ଭଭରା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ମନ୍ଦିର ଶିଖରରେ ଚଢି ଧାନ, ମୁଗ, ବିରି ଆଦି ଶସ୍ୟ ଓ ତମ୍ବା, ପିତଳ, ସୁନା, ରୁପା ଆଦି ଅଷ୍ଟଧାତୁ ପକାଇ ପ୍ରଭୁଙ୍କ ଆଶିଷ ଲାଭ କରିଥିଲେ। କର୍ତ୍ତା ଭାବେ କମ୍ପାନୀର ନିର୍ଦ୍ଦେଶକ (ଅପରେଶନ) ମାନସ ରଞ୍ଜନ ରାଉତ, ସ୍ତ୍ରୀ ତାରକେଶ୍ୱରୀ ରାଉତ ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ ନୟାଗଡରୁ ଆସିଥିବା ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ରଥଶର୍ମା, ବିଶ୍ୱନାଥ ରଥଶର୍ମା, ସୁରେନ୍ଦ୍ର କୁମାର ତ୍ରିପାଠୀ, ଦାଶରଥି ଦାଶ, ବିଦ୍ୟାଧର ପାଢୀଯୋଶୀ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।


ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ପୂଜାର୍ଚ୍ଚନା।

# ଦମନ ଚଳଚ୍ଚିତ୍ର ଦେଖିଲେ ଜିଲାପାଳ, ଅଧିକାରୀ

**ସମ୍ବଲପୁର,୬ା୧୨(ବ୍ୟୁରୋ)**

ସତ୍ୟ ଘଟଣା ଉପରେ ଆଧାରିତ ଦମନ ଚଳଚ୍ଚିତ୍ରକୁ ମଙ୍ଗଳବାର ଜିଲାର ପ୍ରଶାସନିକ ଅଧିକାରୀମାନେ ସ୍ଥାନୀୟ ଆଇଲେକ୍ସଠାରେ ଦେଖିଛନ୍ତି। ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ପାଇଁ ଜଣେ ଡାକ୍ତରଙ୍କ ସଂଘର୍ଷମୟ କଥା ବସ୍ତୁକୁ ନେଇ ଚଳଚ୍ଚିତ୍ର ନିର୍ମିତ ହୋଇଛି। ସରକାର ରାଜ୍ୟର ସବୁ ଜିଲାର ପ୍ରଶାସନିକ ଅଧିକାରୀଙ୍କୁ ଏହି ଚଳଚ୍ଚିତ୍ର ଦେଖିବା ପାଇଁ ଲିଖିତ ଭାବେ ଜଣାଇଥିଲେ। ଏହାକୁ ଜିଲାପାଳ ଅନନ୍ୟା ଦାସ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବଳ, ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ ସାହୁ, ପୂର୍ବତନ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ସିଡିଏମ୍‌ଓ ଡା. ପଙ୍କଜ ପଟେଲ, ଡିପିଏମ୍ ଡ. ମୌସୁମୀ ମିଶ୍ର, ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ, ଜିଲା ମଙ୍ଗଳ ଅଧିକାରୀ ଭାଗିରଥୀ ପଟେଲ, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଜିଲା ଶ୍ରମ ଅଧିକାରୀ ସୁମିତ୍ରା ମାଝି, ଜିଲା ସଂସ୍କୃତି ଅଧିକାରୀ ଦୀପକ କୁଲୁଙ୍କ ସମେତ ଜିଲାର ସମସ୍ତ ଅଧିକାରୀ ଓ କର୍ମଚାରୀ ଦେଖିଛନ୍ତି।

# ବି.ଆର୍ ଆମ୍ବେଡକରଙ୍କ ମହାପ୍ରୟାଣ ଦିବସ


ବହୁଜନ ସମାଜ ପାର୍ଟିର କର୍ମକର୍ତ୍ତାମାନେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

**ଝାରସୁଗୁଡ଼ା ଅଫିସ,୬ା୧୨**

ସମ୍ବିଧାନ ପ୍ରଣେତା ବାବାସାହେବ ଭୀମରାଓ ଆମ୍ବେଡକରଙ୍କ ୬୭ତମ ମହାପ୍ରୟାଣ ଦିବସ ଜିଲା ଏସ୍‌ସି ସେଲ ତରଫରୁ ପାଳିତ ହୋଇଯାଇଛି। ବିଜେଡି ଜିଲା ଏସ୍‌ସି ସେଲ ସଭାପତି ଜୟ ପ୍ରକାଶ କୁଅଁରଙ୍କ ସଭାପତିତ୍ୱରେ ସୁନାରିମୁଣ୍ଡାସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ଝାରସୁଗୁଡା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାଶ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ପୌରାଧକ୍ଷା ରାନି ହାତୀ, ରବି ସିଂ, ତାପସ ରାୟ ଚୌଧୁରୀ, ସନ୍ଦୀପ ଅବସ୍ଥି, ମନୋରଞ୍ଜନ ମହାପାତ୍ର, ହରିଶ ଗଣତ୍ରା, ପିଣ୍ଟୁ ପାଢୀ ପ୍ରମୁଖ ଉପସ୍ଥିତ ରହି ତାଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ଜିଲା ବହୁଜନ ସମାଜ ପାର୍ଟି ତରଫରୁ ଏହି ଦିବସ ପାଳିତ ହୋଇଯାଇଛି। ଏଥିରେ ଆଞ୍ଚଳିକ କ୍ଷେତ୍ର ସଂଯୋଜକ ସୀତାରାମ ରୋହିଦାସ, ଜିଲା ସଭାପତି କାର୍ତ୍ତିକେଶ୍ୱର ଘୁଘୋର, ଉପସଭାପତି ବୁଲୁ କିଷାନ, ମହିଳା ସଂଗଠନର ଉପସଭାପତି ସନ୍ତୋଷୀ କୁସୁମ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଖେଳ ପ୍ରତିଯୋଗିତାରେ ବିକାଶ ଛାତ୍ରଙ୍କ ସଫଳତା

**ସମ୍ବଲପୁର,୬ା୧୨(ବ୍ୟୁରୋ)**

ସିବିଏସ୍‌ଇ ଦ୍ୱାରା ପରିଚାଳିତ କ୍ଲଷ୍ଟର-୨ ସ୍ତରୀୟ ୧୯ ବର୍ଷରୁ କମ ବର୍ଗର ଖେଳ ପ୍ରତିଯୋଗିତା ରାୟପୁରସ୍ଥିତ କ୍ରିଷ୍ଣା ପବ୍ଲିକ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିକାଶ ଦ କନସେପ୍ଟ ସ୍କୁଲର ଛାତ୍ରମାନେ ବାଜି ମାରିଛନ୍ତି। କ୍ଲଷ୍ଟର-୨ ଜୁଡ଼ୋ ପ୍ରତିଯୋଗିତାରେ ସ୍କୁଲର ଅନିମେଶ ପଣ୍ଡା ଓ ଅନ୍ୱେଷ ପଣ୍ଡା ଭାଗ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ପଶ୍ଚିମ ବର୍ଦ୍ଧମାନର ବର୍ଣ୍ଣପୁରସ୍ଥିତ ରିଭର ସାଇଡ ସ୍କୁଲରେ ହୋଇଥିବା ବାସକେଟ ବଲ ପ୍ରତିଯୋଗିତାରେ ଭାଗ ନେଇ ବିକାଶ ସ୍କୁଲ ଦଳ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଟିଟିଲାଗଡ଼ ଚାରଭଟାସ୍ଥିତ ଓମ ଭେଲି ସ୍କୁଲରେ ଆୟୋଜିତ କବାଡିରେ ଭାଗ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ଜି ଭାସ୍କର ରାଓ, ଏକାଡେମିକ ଡାଇରେକ୍ଟର ଜି. ରାମକୃଷ୍ଣ, ବିକାଶ ସ୍କୁଲ ଅଧକ୍ଷ ମନୋରଞ୍ଜନ ପତି, ବିକାଶ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ସଞ୍ଜିବ କୁମାର ବାବୁ ଅଭିନନ୍ଦନ ଜଣାଇଛନ୍ତି।

## ନାବାଳିକା ବଳାତ୍କାରୀଙ୍କୁ ସଶ୍ରମ କାରାଦଣ୍ଡ

**ଝାରସୁଗୁଡ଼ା ଅଫିସ,୬ା୧୨**

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ମଙ୍ଗଳବାର ଝାରସୁଗୁଡ଼ା ଅତିରିକ୍ତ ଜିଲା ଦୌରାଜଜ୍ ନୀଳଗିରି ଜେନା ରାୟ ପ୍ରକାଶ କରିଛନ୍ତି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ବ୍ରଜରାଜନଗର ଥାନା କଣ୍ଟାଟିକ୍ରା ଗ୍ରାମ ମୁଣ୍ଡାପଡାର ମକଦ୍ଧ୍ୱଜ କୁମୁରାଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୫ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ବର୍ଷ ଜେଲ୍ ଦଣ୍ଡ ରହିଛି। ପୀଡିତାଙ୍କ ତରଫରୁ ସରକାରୀ ଓକିଲ ପୃଥୀରାଜ ସିଂହଦେଓ କେସ୍ ଲଢୁଥିଲେ। ସୂଚନାଯୋଗ୍ୟ ୨୦୧୯ ଅକ୍ଟୋବର ୭ତାରିଖରେ ନାବାଳିକା ଜଣଙ୍କ ଖେଳୁଥିବାବେଳେ ମକଦ୍ଧ୍ୱଜ ପ୍ରଲୋଭନ ଦେଖାଇ ଏକ ନାଳ ନିକଟକୁ ନେଇ ବଳାତ୍କାର କରିଥିଲେ। ନାବାଳିକା ଘରେ ଜଣାଇବା ପରେ ପରିବାର ଲୋକେ ପୋଲିସ୍‌ରେ ଅଭିଯୋଗ କରିଥିଲେ। ପୋଲିସ୍ ବ୍ରଜରାଜନଗର ଥାନା କେସ୍ ନଂ୨୨୩/୧୯ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁକରିଥିଲା। ଏହାର ତଦନ୍ତ କରି ପୋଲିସ୍ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜେଲ୍ ହାଜତରେ ଅଭିଯୁକ୍ତ ସଜା ଖଟୁଥିବାବେଳେ ଏବେ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହୋଇଛନ୍ତି।

## ବିଶ୍ୱ ମୃତ୍ତିକା ଦିବସ ସମାରୋହ

**ଝାରସୁଗୁଡ଼ା ଅଫିସ,୬ା୧୨**

ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ସୋମବାର ଜିଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ ଏହାକୁ ଉଦ୍‌ଘାଟନ କରି ରାସାୟନିକ ସାର ପ୍ରୟୋଗରେ ସାବଧାନତା ଅବଲମ୍ବନ କରିବା ଓ ଜୈବିକ ସାର ବ୍ୟବହାର କରି ମାଟିର ଉର୍ବରତା ବୃଦ୍ଧି ଆମର ପ୍ରାଥମିକତା ହେବା ଉଚିତ ବୋଲି କହିଥିଲେ। ରାସାୟନିକ ସାର ପରିବର୍ତ୍ତେ ଜୈବିକ ସାର ପ୍ରୟୋଗ ଓ କୀଟନାଶକ ପ୍ରୟୋଗରେ ସାବଧାନତା ଅବଲମ୍ବନ କରିବା ଉପରେ କୃଷି ବିଭାଗ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ, ଉଦ୍ୟାନ କୃଷି, ପ୍ରାଣୀଧନ ଚିକିତ୍ସା ଅଧିକାରୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ଧୀରେନ୍ଦ୍ର ସିଂହ ବରିହା ସଞ୍ଚାଳନ କରିଥିବା ବେଳେ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ଏସ୍.କେ. ଦାଶ, ଏଡିଏଚ୍ ମନୋରଞ୍ଜନ ନନ୍ଦ, ସିଡିଭିଓ ଡ. ପବିତ୍ର କୁମାର ପରିଜା ପ୍ରମୁଖ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା।

## ଦିନକରେ ୪ ଜଣଙ୍କ ଘରୁ ଚୋରି

**ଲହୁଣୀପଡା,୬ା୧୨(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅଞ୍ଚଳରେ ଗୋଟିଏ ଦିନରେ ୪ ଜଣଙ୍କ ଘରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ସୋମବାର ମହୁଲତା ଗ୍ରାମର ରମେଶ ମାହାନ୍ତଙ୍କ ଘରେ ଚୋର ପଶି ଆଲମୀରା ଓ ବାକ୍ସ ତାଲା ଭାଙ୍ଗି ଗୋଟାଏ ସୁନା ଚେନ, ଦୁଇହଳ ସୁନା କାନଫୁଲ,ପ୍ରାୟ ୫ ହଜାର ଟଙ୍କା ଚୋରି କରି ନେଇ ଯାଇଛନ୍ତି। ସେହି ଗ୍ରାମର ଦିବାକର ମାହାନ୍ତଙ୍କ ଘରୁ ସୁନା କାନଫୁଲ ହଳେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅପରାହ୍ନରେ କୁରଡ଼ା ପଞ୍ଚାୟତ ଟାଙ୍କଯୋଡ଼ା ଗ୍ରାମର ତୁଳସୀ କୁମାର ମୁଣ୍ଡାଙ୍କ ଘରୁ ମଧ୍ୟ ୬ ଭରି ସୁନା ଓ ନଗଦ ୩୪ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। କଳେଇପୋଷ ଗ୍ରାମର ମୁକୁନ୍ଦ ମୁଣ୍ଡାଙ୍କ ଘରୁ ତାଲା ଭାଙ୍ଗି ସୁନାଚେନ,ହଳେ ସୁନା କାନଫୁଲ ଓ ନଗଦ ୧୬ହଜାର ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି।

# ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ

**ସମ୍ବଲପୁର,୬ା୧୨(ବ୍ୟୁରୋ)**

ସମ୍ବଲପୁର ଜିଲା କୃଷି କାର୍ଯ୍ୟାଳୟଠାରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଜିଲାପରିଷଦ ସଭାପତି କୁମୁଦିନୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଖାଦ୍ୟର ସୁରକ୍ଷା ସକାଶେ ପ୍ରଥମେ ମୃତ୍ତିକାର ସୁରକ୍ଷା ଦରକାର ଓ ଏଥିପାଇଁ ଜୈବିକ ଚାଷର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ କହିଲେ, ଚାଷ ପାଇଁ ମାଟି ସକାଶେ ଜୈବିକ ଉପାଦାନ ବଢ଼ାଇଲେ ଖାଦ୍ୟଶସ୍ୟର ଗୁଣବତ୍ତା ବଜାୟ ରହିବ। ଏହି ପରିପ୍ରେକ୍ଷୀରେ ମୃତ୍ତିକା ଅବକ୍ଷୟର ନିରାକରଣ ଦ୍ୱାରା ଜଳସଂରକ୍ଷଣ ଓ ମାଟିର ଉର୍ବରତା ସନ୍ତୁଳିତ ହେବ ବୋଲି କହିଥିଲେ। ସିଡିଏଓ ଟଙ୍କଧର ସାହୁ କହିଲେ, ସମ୍ବଲପୁର ଜିଲାରେ ଖାଦ୍ୟ ଶସ୍ୟ ଉତ୍ପାଦନ ସହିତ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ବଢ଼ିଛି । ତେବେ ଅବିଚାରିତ ଭାବେ ରାସାୟନିକ ଦ୍ରବ୍ୟ ଉପଯୋଗ ନ କରି ସନ୍ତୁଳିତ ଚାଷ ପଦ୍ଧତି ଅନୁସରଣ କରିବାକୁ ହେବ। ଟିପିଲିମାସ୍ଥିତ ଓୟୁଏଟିର ଇପସିତା କର, ଦିପଙ୍କର ମଣ୍ଡଳ, ଚାଷୀ ନେତା ମୁରାର ପ୍ରସାଦ ପୁରୋହିତ, ଏଫ୍‌ଆଇଏସିର ବ୍ଲକ ସଭାପତି ଦେବେନ୍ଦ୍ର ନାୟକ, କୃଷିବିଜ୍ଞାନ କେନ୍ଦ୍ରର ବିଶେଷଜ୍ଞମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ଲକର ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଥିଲା। ଏହି ଅବସରରେ କଳାକାରଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ଚାଷୀ ପୁଅ ମୁହେଁ ଫୁଟିଲା ହସ ପରିବେଷିତ ହୋଇଥିଲା। ଶେଷରେ ସହକାରୀ କୃଷି ଅଧିକାରୀ ଧନ୍ୟବାଦ ଦେଇଥିଲେ।

# ଏମ୍‌ସିଏଲ୍‌ରେ ବାର୍ଷିକ ଖଣି ସୁରକ୍ଷା

**ସମ୍ବଲପୁର,୬ା୧୨(ବ୍ୟୁରୋ)**

ମହାନଦୀ କୋଲଫିଲ୍ଡସ ଲିମିଟେଡ (ଏମ୍‌ସିଏଲ୍) ମୁଖ୍ୟାଳୟ ସହିତ ବିଭିନ୍ନ ଖଣି ଅଞ୍ଚଳରେ ବାର୍ଷିକ ଖଣି ସୁରକ୍ଷା ୨୦୨୨-୨୩ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏମସିଏଲ ମୁଖ୍ୟାଳୟ ଜାଗୃତିବିହାର ପରିସର ମୁଖ୍ୟ ଫାଟକରୁ ସଚେତନତା ରାଲି ଆରମ୍ଭ ହୋଇ ଗେଷ୍ଟହାଉସ ପରିସରରେ ପହଞ୍ଚିଥିଲା। ଏଥିରେ ସମସ୍ତ ଅଧିକାରୀ, କର୍ମଚାରୀ ଭାଗନେଇ ସୁରକ୍ଷା ଉପରେ ସ୍ଲୋଗାନ ଦେଇଥିଲେ। ଏମ୍‌ସିଏଲ୍ ସିଏମ୍‌ଡି ଓମ୍‌ପ୍ରକାଶ ସିଂ, ନିର୍ଦ୍ଦେଶକ (ପର୍ସନାଲ) କେଶବ ରାଓ ସୁରକ୍ଷା ରଥକୁ ପତାକା ଦେଖାଇ ଆରମ୍ଭ କରିଥିଲେ। ଶପଥ ଗ୍ରହଣ ସମାରୋହରେ ସମସ୍ତ କର୍ମଚାରୀ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଶପଥ ଗ୍ରହଣ କରିଥିଲେ। ନିରାପତ୍ତାକୁ ସୁନିଶ୍ଚିତ କରିବା, ସମସ୍ତ ସାମ୍ବିଧାନିକ ବ୍ୟବସ୍ଥାକୁ ଅନୁସରଣ କରିବା, ଉତ୍ପାଦକ ଲକ୍ଷ୍ୟ ହାସଲ କରିବା ଦିଗରେ କାମ କରିବାକୁ ସିଏମ୍‌ଡି ସିଂ ଆହ୍ୱାନ ଦେଇଥିଲେ। ନିର୍ଦ୍ଦେଶକ (ପର୍ସନାଲ) ରାଓ କାର୍ଯ୍ୟକ୍ଷେତ୍ରରେ ନିରାପତ୍ତା ଉପରେ ଗୁରୁତ୍ୱାରୋପ କରିଥିଲେ।



ଏମସିଏଲ ପକ୍ଷରୁ ସୁରକ୍ଷା ସଚେତନତା ରାଲି ।

# ଆନ୍ଦୋଳନରେ ଆଗୁଆ, ମତଦାନରେ ପଛୁଆ

**ପଦ୍ମପୁର ଉପନିର୍ବାଚନ**

- ସହରଠାରୁ ଗ୍ରାମାଞ୍ଚଳ ମତଦାନ ହାର ଅଧିକ
- ଗ୍ରାମାଞ୍ଚଳ ଭୋଟର ପିନ୍ଧାଇବେ ବିଜୟ ମୁକୁଟ
- ନିର୍ବାଚନ ଜିତିବାକୁ ଆଶା ବାନ୍ଧିଛନ୍ତି ସବୁଦଳ

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୬।୧୨

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ପାଇଁ ସୋମବାର ମତଦାନ ଶେଷ ହୋଇଛି। ଏହି ନିର୍ବାଚନ ମଣ୍ଡଳୀରେ ଏଥର ରେକର୍ଡ଼ ସଂଖ୍ୟକ ମତଦାନ ହୋଇଛି। ବିଗତ ନିର୍ବାଚନକୁ ଦେଖିଲେ ଏଥର ୮୧.୨୯ ପ୍ରତିଶତ ମତଦାନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କେବଳ ସେତିକି ନୁହେଁ, ମତଦାନରେ ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ଭୋଟରମାନେ ଅଧିକ ସଚେତନ ଥିବା ପରିଲକ୍ଷିତ ହୋଇଛି।

ଏହି ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨ଲକ୍ଷ ୫୭ହଜାର ୪୭୪ଭୋଟର ରହିଛନ୍ତି। ମତଦାନ ହାରରେ ପଦ୍ମପୁର ଏନ୍ଏସି ସବାପଛରେ ପଡ଼ିଥିବାବେଳେ ୩ ବ୍ଲକ ଅଧୀନରେ ଥିବା ଗ୍ରାମାଞ୍ଚଳ ଭୋଟର ରେକର୍ଡ଼ ପରିମାଣରେ ମତଦାନ କରିଛନ୍ତି। ଝାରବନ୍ଧ ବ୍ଲକରେ ସର୍ବାଧିକ ୮୩.୮୧, ପାଇକମାଳ ୮୧.୪୨, ରାଜବୋଡ଼ାସମ୍ବର ୮୧.୩୧ ଏବଂ ପଦ୍ମପୁର ଏନ୍ଏସିରେ ସର୍ବନିମ୍ନ ୬୯.୧୪ ପ୍ରତିଶତ ମତଦାନ ହୋଇଛି । ନିର୍ବାଚନ ସମୟରେ ଜିଲା ଗଠନ, ଇନ୍‌ପୁଟ ସବସିଡ଼ି, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ବୀମା କ୍ଷତିପୂରଣ ସହାୟତା ଦାବି ନେଇ ପଦ୍ମପୁର ସହରରେ ଆନ୍ଦୋଳନ ଚାଲିଥିଲା। ପଦ୍ମପୁର ସହର ଲୋକେ ଏହି ଆନ୍ଦୋଳନରେ ନେତୃତ୍ୱ ନେବା ସହିତ ଅଧିକ ସକ୍ରିୟ ଥିଲେ। କିନ୍ତୁ ମତଦାନ ହାରରେ ପଦ୍ମପୁର ଏନ୍ଏସି ଗ୍ରାମାଞ୍ଚଳଠାରୁ ପଛରେ ପଡ଼ିଯିବା ଚର୍ଚ୍ଚାର ବିଷୟ ହୋଇଛି।

ଏହି ନିର୍ବାଚନ ମଣ୍ଡଳୀ ଅଧୀନ ଝାରବନ୍ଧ ବ୍ଲକରେ ୬୦ହଜାର ୫୬୬ ଭୋଟରଙ୍କ ମଧ୍ୟରୁ ୫୦ହଜାର ୭୬୨ ଜଣ ମତଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ମତଦାତାଙ୍କ ହାର ୮୩.୪୬ ପ୍ରତିଶତ ରହିଥିବାବେଳେ ୮୪.୧୮ ପୁରୁଷ ମତଦାତା ମତଦାନ କରିଛନ୍ତି। ସେହିପରି ପାଇକମାଳ ବ୍ଲକରେ ୮୯ହଜାର ୨୯୮ଭୋଟରଙ୍କ ମଧ୍ୟରୁ ୭୨ହଜାର ୭୧୦ଜଣ ମତଦାନ କରିଛନ୍ତି। ଏଠାରେ ୮୧.୦୮ ମହିଳା ଏବଂ ୮୧.୭୭ ପ୍ରତିଶତ ପୁରୁଷ ମତଦାନ କରିଛନ୍ତି । ଅନୁରୂପ ଭାବେ ରାଜବୋଡ଼ାସମ୍ବର ବ୍ଲକରେ ୯୩ହଜାର ୯୩୬ ଭୋଟରଙ୍କ ମଧ୍ୟରୁ ୭୬ହଜାର ୩୮୩ଜଣ ମତାଧିକାର ସାବ୍ୟସ୍ତ କରିଛନ୍ତି। ଏହି ବ୍ଲକରେ ମତଦାନ କରିଥିବା ମତଦାତାଙ୍କ ମଧ୍ୟରେ ୮୦.୫୧ ପ୍ରତିଶତ ମହିଳା ଏବଂ ୮୨.୧୦ ପ୍ରତିଶତ ପୁରୁଷ ଭୋଟର ରହିଛନ୍ତି । କିନ୍ତୁ ପଦ୍ମପୁର ଏନ୍ଏସିରେ ୧୩ହଜାର ୬୭୪ ଭୋଟରଙ୍କ ମଧ୍ୟରୁ ୯୪୫୪ ଭୋଟର ମତଦାନ କରିଛନ୍ତି । ସେମାନଙ୍କ ମଧ୍ୟରେ ୬୬.୭୫ ପ୍ରତିଶତ ମହିଳା ଏବଂ ୭୧.୬୧ ପ୍ରତିଶତ ପୁରୁଷ ମତଦାତା ରହିଛନ୍ତି ।

ଏହି ମତଦାନ ହାର ପରେ ୩ ପ୍ରମୁଖ ଦଳ ବିଜୟୀ ଆଶାବାଦୀ ଥିଲେ ହେଁ ପାରିପାର୍ଶ୍ୱିକ ଆଲୋଚନା, ପର୍ଯ୍ୟାଲୋଚନାକୁ ଦେଖିଲେ ମୁଖ୍ୟତଃ ବିଜେଡି ଏବଂ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା ଚାଲୁଥିବା ସ୍ପଷ୍ଟ ବାରି ହୋଇପଡୁଛି। ନିକଟ ଅତୀତରେ ଶେଷ ହୋଇଥିବା ପଞ୍ଚାୟତ ଭୋଟ୍ ଫଳାଫଳରେ ମଧ୍ୟ ଏହି ୨ଦଳ ମଧ୍ୟରେ ଟକ୍କର ଚାଲିଥିଲା। ଉକ୍ତ ନିର୍ବାଚନ ମଣ୍ଡଳୀର ୮ ଜିଲା ପରିଷଦ ଆସନରୁ ଉଭୟ ବିଜେଡି ଏବଂ ଭାଜପା ୪ଟି ଲେଖାଏ ଦଖଲ କରି ବରାବର ସ୍ଥିତିରେ ଥିଲେ। ମାତ୍ର ପରବର୍ତ୍ତୀ ସମୟରେ ପୌରଭୋଟ୍‌ରେ ପଦ୍ମପୁର ଏନ୍ଏସିକୁ ବିଜେଡ଼ି ଦଖଲ କରିଥିଲା । ଅନୁରୂପ ଭାବେ ପଦ୍ମପୁର ଉପନିର୍ବାଚନ ପ୍ରାରମ୍ଭିକ ସ୍ଥିତିରେ ୨ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ଏବଂ ଭାଜପା ମଧ୍ୟରେ କଡ଼ା ଟକ୍କର ଚାଲିଥିବା ପରିଲକ୍ଷିତ ହୋଇଥଲେ ସୁଦ୍ଧା କଂଗ୍ରେସ ଅତୀତ ଫଳାଫଳକୁ ନେଇ ଦଳୀୟ ପ୍ରାର୍ଥୀଙ୍କ ବିଜୟ ପାଇଁ ଆଶା ବାନ୍ଧିଛି । କିନ୍ତୁ ମତଦାନ ସରିବା ପରେ ବିଜେଡି–ଭାଜପା ମଧ୍ୟରେ କଡ଼ା ମୁକାବିଲା ଚାଲିଥିବା ନେଇ ଚା' ଖଟିରୁ ଆରମ୍ଭ କରି ସବୁଆଡ଼େ ଚର୍ଚ୍ଚା ଚାଲିଛି। ଏହି ନିର୍ବାଚନ ମଣ୍ଡଳୀର ମତଦାନ ହାରକୁ ଅନୁଧ୍ୟାନ କଲେ ଶାସକ ଦଳ ଏଥିରୁ ଫାଇଦା ଉଠାଇଥିବା ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତପ୍ରକାଶ କରିଛନ୍ତି। ନିର୍ବାଚନ ମଣ୍ଡଳୀର ଗ୍ରାମାଞ୍ଚଳର ମତଦାନ ହାର ସହରାଞ୍ଚଳଠାରୁ ଅଧିକ ରହିଥିଲା। ଅନ୍ୟପଟେ ଶାସନ ବିରୋଧରେ ଯେଉଁସବୁ ଆନ୍ଦୋଳନ ଚାଲିଥିଲା, ତାହା କେବଳ ପଦ୍ମପୁର ସହରରେ ସୀମିତ ଥିଲା। କିନ୍ତୁ ସହରାଞ୍ଚଳରେ ମତଦାନ ହାର ଯଥେଷ୍ଟ କମ୍ ଥିବାରୁ ତାହା ଶାସକ ବିଜେଡିକୁ ବେଶୀ ଅଡୁଆରେ ପକାଇବ ନାହିଁ। ଅପରପକ୍ଷେ ଗ୍ରାମାଞ୍ଚଳରେ ଆଶାତୀତ ମତଦାନ ହୋଇଥିବାରୁ ଏହା ଶାସକ ବିଜେଡିର ବିଜୟ ପାଇଁ ଟର୍ନିଂ ପଏଣ୍ଟ ହେବ ବୋଲି ଆଲୋଚନା ହେଉଛି। ହେଲେ ବିରୋଧୀ ଭାଜପା ଏବଂ କଂଗ୍ରେସ ଅଧିକ ମତଦାନ ତାଙ୍କ ଦଳକୁ ସୁହାଇବ ବୋଲି ଆଶା ବାନ୍ଧିଛନ୍ତି ।

ଏ ସମ୍ପର୍କରେ ବରଗଡ଼ର ବିଜେଡି ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟଙ୍କୁ ପଚାରିବାରୁ ପଦ୍ମପୁର ଉପନିର୍ବାଚନରେ ଦଳୀୟ ପ୍ରାର୍ଥିନୀଙ୍କ ବିଜୟ ପାଇଁ ଦଳ ସମ୍ପୂର୍ଣ୍ଣ ଆଶାବାଦୀ ରହିଛି ଏବଂ ପଦ୍ମପୁର ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶ ଧାରା ଜାରି ରହିବ ବୋଲି କହିଥିଲେ। ବରଗଡ଼ ଜିଲା ଭାଜପା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି, ଭାଜପା ସପକ୍ଷରେ ଜନମତ ରହିଛି। ବିଜେଡି ଭୋଟରଙ୍କୁ ପ୍ରଭାବିତ କରିବାକୁ ଯେଉଁଭଳି ଟଙ୍କା ବାଣ୍ଟିଲା, ତାହା ଫେଲ୍ ମାରିବ ଏବଂ ଆମେ ନିଶ୍ଚୟ ବିଜୟ ଲାଭ କରିବୁ। ସେହିପରି କଂଗ୍ରେସ ଜିଲା ସଭାପତି ନିହାର ରଞ୍ଜନ ମହାନନ୍ଦ କହିଛନ୍ତି, ବିଜୟୀ ହେବା ପାଇଁ କଂଗ୍ରେସ ଲଢୁଥିଲା। କଂଗ୍ରେସ ସବୁବେଳେ ଗଣତନ୍ତ୍ରକୁ ସମ୍ମାନ ଜଣାଇ ଆସିଛି ଏବଂ ଦଳର ଏହି ଧାରା ସବୁଦିନ ଅବ୍ୟାହତ ରହିବ। ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଭାଜପା, ବିଜେଡିର ଟଙ୍କା ବଣ୍ଟା ନୀତିକୁ କଂଗ୍ରେସ ଆଦରି ନାହିଁ କିମ୍ବା ଗଣତନ୍ତ୍ରକୁ ହତ୍ୟା ପାଇଁ କେବେ ଏଭଳି ହୀନ ପ୍ରୟାସ କରିନାହିଁ ।

## ସଂକ୍ଷେପରେ

### ସୁବର୍ଣ୍ଣ ନାରୀ ଜାଗରଣ କେନ୍ଦ୍ରର ରଜତ ଜୟନ୍ତୀ ୯ରୁ

ସୋନପୁର,୬।୧୨(ନି.ପ୍ର.): ସୁବର୍ଣ୍ଣପୁରର ଅଗ୍ରଣୀ ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁବର୍ଣ୍ଣ ନାରୀ ଜାଗରଣ କେନ୍ଦ୍ର ରଜତ ଜୟନ୍ତୀ ଉତ୍ସବ ପାଳନ କରିବ। ଆସନ୍ତା ୯ ଓ ୧୦ତାରିଖ ଦୁଇ ଦିନ ଧରି ଏହି ଉତ୍ସବ ଆୟୋଜନ ହେବ। ଏନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୯ ତାରିଖ ଶୁକ୍ରବାର ଜିଲାପାଳ ଅବୋଲି ସୁନିଲ ନରୱଣେ ଉତ୍ସବକୁ ଉଦ୍‌ଘାଟନ କରିବେ। ସେହି ଦିନ ଏକ କବିତା ଆସର ଆୟୋଜନ ହେବ। ଶନିବାର ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ପ୍ରାକ୍ତନ ଅଧକ୍ଷା ନିବେଦିତା ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି । ସମ୍ମାନିତ ଅତିଥିଭାବେ ପଦ୍ମଶ୍ରୀ ଡ. ହଳଧର ନାଗ, ଏସ୍‌ପି ଅମରେଶ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଯୋଗ ଦେବେ। ଏହି ଅବସରରେ ମୁଖପତ୍ର ସୁବର୍ଣ୍ଣ ଓ ପୁସ୍ତକ ମନଗହନ ଲୋକାର୍ପଣ କରାଯିବ । ଉତ୍ସବ ଅବସରରେ ନୃତ୍ୟ, ଗୀତ ଓ ସଙ୍ଗୀତର ଆସର ଜମିବ ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ରର ସଭାନେତ୍ରୀ ମୀନା ମହାରଣା ଓ ସମ୍ପାଦିକା ମଞ୍ଜୁଳା ମିଶ୍ର ସୂଚନା ଦେଇଛନ୍ତି।

### ଉଷାଦେବୀ ସ୍ମାରକୀ କ୍ରିକେଟ ଉଦ୍‌ଘାଟିତ

ଉଲୁଣ୍ଡା, ୬।୧୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁକିଆଠାରେ ରାଜ୍ୟସ୍ତରୀୟ ଉଷାଦେବୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ପତ୍ରାଗାଡେନଠାରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ରଘୁନାଥ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବିସିଏ ସଂଯୋଜକ ଉରୁକ୍ରମ ପାଣ୍ଡିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ସୋନପୁରକୁ ହରାଇ ସମ୍ବଲପୁର ଦଳ ବିଜୟୀ ହୋଇଛି। ଖେଳକୁ କୃତିବାସ ଚାନ୍ଦ ଓ ରଘୁବିର ମିଶ୍ର ପରିଚାଳନା କରିଥିଲେ। ଅଭିନାଷ ମହନ୍ତଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କୃତ କରାଯାଇଥିଲା। ପିଙ୍କୁ ପୁରୋହିତ ଧନ୍ୟବାଦ ଦେଇଥିଲେ।

### ମହାପରିନିର୍ବାଣ ଦିବସ ପାଳନ

ପଦ୍ମପୁର,୬।୧୨(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ମୂଳନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟ ଆନୁକୂଲ୍ୟରେ ମଙ୍ଗଳବାର ଜିଲା ସଂଯୋଜକ ସୁନୀଲ ତାଣ୍ଡିଙ୍କ ଅଧକ୍ଷତାରେ ୬୬ତମ ମହାପରିନିର୍ବାଣ ଦିବସ ପାଳନ କରାଯାଇଛି। ଏହି ଦିବସ ଅବସରରେ ସାମ୍ବିଧାନିକ, ଗଣତାନ୍ତ୍ରିକ ଓ ଆଧୁନିକ ଭାରତର ନିର୍ମାତା ଏବଂ ମାନବବାଦର ପ୍ରତିଷ୍ଠାତା ବାବାସାହେବ ଆମ୍ବେଡ଼କରଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ପଦ୍ମପୁର ସ୍ଥିତ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ଗୋବର୍ଦ୍ଧନ ଛତର, ବଳରାମ କୁମ୍ଭାର, ରମେଶ ଗୁର୍ଲା, ଗୋପବନ୍ଧୁ ଶିକା, ଜଗଦୀଶ ନାଗ, ଚୈତନ୍ୟ ଲୋହାର, ଟଙ୍କଧର କଟା ପ୍ରମୁଖ ସାମିଲ ହୋଇଥିଲେ।

## ଚନ୍ଦ୍ରମଣି ମଠରେ ବକୁଳ ଯାତ୍ରା ପ୍ରସ୍ତୁତି

ଅମରପାଲି, ୬।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ କୋଟସମଲାଇ ପଞ୍ଚାୟତ ବାଘପାଲିସ୍ଥିତ ସିଦ୍ଧଯୋଗୀ ଚନ୍ଦ୍ରମଣି ଦାସଙ୍କ ସମାଧି ପୀଠରେ ଚଳିତ ମାସ ୧୭ରୁ ୨୪ ତାରିଖ ଯାଏ ହେବ ବକୁଳ ମହୋତ୍ସବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ରାଜେନ୍ଦ୍ର ପ୍ରସାଦ ପାଢୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ କୋଷାଧ୍ୟକ୍ଷ ସୌମିତ୍ରୀ ତରିଆଙ୍କ ଅକାଳ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ମକୁନ୍ଦ ଧରୁଆ ପୂର୍ବବର୍ଷର ବିବରଣୀ ଉପସ୍ଥାପନ କରିଥିଲେ । ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଜାନକୀ ରାମ ଦେହୁରୀ ଓ ମୁରଲୀଧର ଭୋଇ ଚଳିତ ବର୍ଷ ଶାନ୍ତି ଶୃଙ୍ଖଳାର ସହ ଯାତ୍ରାର ସମ୍ପାଦନ ଏବଂ ଭକ୍ତମାନେ ସୁରୁଖୁରୁରେ ବାବାଙ୍କ ସମାଧି ପୀଠ ଦର୍ଶନ କରିପାରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଚଳିତବର୍ଷ ସପ୍ତାହବ୍ୟାପୀ ଭାଗବତ ସପ୍ତାହ ପାରାୟଣ, ଅଷ୍ଟପ୍ରହର ନାମଯଜ୍ଞ, ପ୍ରବଚନ, ସାରସ୍ୱତ ସମାରୋହ ଏବଂ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ନିଷ୍ପତ୍ତି କରାଯାଇଛି। ପାରାୟଣ କାର୍ଯ୍ୟକ୍ରମରେ ଜଗଦୀଶ ପୁରୋହିତ ବ୍ୟାସ, ଅନନ୍ତ ପଣ୍ଡା ପୂଜକ କାର୍ଯ୍ୟ ତୁଲାଇବା ଚୂଡ଼ାନ୍ତ କରାଯାଇଛି । ବୈଠକରେ ଉତ୍ତର ପାତ୍ର, ଲୁପି ମହାକୁର, ଅଭିଷେକ ଅମାତ, ସମାରୁ ବଗର୍ତ୍ତି, ନେହେରୁ ପଧାନ, ସତ ବଗର୍ତ୍ତି, ଅକ୍ଷୟ ଦନାୟକ, ମାଗି ପଧାନ, କୃପାସିନ୍ଧୁ ଥାଟି, ବୃନ୍ଦାବନ ବାରିକ, ନଳିନୀକାନ୍ତ ବାଘ ପ୍ରମୁଖ ଉପସ୍ଥିତ ଥିଲେ।

## ଗୃହରକ୍ଷୀ ବାହିନୀ ପୋଲିସର ଅଭିନ୍ନ ଅଙ୍ଗ


ଏସ୍‌ପି ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

ସୋନପୁର,୬।୧୨(ନି.ପ୍ର.)

ସୁବର୍ଣ୍ଣପୁର ରିଜର୍ଭ ପୋଲିସ ଲାଇନ ପଡିଆରେ ୬୦ତମ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୋଲିସ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିଭାଦନ ଗ୍ରହଣ କରିଥିଲେ। ଏସ୍‌ପି ତାଙ୍କ ବକ୍ତବ୍ୟରେ ଗୃହରକ୍ଷୀ ବାହିନୀ ପୋଲିସର ଅଭିନ୍ନ ଅଙ୍ଗ। କୋଭିଡ୍ ମହାମାରୀ ସମୟରେ ସେମାନେ କୋଭିଡ୍ ଯୋଦ୍ଧାଭାବେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦିତ କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟରେ ସେବାମୂଳକ କାର୍ଯ୍ୟଠାରୁ ଆରମ୍ଭ କରି, ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଓ ଦଙ୍ଗା ପ୍ରଭୃତି ରୋକିବାରେ ଗୃହରକ୍ଷୀଙ୍କର କାର୍ଯ୍ୟ ପ୍ରଶଂସନୀୟ। ଚୀନର ଆକ୍ରମଣ ସମୟରେ ପୋଲିସକୁ ସହଯୋଗ କରିବା ପାଇଁ ୧୯୬୨ ଡିସେମ୍ବର ୬ ତାରିଖରେ ଗୃହରକ୍ଷୀ ବାହିନୀ ଭଳି ସ୍ୱେଚ୍ଛାସେବୀ ଅନୁଷ୍ଠାନର ପରିକଳ୍ପନା କରାଯାଇଥିଲା ବୋଲି ଏସ୍‌ପି କହିଥିଲେ। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ଗୃହ ସଚିବଙ୍କ ଗୃହରକ୍ଷୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତାକୁ ଏସ୍‌ପି ପଣ୍ଡା ପାଠ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସେବାମୂଳକ କାର୍ଯ୍ୟ ପାଇଁ ୨୦୨୨ବର୍ଷ ସକାଶେ ଶ୍ରେଷ୍ଠ ଗୃହରକ୍ଷୀ ଭାବେ କ୍ଷୀରୋଦ ନାଏକ, ଅଖିଳ ରାଉତ, ଅମର ନାଏକ ଓ ସୁନିଲ ଭୋଇଙ୍କୁ ଏସ୍‌ପି ପଣ୍ଡା ମାନପତ୍ର ଓ ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ହେମନ୍ତ ପାଢୀ, ଡିଏସ୍‌ପି ସତ୍ୟଜିତ୍ ମିଶ୍ର, କୁମାରୀ ଦିଶା, ବୈକୁଣ୍ଠ ବିହାରୀ ସେଠ୍, ଚନ୍ଦ୍ରଶେଖର ଶବର, ସମ୍ପତ ଦାଶ, ସୋନପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପୁଷ୍ପାଞ୍ଜଳି ନିଙ୍ଗୀ, ଜିଲା କ୍ରୀଡା ଅଧିକାରୀ ଅଭିଲାଶ ପୁରୋହିତ, ସୋନପୁର ତହସିଲଦାର ନବୀନ କିଶୋର ପାଢୀ, ରିଜର୍ଭ ଇନ୍ସପେକ୍ଟର ପ୍ରଦ୍ୟୁମ୍ନ ପଟେଲ, ଅମରେନ୍ଦ୍ର ପାଣିଗ୍ରାହୀ, ସର୍ଜେଣ୍ଟ ବିଶ୍ୱନାଥ ଜେନା, ଇନ୍ସପେକ୍ଟର ସରୋଜିନୀ ନାୟକ ଓ ସୋନପୁର ଆଇଆଇସି କୃଷ୍ଣଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

## ମାନସିକ ଏକାଗ୍ରତା ପାଇଁ କ୍ରୀଡ଼ା ଜରୁରୀ

**ଅମରପାଲି ହାଇସ୍କୁଲର ବାର୍ଷିକ କ୍ରୀଡ଼ା**

ଅମରପାଲି, ୬।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲରେ ୨୬ତମ ବାର୍ଷିକ କ୍ରୀଡା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସ୍କୁଲ ପରିଚାଳନା କମିଟି ସଭାପତି ବିମ୍ବାଧର ସାହୁ, ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ, ସ୍ଥାନୀୟ ଆୟୁର୍ବେଦିକ ଚିକିତ୍ସାଳୟର ଡା.ରାଜେନ୍ଦ୍ର ପ୍ରସାଦ ରାଏ ଅତିଥିଭାବେ ଯୋଗଦେଇଥିଲେ। ମାନସିକ ଏକାଗ୍ରତା ପାଇଁ କ୍ରୀଡା ଜରୁରୀ ବୋଲି ଅତିଥିମାନେ କହିଥିଲେ। ପ୍ରାରମ୍ଭରେ ଗ୍ରାମ ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରା କରାଯାଇ ପଡିଆରେ ମସାଲ ସ୍ଥାପନ କରାଯାଇଥିଲା। ପରେ ଛାତ୍ରୀଛାତ୍ରାଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପ୍ରଥମ ଦିବସରେ ବାଳିକା ଓ ବାଳକ ବିଭାଗର ଉଭୟ ଜୁନିଅର ଓ ସିନିଅର ବର୍ଗରେ ୧୦୦ମିଟର ଦୌଡ, ୨ଶହ ମିଟର ଦୌଡ, ସର୍ଟପୁଟ, ଲମ୍ଫଡିଆଁ, ଡିସକସ ଥ୍ରୋ, ଉଚ୍ଚଡିଆଁ, ୪ଶହ ମିଟର ଦୌଡ, ୬ଶହ ମିଟର ଦୌଡ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖେଳ ଶିକ୍ଷକ କହ୍ନେଇ ଚରଣ ପ୍ରଧାନଙ୍କ ନେତୃତ୍ୱରେ ଖେଳ ପରିଚାଳିତ ହୋଇଥିଲା।


ଦୌଡପ୍ରତିଯୋଗିତା ପାଇଁ ଟ୍ରାକରେ ଛାତ୍ରୀଛାତ୍ର।

## ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

କୋକସରା,୬।୧୨(ଡି.ଏନ.ଏ.)

ସିକନ୍ଦରାବାଦରେ ଇଟାଭାଟିରେ ପୋଡ଼ି ମୃତ୍ୟୁବରଣ କରିଥିବା କଳାହାଣ୍ଡି ଜିଲା କୋକସରା ବ୍ଲକ ସାନପୋଡ଼ା ପଞ୍ଚାୟତ ନେଗିଗୁଡାର ସତ୍ୟ ସୁନା(୨୭)ଙ୍କ ମୃତଦେହ ମଙ୍ଗଳବାର ପହଞ୍ଚିଛି। ଶୋକାକୁଳ ପରିବେଶରେ ଗାଁ ମଶାଣିରେ ସତ୍କାର କରାଯାଇଛି। ସାନପୋଡ଼ା ପଞ୍ଚାୟତ ନେଗିଗୁଡା ଗ୍ରାମର ସତ୍ୟ ଗତ ମାସେ ତଳେ ଘର ଆର୍ଥିକ ସ୍ଥିତିକୁ ଦେଖି ବାପା, ମା'ଙ୍କ ସାହାରା ହେବାକୁ ନୂଆପଡା ଜିଲା ସିନାପାଲି ପିଠାପଡା ଗାଁର ଜଣେ ଦାଦନ ସର୍ଦ୍ଦାର ସୁଧାନ୍ୟ ସୁନାର ପ୍ରଲୋଭନରେ ପଡି ଦାଦନ ଖଟିବାକୁ ସିକନ୍ଦରାବାଦ ଯାଇଥିଲେ। ସେଠାରେ ଏକ ଇଟାଭାଟିରେ ନିୟୋଜିତ ହୋଇଥିଲେ। ଗୁରୁବାର ଭାଟିର ଜଳନ୍ତା ପାଉଁଶ ନିଆଁରେ ପଡି ଗୁରୁତର ହୋଇପଡିଥିଲେ। ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣା ଖବର ଶୁଣି ବାପା ଓ ଜଣେ ସମ୍ପର୍କୀୟ ସିକନ୍ଦରାବାଦ ଯାଇଥିଲେ। ଶନିବାର ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା।

## ବୌଦ୍ଧରେ ଆରମ୍ଭ ହେଲା ଖରିଫ ଧାନକିଣା

ବୌଦ୍ଧ/କଣ୍ଟାମାଳ,୬।୧୨ (ସ୍ୱ.ପ୍ର./ଡି.ଏନ.ଏ.)

ବୌଦ୍ଧ ଜିଲା ମନମୁଣ୍ଡା ବଜାର ପ୍ରାଙ୍ଗଣରେ ମଙ୍ଗଳବାର ଦିନ ଖରିଫ ଧାନକିଣାର ଶୁଭାରମ୍ଭ ହୋଇଛି। ଜିଲାପାଳ ସତ୍ୟ ରଞ୍ଜନ ସାହୁ ଯୋଗଦେଇ ଧାନ କିଣାର ଶୁଭାରମ୍ଭ କରିଥିଲେ। ଚଳିତ ଖରିଫ ଋତୁରେ ଚାଷୀମାନଙ୍କ ଠାରୁ ଯେପରି ସୁବିଧାରେ ଧାନ ସଂଗ୍ରହ କରାଯାଇପାରିବ ସେ ନେଇ ଜିଲାପାଳ ସାହୁ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀମାନେ ଠିକ ଧାନ ଦେଇ ସରକାରଙ୍କ ନିୟମ ଅନୁଯାୟୀ ଉଚିତ ଅର୍ଥ ଯେପରି ପାଇ ପାରିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଧାନକିଣା ଶୁଭାରମ୍ଭ ସମୟରେ ଉପଜିଲାପାଳ ସନତ କୁମାର ନାଏକ , ଜିଲା ଯୋଗାଣ ଅଧିକାରୀ ବିଭୁପ୍ରସନ୍ନ ଆଚାର୍ଯ୍ୟ, ସଂପାଦକ ନିୟନ୍ତ୍ରିତ ବଜାର କମିଟି ବୌଦ୍ଧ ସଞ୍ଜୟ ପଟ୍ଟନାୟକ, ସେବା ସମବାୟ ସମିତିର ଚାଷୀ ସମୂହ ଉପସ୍ଥିତ ଥିଲେ। କଣ୍ଟାମାଳ ବ୍ଲକର ୧୫ ଗୋଟି ସେବା ସମବାୟ ସମିତି ଓ ଗୋଟିଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧମରେ ଟୋକନ ପ୍ରାପ୍ତ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ଆରମ୍ଭ କରାଗଲା। ଗତବର୍ଷ ଜିଲାରେ ୩୨ ହଜାର ଚାଷୀଙ୍କ ପଞ୍ଜୀକରଣ କରାଯାଇଥିବା ବେଳେ ଚଳିତବର୍ଷ ୩୮ ହଜାର ଚାଷୀଙ୍କୁ ପଞ୍ଜୀକରଣ କରାଯାଇଛି। ଗତବର୍ଷ ୧୬ ଲକ୍ଷ ୫୦ ହଜାର ଟନ ଧାନ କିଣା ଯାଇଥିବା ବେଳେ ଚଳିତବର୍ଷ ୧୮ ଲକ୍ଷ ଟନ ଧାନ କିଣା ହେବାର ଲକ୍ଷ୍ୟ ରଖାଯାଇଥିବା ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି।


ଧାନ କିଣାର ଶୁଭାରମ୍ଭ ପରେ ଜିଲାପାଳ ଚାଷୀଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

## ନାରଦଙ୍କ ପରାମର୍ଶରେ ଧନୁଯାତ୍ରା ଆୟୋଜନ

**ବୀରମହାରାଜପୁର ଧନୁଯାତ୍ରାର ଷଷ୍ଠ ରଜନୀ**

ଅମରପାଲି, ୬।୧୨(ଡି.ଏନ.ଏ.)

ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ଧନୁଯାତ୍ରା ମହୋତ୍ସବର ମଙ୍ଗଳବାର ଥିଲା ଷଷ୍ଠ ରଜନୀ। ମହାରାଜା କଂସଙ୍କ ରାଜ ଦରବାରରେ ଅତିଥି ଭାବେ ଯୋଗ ଦେଇ ଶିକ୍ଷାବିତ୍ ରାଘବ ବିଶ୍ୱାଳ, କୋଶଲି ଫିଲ୍ମ ନିର୍ମାତା ବିନୋଦ କାଲସାଏ, ଶତୃଘ୍ନ ମେହେର ଓ ଶିବଦତ୍ତ ଚାନ୍ଦ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଯାତ୍ରା କମିଟି ସଭାପତି କିଶୋର ହୋତା ଦରବାରରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ପୌରୋହିତ୍ୟ କରିଥିଲେ। ପ୍ରତିଦିନ ଭଳି ମହାରାଜା କଂସ ହାତୀପିଠିରେ ବସି ନଗର ପରିକ୍ରମାରେ ବାହାରିଥିଲେ । ଶୋଭାଯାତ୍ରା ସମୟରେ ବୀରମହାରାଜପୁର ମୁଖ୍ୟ ଛକ ଲୋକାରଣ୍ୟ ହୋଇପଡ଼ିଥିଲା। ନଗର ପରିକ୍ରମା ସାରି ମହାରାଜା କଂସ ଦରବାରକୁ ପ୍ରବେଶ କରିଥିଲେ। ଦରବାରରେ ମହାରାଜାଙ୍କ ମନୋରଞ୍ଜନ ପାଇଁ ସମ୍ବଲପୁରୀ ନୃତ୍ୟଗୀତ ପରିବେଷିତ ହୋଇଥିଲା। ମୁକ୍ତାକାଶ ରଙ୍ଗମଞ୍ଚରେ ନାଟ୍ୟାଭିକ୍ରମରେ ଅଷ୍ଟମଲ୍ଲ ନିଧନ ଖବର କଂସ ମହାରାଜା ଶୁଣିଲା ପରେ ମର୍ମାହତ ହୋଇପଡିଛନ୍ତି। ତେଣେ ନାରଦ ମୁନି ମହାରାଜଙ୍କ ପତ୍ନୀ ରାଣୀ ପଦ୍ମାବତୀ ଧନଶ୍ରୀ ଓଷା କରିବାକୁ ପରାମର୍ଶ ଦେଇଛନ୍ତି । ଗୋପିମାନଙ୍କର ଦହିବିକା, ରଙ୍ଗସଭା, ଦେବର୍ଷି ନାରଦଙ୍କ ପରାମର୍ଶରେ ଧନୁଯାତ୍ରାର ଆୟୋଜନ, ଅକ୍ରୁରଙ୍କ ଗୋପପୁର ଗମନ ଏବଂ କଂସଙ୍କର ସ୍ୱପ୍ନ ଦୃଶ୍ୟ ଆଦି ପରିବେଷଣ ହୋଇଥିଲା।

## ମାନବ ସେବାରେ ବ୍ରତୀ ହୁଅ

**ଜୁନିୟର ରେଡକ୍ରସ୍ ସଚେତନତା କାର୍ଯ୍ୟକ୍ରମ**

ଅମରପାଲି, ୬।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜାପୁର ବ୍ଲକ ଅନ୍ତର୍ଗତ ପିତାମହୁଲ ଉନ୍ନୀତ ହାଇସ୍କୁଲ ପ୍ରାଙ୍ଗଣରେ ଏକଦିବସୀୟ ବ୍ଲକସ୍ତରୀୟ ଜୁନିଅର ରେଡକ୍ରସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଆକସ୍ମିକା ବଡେଇ ସତନ୍ତ୍ର ଅତିଥି ଭାବେ ଯୋଗଦେଇ ରେଡକ୍ରସ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବୀରମହାରାଜାପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟଆତିଥିଭାବେ ଯୋଗଦେଇ ଜୁନିଅର ରେଡକ୍ରସର ମାନବୀୟ ସେବାରେ ସମସ୍ତ ପରାମର୍ଶଦାତା ଓ ଛାତ୍ରୀଛାତ୍ର ଉଦବୁଦ୍ଧ ହେବାକୁ ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଜଗଦଲା ଏଥିରେ ଅଧକ୍ଷତା କରିଥିଲେ। ବରିଷ୍ଠ ସାଧନ କର୍ମୀ ଚନ୍ଦ୍ରମଣି ବାଘ ଏହାକୁ ପରିଚାଳନା କରିଥିଲେ। ବୀରମହାରାଜପୁର ନୋଡାଲ ହାଇସ୍କୁର ପ୍ରଧାନଶିକ୍ଷକ ନିରଞ୍ଜନ ଦାଶ ଏବଂ ଜିଲା ଜୁନିଅର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଆଗାମୀ ଦିନରେ ବ୍ଲକ ତଥା ଜିଲାର ସମସ୍ତ ହାଇସ୍କୁଲ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୬ଷ୍ଠରୁ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ଭବିଷ୍ୟତରେ ସ୍ୱେଚ୍ଛାକୃତ ଭାବେ ମାନବୀୟ ସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ୨୨ଟି ହାଇସ୍କୁଲର ଜୁନିଅର ରେଡକ୍ରସ ପରାମର୍ଶଦତାମାନେ ଯୋଗଦେଇଥିଲେ। ସାଧନ କର୍ମୀ ଚନ୍ଦ୍ରମଣି ବାଘ, ବଳରାମ ପୁରୋହିତ, ଆଶିଷ ନାଏକ ରେଡକ୍ରସର ଆନ୍ଦୋଳନ, ଜୁନିଅର ରେଡକ୍ରସର ସେବା ମୂଳକ କାର୍ଯ୍ୟକ୍ରମ, ପ୍ରାଥମିକ ଚିକିତ୍ସା, ସଡକ ସୁରକ୍ଷା ଯୋଜନାର ଉପଯୋଗିତା ବିଷୟରେ ଶିବିରାର୍ଥୀଙ୍କୁ ତାଲିମ ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଚାକିରି ଦେବା ନାଁରେ ଠକେଇ

- ଠକେଇର ଶିକାର ଯୁବକ ଥାନାରେ ଫେରାଦ
- ସିକ୍ୟୁରିଟ ସଂସ୍ଥା କରି ବେକାର ଯୁବକଙ୍କୁ ଠକୁଥିଲେ

ଅମରପାଲି, ୬।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଞ୍ଚଳରେ ଚାକିରି ଦେବା ନାଁରେ ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଠକେଇର ଶିକାର ଯୁବକମାନେ ବେଆଇନ ସଂସ୍ଥା କରି ଠକିଥିବା ବ୍ୟକ୍ତିଙ୍କୁ ବୀରମହାରାଜପୁର ଥାନା ଜିମା ଦେଇଛନ୍ତି। ଏକ ସିକୁରିଟି ସଂସ୍ଥା କରି ବୀରମହାରାଜପୁର ଥାନା ଜାଲୋଏ ଗାଁର ଜଣେ ବ୍ୟକ୍ତି ବିଭିନ୍ନ କମ୍ପାନୀ ଓ ସଂସ୍ଥାରେ ଚାକିରି ଦେବା ପାଇଁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ଏହାକୁ ଦେଖି ବୀରମହାରାଜପୁର ଓ ଉଲୁଣ୍ଡା ଅଞ୍ଚଳର କେତେକ ଯୁବକମାନେ ଚାକିରି ପାଇଁ ଆବେଦନ କରିଥିଲେ। ନିଜକୁ ପୂର୍ବତନ ସିଆରପିଏଫ ଜବାନ ଦର୍ଶାଇ ସମ୍ପୃକ୍ତ ସିକ୍ୟୁରିଟି ସଂସ୍ଥାର ମୁଖ୍ୟ ବେକାର ଯୁବକଙ୍କଠାରୁ ଜଣ ପିଛା ୧୦ରୁ ୨୦ ହଜାର ଟଙ୍କା ଲେଖାଏ ନେଇଥିଲେ। ଏପରିକି ସିକ୍ୟୁରିଟି ଡ୍ରେସ ଦେବା ସହ ନିଯୁକ୍ତି ପ୍ରମାଣ ପତ୍ର ଦେଇଥିଲା। ଉକ୍ତ ନିଯୁକ୍ତି ପତ୍ରକୁ ନେଇ ନିଯୁକ୍ତି ଦେଇଥିବା ସଂସ୍ଥାକୁ ଗଲାବେଳକୁ ସେମାନେ ଏପରି କୌଣସି ନିଯୁକ୍ତି ଦିଆଯାଇ ନାହିଁ ବୋଲି କହିଥିଲେ। ଏହାପରେ ନିଶ୍ଚିତ ଠକେର ଶିକାର ହୋଇଥିବା ଜାଣି ଟଙ୍କା ଫେରାଇବାକୁ ଯୁବକମାନେ ସମ୍ପୃକ୍ତ ସିକ୍ୟୁରିଟି ସଂସ୍ଥା ମୁଖ୍ୟଙ୍କୁ କହିଥିଲେ। ହେଲେ ସେ ବିଭିନ୍ନ ବାହାନା ଦେଖାଇ ସମୟ ଗଡାଇ ଚାଲିଥିଲେ। ଶେଷରେ ଠକେଇର ଶିକାର ଯୁବକମାନେ ସିକ୍ୟୁରିଟି ସଂସ୍ଥାର ମୁଖ୍ୟଙ୍କୁ ଧରି ବୀରମହାରାଜପୁର ଥାନା ଜିମା ଦେଇଥିଲେ । ହେଲେ ଏସଂସ୍ଥାର ସିଇଓ କହୁଥିବା ଉକ୍ତ ବ୍ୟକ୍ତି ଜଣକ ଠକେଇ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ନିଯୁକ୍ତି ଦେବା ପାଇଁ ସେ ମାତ୍ର ୫ଜଣ ପିଲାଙ୍କଠାରୁ ଟଙ୍କା ନେଇଛନ୍ତି। ସିକ୍ୟୁରିଟି ସଂସ୍ଥାରେ ନିଯୁକ୍ତ କୁମାରକେଲି ଗାଁର ସୁପରଭାଇଜର ଜଣକ ହୁଏତ ଅଭିଯୋଗ କରୁଥିବା ଯୁବକମାନଙ୍କଠାରୁ ଟଙ୍କା ଆଦାୟ କରିଥାଇ ପାରନ୍ତି ବୋଲି ପୋଲିସକୁ କହିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ସୁପରଭାଇଜରି ଜଣକ ସଂସ୍ଥାମୁଖ୍ୟଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏପରିକି ସେ ଠକେଇର ଶିକାର ଯୁବକମାନଙ୍କ ସହ ଥାନାକୁ ଯାଇ ସଂସ୍ଥାମୁଖ୍ୟଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।


ଠକେଇର ଶିକାର ହୋଇଥିବା ଯୁବକମାନେ।

## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ ଫୁଟବଲ, ହକି ଟୁର୍ନାମେଣ୍ଟ

ଲେଫ୍ରିପଡା,୬।୧୨(ଡି.ଏନ.ଏ.): ବିଶ୍ୱକପ ହକି ଉପଲକ୍ଷେ ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଲେଫ୍ରିପଡା ବ୍ଲକର ପଞ୍ଚାୟତ ସ୍ତରରେ ମଙ୍ଗଳବାର ହକି ଏବଂ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି । ଗିରିଙ୍ଗକେଲା ପଞ୍ଚାୟତର ବେଦୋଝରିଆଠାରେ ଅନୁଷ୍ଠିତ ଫୁଟବଲ ଟୁର୍ନାମେଣ୍ଟରେ ପଞ୍ଚାୟତର ମୋଟ ଛଅ ଗୋଟି ଦଳ ଭାଗ ନେଇଥିଲେ। ଏଥିରେ ମାଲିପଡା ଏବଂ ସାଲେଟିକ୍ରା ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ସାଲେଟିକ୍ରା ଦଳ ଚାମ୍ପିୟନ ହୋଇ ବ୍ଲକସ୍ତରରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି । ବ୍ଲକ ଅଧ୍ୟକ୍ଷ ନରେଶ ପ୍ରତାପ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ବୈଷ୍ଣବ ମାଝୀ, ସରପଞ୍ଚ ନୀଳମଣି ମାଝୀ, ଲେଫ୍ରିପଡା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡୋଲାମଣୀ ପଟେଲ, ସମିତି ସଭ୍ୟା କେତକୀ ନାଏକ, ଗିରିଙ୍ଗକେଲା ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ଯୋଗଦାନ କରିଥିଲେ । ଟୁର୍ନାମେଣ୍ଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଜିଆରଏସ ଇନ୍ଦ୍ରଜିତ ମହାନନ୍ଦିଆ, ଗାଁ ସାଥୀ ସନ୍ତୋଷ ବୈଗା ପରିଚାଳନାରେ ସହଯୋଗ କରିଥିଲେ । ବିଭୂତି ପଟେଲ ମଞ୍ଚ ପରିଚାଳନା କରିଥିଲେ। ସେହିପରି ପଞ୍ଚାୟତସ୍ତରୀୟ ହକି ଟୁର୍ନାମେଣ୍ଟରେ ସରପଗଡ ପଞ୍ଚାୟତରେ କନିଆଘାଟି ହକିଦଳ ଚାମ୍ପିୟନ, ହୁର୍ମେଇ ପଞ୍ଚାୟତରେ ମଗରକୁଣ୍ଡା ହକି ଦଳ ଚାମ୍ପିୟନ ଏବଂ ଲେଫ୍ରିପଡା ପଞ୍ଚାୟତରେ କଦୋମାଲ ହକି ଦଳ ଚାମ୍ପିୟନ ହୋଇଛନ୍ତି ।

### ରାଉରକେଲାରେ ହେବ ନଗର କ୍ରୀଡ଼ା ଉତ୍ସବ

ରାଉରକେଲା ଅଫିସ,୬।୧୨: ରାଉରକେଲା ଜନସାଧାରଣଙ୍କୁ କ୍ରୀଡା ମନସ୍କ କରିବା ପାଇଁ ରାଉରକେଲାରେ ନଗରକ୍ରୀଡା ଉତ୍ସବ ପାଳିତ ହେବ। ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଆରଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ର ଏକ ବୈଠକରେ ଅଧ୍ୟକ୍ଷତା ଏ ନେଇ ସୂଚନା ଦେଇଛନ୍ତି। ଏହି ବୈଠକରେ ବିଭିନ୍ନ କ୍ରୀଡା ସଙ୍ଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବିଭିନ୍ନ ବର୍ଗରେ ହେବାକୁ ଥିବା କ୍ରୀଡା ପ୍ରତିଯୋଗିତାରେ ବିଜେତାଙ୍କୁ ୩୦ ହଜାର ଟଙ୍କା ଓ ଉପବିଜେତାଙ୍କୁ ୨୦ ହଜାର ଟଙ୍କା ଅର୍ଥ ପ୍ରଦାନ କରାଯିବ ବୋଲି ମହାପାତ୍ର ଘୋଷଣା କରିଥିଲେ। ଆସନ୍ତା ୮ରୁ ୨୧ ତାରିଖ ପର୍ଯ୍ୟନ୍ତ ସହରର ବିଭିନ୍ନ ଖେଳ ପଡିଆ ଓ ଇନ୍‌ଡୋର ଷ୍ଟାଡିୟମରେ ୫ଟି ବିଭାଗରେ କ୍ରୀଡା ଅନୁଷ୍ଠିତ ହେବ। ସହରର ବିଭିନ୍ନ କ୍ରୀଡା ସଙ୍ଗଠନ ଓ ରାଉରକେଲା ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ଏହି ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ନଗର କ୍ରୀଡା ଉତ୍ସବରେ ୧୦ଟି ପୁରୁଷ ହକି ଟିମ୍, ୩୨ ପୁରୁଷ ଫୁଟବଲ ଟିମ୍, ୨ଟି ମହିଳା ଫୁଟବଲ ଟିମ୍, ୧୨ଟି ପୁରୁଷ ଭଲିବଲ ଟିମ୍, ୪ଟି ମହିଳା ଖୋଖୋ ଦଳ, ୧୬ଟି ପୁରୁଷ କବାଡି ଦଳ ଏବଂ ୫ଟି ମହିଳା କବାଡି ଦଳ ଅଂଶଗ୍ରହଣ କରିବ। ସେହିପରି ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମରେ ୧୩ରୁ ୨୦ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୧ଟାରୁ ୫ଟା ମଧ୍ୟରେ ଫୁଟବଲ ମ୍ୟାଚ୍ ଖେଳାଯିବ। ଉଦିତନଗର ଷ୍ଟାଡିୟମରେ ଆସନ୍ତା ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଫୁଟବଲ ମ୍ୟାଚ୍ ଖେଳାଯିବ। ଅନ୍ୟପକ୍ଷେ ମଡେଲ ସ୍କୁଲ ସିଭିଲଟାଉନସିପ୍ ପଡିଆରେ ଭଲିବଲ ଗ୍ରାଉଣ୍ଡରେ ୧୧ରୁ ୧୪ ତାରିଖ ଯାଏ ଭଲିବଲ ଓ ସେକ୍ଟର-୨୦ ସ୍ଥିତ ରାଇଜିଂ କ୍ଲବରେ ୧୧ରୁ ୧୩ ତାରିଖ ସନ୍ଧ୍ୟା ୫ରୁ ୯ଟା ଯାଏ ଭଲିବଲ ମ୍ୟାଚ୍ ଖେଳାଯିବ। ଇସ୍ପାତ ଇନ୍‌ଡୋର ଷ୍ଟାଡିୟମ୍‌ରେ ୮ରୁ ୧୦ ତାରିଖ ଯାଏ କବାଡି ପ୍ରତିଯୋଗିତା ଆୟୋଜିତ ହେଉଥିବାବେଳେ ବାସନ୍ତୀ କଲୋନି ଏସ୍‌କେଡିଏଭି ପଲିଟେକ୍‌ନିକ ପରିସରରେ ଖୋଖୋ ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କମିଶନର ମହାପାତ୍ର ସୂଚନା ଦେଇଛନ୍ତି।

### ରେଳ ମଣ୍ଡଳରେ ମହାପରିନିର୍ବାଣ ଦିବସ

ସମ୍ବଲପୁର,୬।୧୨(ବ୍ୟୁରୋ): ପୂର୍ବତଟ ରେଳପଥ ସମ୍ବଲପୁର ରେଳ ମଣ୍ଡଳରେ ଭାରତୀୟ ସମ୍ବିଧାନର ନିର୍ମାତା ଡ. ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟରେ କାର୍ଯ୍ୟକ୍ରମ ହୋଇଥିଲା। ମଣ୍ଡଳ ରେଳ ପ୍ରବନ୍ଧକ ବିନୀତ ସିଂ ଅଧକ୍ଷତା କରି ବାବା ସାହେବଙ୍କ ନୀତି ଆଦର୍ଶ ବିଷୟରେ ଆଲୋଚନା କରିଥିଲେ। ସମାରୋହକୁ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଜୁସୁଫ କବୀର ଅଂସାରୀ ପରିଚାଳନା କରିଥିଲେ।




ମଙ୍ଗଳବାର ବାଲିଶଙ୍କରା ବ୍ଲକ ସଉନାମରା ଗାଁ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଜିଲାସ୍ତରୀୟ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାରେ ଅତିଥିମାନଙ୍କ ସହ ହକି ଖେଳାଳି (ବାମ)। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର।

# ହକି ଗାଁ ସଉନାମରାରୁ ଜିଲାସ୍ତରୀୟ ପ୍ରତିଯୋଗିତାର ଶୁଭାରମ୍ଭ

ସୁନ୍ଦରଗଡ,୬।୧୨(ଡି.ଏନ.ଏ.)

**ସୁନ୍ଦରଗଡ଼ ଜିଲା**
- ହକି ବିଶ୍ୱକପ ପାଇଁ ପ୍ରଶାସନର କାର୍ଯ୍ୟକ୍ରମ
- ୨୭୯ ଗ୍ରାମ ପଞ୍ଚାୟତରେ ହକି ଓ ଫୁଟବଲ ଟୁର୍ନାମେଣ୍ଟ
- ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ରଚନାତ୍ମକ କାର୍ଯ୍ୟକ୍ରମ କରାଯିବ

ସୁନ୍ଦରଗଡ ଜିଲାରେ ପ୍ରଥମ ଥର ପାଇଁ ହକି ବିଶ୍ୱକପ ହେବାକୁ ଯାଉଛି। ଏଥିପାଇଁ ରାଉରକେଲାରେ ସବୁଠୁ ବଡ ହକି ଷ୍ଟାଡିୟମ ନିର୍ମାଣ କରାଯାଉଛି। ଏଠାରେ ବିଶ୍ୱକପ ହେବା ଫଳରେ ସୁନ୍ଦରଗଡ ଅନ୍ତର୍ଜାତୀୟ ସ୍ତରରେ ଏକ ନୂଆ ପରିଚୟ ପାଇବ। ଗାଁ ଗହଳିରେ ହକି ଖେଳୁଥିବା ପିଲାଙ୍କ ସୁବିଧା ପାଇଁ ବ୍ଲକ ସ୍ତରରେ ହକି ଟର୍ଫ କରାଯାଉଥିବାରୁ ଆଗାମୀ ଦିନରେ ଅନେକ ପ୍ରତିଭାବାନ ଖେଳାଳି ବାହାରି ପାରିବେ । ମଙ୍ଗଳବାର ବାଲିଶଙ୍କରା ବ୍ଲକ ସଉନାମରା ଗାଁ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଜିଲାସ୍ତରୀୟ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଏହା କହିଛନ୍ତି।

ହକି ବିଶ୍ୱକପ୍ ପାଇଁ ପ୍ରଶାସନ ପକ୍ଷରୁ ସୁନ୍ଦରଗଡ ଜିଲାରେ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଜିଲାର ୧୭ଟି ବ୍ଲକର ୨୭୯ଟି ଗ୍ରାମପଞ୍ଚାୟତ ସ୍ତରରେ ଏକାସାଙ୍ଗେ ହକି ଏବଂ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ସଉନାମରା ଗାଁ ମାଟିର ପୁଅ ତଥା ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଡକ୍ଟର ଦିଲୀପ ତିର୍କୀ ଏବଂ ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ସୁଭଦ୍ରା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।




ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଡ. ଦିଲୀପ ତିର୍କୀ ଏବଂ ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ସୁଭଦ୍ରା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଏହି ଅବସରରେ ହକି ଇଣ୍ଡିଆର ସଭାପତି ଡ. ତିର୍କୀ କହିଛନ୍ତି 'ମୁଁ ଆଜି ଯେଉଁ ବିଶେଷ ପରିଚୟ ପାଇଛି ତାହା କେବଳ ମୋ ଜନ୍ମ ମାଟି ସଉନାମରା ପାଇଁ। ମୋ ଗାଁ ପଡିଆରେ ହକି ଖେଳି ଦିନେ ମୁଁ ଭାରତୀୟ ଟିମ୍‌ରେ ସାମିଲ ହୋଇ ପାରିଥିଲି। ଏବେ ସଉନାମରା ସହ ଜିଲାର ଅନ୍ୟ ଗାଁର ଅନେକ ଖେଳାଳି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ହକି ଖେଳି ସୁନ୍ଦରଗଡ ଏବଂ ଦେଶ ପାଇଁ ଗୌରବ ଆଣି ପାରିଛନ୍ତି। ହକି ବିଶ୍ୱକପକୁ ସ୍ୱାଗତ କରିବା ପାଇଁ ଜିଲାବ୍ୟାପୀ ବ୍ୟାପକ କାର୍ଯ୍ୟକ୍ରମ କରାଯାଉଛି। ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ହକି ଓ ଫୁଟବଲ ଟୁର୍ନାମେଣ୍ଟ ସହିତ ସ୍କୁଲ, କଲେଜ ସ୍ତରରେ ମଧ ବିଭିନ୍ନ ରଚନାତ୍ମକ କାର୍ଯ୍ୟକ୍ରମ କରାଯିବ। ଜନସାଧାରଣଙ୍କ ସହଯୋଗରେ ବିଶ୍ୱକପକୁ ଆକର୍ଷଣୀୟ ଓ ସ୍ମରଣୀୟ କରିବା ଲାଗି ପ୍ରଶାସନ ପକ୍ଷରୁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ଜିଲାପାଳ ଡା. ଗାଭାଲି କହିଛନ୍ତି। ଜିଲାବ୍ୟାପୀ ଏହିକାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଯୋଡି ହେବା ଲାଗି ଜିଲାପାଳ ଅନୁରୋଧ କରିଛନ୍ତି। ସଉନାମରାଠାରେ ଅନୁଷ୍ଠିତ ଉତ୍ସବରେ ତଳସରା ବିଧାୟକ ଭବାନୀଶଙ୍କର ଭୋଇ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ବିନୟ ଟପ୍ପୋ, ଜିଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା, ଏସ୍‌ପି ସାଗରିକା ନାଥ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ ସତ୍ୟବାନ ମହାଜନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଅତିଥିମାନେ ହକି ଷ୍ଟିକରେ ବଲକୁ ମାରି ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ପରେ ମହିଳା ଓ ପୁରୁଷ ଉଭୟ ବର୍ଗରେ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ କରାଯାଇଥିଲା। ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅବସରରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଆଦିବାସୀ ଓ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଏହାଛଡା ହକି ଭିଲେଜ ଭାବେ ପରିଚିତ ସଉନାମରା ଗାଁର କ୍ରୀଡା ଇତିହାସ ଉପରେ ଏକ ଡକ୍ୟୁମେଣ୍ଟାରି ଫିଲ୍ମ ପ୍ରଦର୍ଶନ କରାଯାଇଥିଲା।ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟା ଜୟନ୍ତୀ ଏକ୍କା ଓ ବେଲମତିଧରୁଆ, ବାଲିଶଙ୍କରା ବ୍ଲକଅଧକ୍ଷ କୁଞ୍ଜଲତା ଭିତିରିଆ, ବିଡିଓ ଜ୍ୟୋର୍ତିମୟୀ ପ୍ରଧାନ, ସଉନାମରା ସରପଞ୍ଚ ଟୁଲୁ ବାର୍ଲାଙ୍କ ସହିତ ସ୍କୁଲ ଛାତ୍ରୀଛାତ୍ର ଓ ସ୍ଥାନୀୟ ଜନସାଧାରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ହକି ବିଶ୍ୱକପ ପାଇଁ ସ୍କୁଲ ଏବଂ କଲେଜ ସ୍ତରରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରିବାକୁ ପ୍ରଶାସନ ପ୍ରସ୍ତୁତି କରିଛି। ଛାତ୍ରୀଛାତ୍ରଙ୍କ ଭିତରେ ବ୍ୟାଡମିଣ୍ଟନ, ଭଲିବଲ, କବାଡି, ଖୋଖୋ, ହକି ଏବଂ ଫୁଟବଲ ପ୍ରତିଯୋଗିତା କରାଯାଇ ଜିଲ୍ୟାବ୍ୟାପୀ ଏକ କ୍ରୀଡା ପରିବେଶ ସୃଷ୍ଟି କରାଯିବ। ଛାତ୍ରୀଛାତ୍ରଙ୍କ ଭିତରେ ବିଭିନ୍ନ ସର୍ଜନାତ୍ମକ ପ୍ରତିଯୋଗିତା କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ ଜିଲାର ବହୁ ଆଦିବାସୀ ନୃତ୍ୟ, ଲୋକନୃତ୍ୟ ଏବଂ ଲୋକସଙ୍ଗୀତ ଦଳଗୁଡିକୁ ହକି ବିଶ୍ୱକପ ଅବସରରେ ହେଉଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ କରାଯିବ। ଏହି ସାଂସ୍କୃତିକ ଦଳଗୁଡିକ ମଧ୍ୟରେ ପ୍ରତିଯୋଗିତା କରାଯାଇ ଜିଲା ସ୍ତରରେ ପୁରସ୍କୃତ କରାଯିବ।

## କଳାକୁ ହରାଇ ସୋନପୁର ବିଜୟୀ

ଦେବଗଡ଼,୬।୧୨(ଡି.ଏନ.ଏ.)

**ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟବଲ ଟୁର୍ନାମେଣ୍ଟ**



ଅତିଥିମାନେ କୃତୀ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ମ୍ୟାଚ୍ ସୋନପୁର ରାମଧୁନ ବନାମ କଳା ବିଏଫଏ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋନପୁର ଦଳ ୪-୧ ଗୋଲରେ କଳାକୁ ପରାସ୍ତ କରି ବିଜୟୀ ହୋଇଛି। ଆଜିର ମ୍ୟାଚ୍‌ରେ ସୋନପୁର ଦଳର ଖେଳାଳି ମିଥୁନ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ଜିଲା କଂଗ୍ରେସ ସଭାପତି ଉମା ଶଙ୍କର ସାହୁ ମୁଖ୍ୟ ଅତିଥି, ଜିଲା ସଂସ୍କୃତି ପରିଷଦ ସଂଯୋଜକ ଦିଲୀପ କୁମାର ଗୁରୁ, ପୂର୍ବତନ ଜିଲା କଂଗ୍ରେସ ସଭାପତି ସେମ ହେମରମ, ଆଡଭୋକେଟ ସିଦ୍ଧେଶ୍ୱର ଗୁରୁ, ଜିଲା ମହିଳା କଂଗ୍ରେସ ସଭାପତି ମଞ୍ଜୁଲତା ନାଏକ, ପୋଲିସ ଟ୍ରେନର ସମୀର ସାହୁ, ସାମାଜିକ କର୍ମୀ ଅମୀର କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେବା ସହ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ତ୍ତିକ ଦାଶ, ରାଜ ମଣ୍ଡଳ, ବିଜୟ କୁଳସରି ଓ ଅଶ୍ୱିନୀ ବରିହା ମ୍ୟାଚ୍ ପରିଚାଳନା କରିଥିଲେ। ଅଲେଖ ନାଏକ, ସଞ୍ଜିତ ନାଏକ, ଯୋଗେଶ୍ୱର ସାହୁ, ବିକାଶ ପ୍ରଧାନ, ସୁବାଷ ଚନ୍ଦ୍ର ଭୋଇ, ଅନନ୍ତ ମେହେର, ରୂପକ ମାଝୀ, ଶରତ ମେହେର, ବିକାଶ ଅଗ୍ରୱାଲ, ଯୋଗେଶ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ସୁର୍‌ର ବାର୍ଷିକ ଉତ୍ସବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ସୁନ୍ଦରଗଡ,୬।୧୨(ଡି.ଏନ.ଏ.)

ସୁନ୍ଦରଗଡର ପୁରାତନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ସୁର୍'ର ୩୧ତମ ବାର୍ଷିକ ଉତ୍ସବ ଉପଲକ୍ଷେ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଜନସାଧାରଣଙ୍କ ମଧ୍ୟରେ ସ୍ଥାନୀୟ ବୀରମିତ୍ର କ୍ଲବଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତ, ନୃତ୍ୟ, ରାଇମ, ଫେନସି ଡ୍ରେସ, ହୁଳହୁଳି ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରଥମେ ସୁର୍‌ର ପ୍ରତିଷ୍ଠାତା ତଥା ସମ୍ପାଦକ ଭୂପେନ ଅମାତ୍ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ସମୀର କୁମାର କର,ଉପସଭାପତି ଚୈତାଳୀ ଦତ୍ତ, ସହ ସମ୍ପାଦକ ମନୋଜ ସାହୁଙ୍କ ସମେତ ଅନୁଷ୍ଠାନର ସଭ୍ୟା ସଭ୍ୟମାନେ ପରିଚାଳନା କରିଥିଲେ। ବିଚାରକ ଭାବେ ଗୋପକୃଷ୍ଣ ନାୟକ ସରସ୍ୱତୀ ହାସଦା, ଅମରେଶ ସାମଲ, ସସ୍ମିତା ହୋତା,ଅନନ୍ତ ପାଲ, ଅମ୍ରିତା ଶୁକ୍ଳା ଓ ଭୂପେନ ଅମାତ ରହିଥିଲେ। ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ଜାନୁୟାରୀ ୧୦ ତାରିଖରେ ସୁର୍‌ର ବାର୍ଷିକ ଉତ୍ସବରେ ପୁରସ୍କୃତ କରିଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ହକି, ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

କୁଆଁରମୁଣ୍ଡା,୬।୧୨(ଡି.ଏନ.ଏ.)

ଆଗାମୀ ହକି ବିଶ୍ୱକପ ନିମନ୍ତେ ଗ୍ରାମୀଣ ଯୁବ ହକି ଓ ଫୁଟବଲ କ୍ରୀଡା ପ୍ରତିଭାଙ୍କୁ ଚୟନ କରାଯାଉଛି। ଏଥିନିମନ୍ତେ ପଞ୍ଚାୟତ ସ୍ତରରେ ଯୁବ କ୍ରୀଡ଼ା ପ୍ରତିଭାମାନଙ୍କୁ ଚୟନ କରାଯାଇ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସ୍ଥିର କରାଯାଇଛି। ଅନୁରୂପ ଭାବେ ମଙ୍ଗଳବାର କୁଆଁରମୁଣ୍ଡା ବ୍ଲକସ୍ତରୀୟ ହକି ଓ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କୁଆଁରମୁଣ୍ଡା ବ୍ଲକର ୨୦ଟି ପଞ୍ଚାୟତକୁ ଚାରିଟି କ୍ଲଷ୍ଟରରେ ବିଭକ୍ତ କରାଯାଇଛି। ହକି ଉଦଘାଟନୀ ମ୍ୟାଚ କାଲୋସିହିରିଆ ପଞ୍ଚାୟତ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ଦିନରେ କାଲୋସିହିରିଆ, ଦୁମକି ସିହିରିଆ, ଲୁଚାବାହାଲ ହକି ଟିମ୍ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଅତିଥି ଭାବେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ନେଭିଲ କେର୍କେଟା , ପଞ୍ଚାୟତ ସମିତି ଅଧକ୍ଷା ଜ୍ୟୋତି କେର୍କେଟା, ଉପାଧକ୍ଷା ସୁନୀତା ଅର୍ହି, କୁଆଁରମୁଣ୍ଡା ବିଡ଼ିଓ ତୃପ୍ତି ବରେଇ , ସହକାରୀ ନିର୍ବାହୀ ଯନ୍ତ୍ରୀ ଚୈତନ୍ୟ ହେମ୍ବ୍ରମ , ଏବିଡିଓ ପ୍ରଶାନ୍ତ ଜେନା, ଜିପିଇଓ ପ୍ରଫୁଲ୍ଲ କୁମାର ଦାସ, ଡବ୍ଲ୍ୟୁଇଓ ଅଭିଜିତ ପ୍ରଧାନ , ଓ.ଏଲ.ଏମ. ବି.ପିଏମ. ପ୍ରସନ୍ନ କୁମାର ମୋଦି, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା , ପୁଟ୍ରିଖମଣ ସରପଞ୍ଚ ନରେଶ ସୁରିନ, କଚାରୁ ସରପଞ୍ଚ ଖୋବା ଟପୋଙ୍କ ସହ ଅନ୍ୟମାନେ ମଞ୍ଚାସୀନ ଥିଲେ। ସେହିପରି କୁଆଁରମୁଣ୍ଡା ଫୁଟବଲ ଖେଳ ପଡ଼ିଆରେ ଅନୁଷ୍ଠିତ ଗ୍ରାମୀଣ ଫୁଟବଲ ପ୍ରତିଯୋଗିତାରେ ବିଡ଼ିଓ ତୃପ୍ତି ବରେଇ , ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର୍, ସରପଞ୍ଚ ରାଜେଶ ହାଁସଦା, ଏପିଓ ବିଷ୍ଣୁ ମୋହନ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ଧ୍ୟାରାଣୀ ବେହେରା , ଦେବବ୍ରତ ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିଛନ୍ତି।



କାଲୋସିହିରିଆରେ ଅନୁଷ୍ଠିତ ହକି ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଖେଳାଳିମାନେ।

# ସୁନ୍ଦରଗଡ଼ ଜିଲା ହକିର ଷଠି ଘର

ବଡଗାଁ,୬।୧୨(ଡି.ଏନ.ଏ.)



ଅତିଥିଙ୍କ ଗହଣରେ ଖେଳାଳି ।

- ବଡ଼ଗାଁ ବ୍ଲକରେ କ୍ରୀଡା ମହୋତ୍ସବ
- ସମସ୍ତ ପଞ୍ଚାୟତରେ ହକି ଓ ଫୁଟବଲ ପ୍ରତିଯୋଗିତା

ସୁନ୍ଦରଗଡ ଜିଲାର ବଡ଼ଗାଁ ବ୍ଲକରେ କ୍ରୀଡା ମହୋତ୍ସବ ପାଇଁ ପରିବେଶ ଉତ୍ସବମୁଖର ହୋଇପଡିଛି। ବ୍ଲକର ସମସ୍ତ ପଞ୍ଚାୟତରେ ହକି ଓ ଫୁଟବଲ ପ୍ରତିଯୋଗିତା ଆୟୋଜନ କରାଯାଇଛି । ରାଉରକେଲାରେ ହେବାକୁ ଥିବା ବିଶ୍ୱ କପ୍ ପୁରୁଷ ହକି ପାଇଁ ଜିଲାରେ କ୍ରୀଡାର ବାତାବରଣ ସୃଷ୍ଟି କରିବା ଓ ଯୁବକମାନଙ୍କ ମଧ୍ୟରେ ଖେଳ ପ୍ରତି ଉତ୍ସାହ ସୃଷ୍ଟି ଉଦ୍ଦେଶ୍ୟରେ ସରକାର ଏଭଳି ଆୟୋଜନ କରିଛନ୍ତି। ଏହାକୁ ସାକାର କରିବାକୁ ପ୍ରଶାସନ ଦାୟିତ୍ୱ ନେଇଛି । ଏହି କ୍ରମରେ ମଙ୍ଗଳବାର ବ୍ଲକ ପ୍ରଶାସନ ପକ୍ଷରୁ ଗରଗଡବାହାଲ ଗ୍ରାମର ଖେଳପଡିଆରେ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ କ୍ଷମାନିଧି ଭୋଇ, ବ୍ଲକଅଧକ୍ଷା ସୋରେଙ୍ଗ, ଲେଖକ ଛବିଳ ସେଠ, ଅଧ୍ୟାପକ ହେମନ୍ତ ପଣ୍ଡା, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ସୋନାଲି ହେସ, ଥାନା ଅଧିକାରୀ ହୃଷୀକେଶ ବେହେରା, ଜିଲା ହକି ଆସୋସିଏଶନର ସଦସ୍ୟ ଆମ୍ରିତ ଜୀବନ ଡୁଙ୍ଗଡୁଙ୍ଗ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଶିଶିର କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ଅତିଥିମାନଙ୍କୁ ଦାଣ୍ଡଜମରା ଗୌନ୍ତିଆପଡାର ସାଂସ୍କୃତିକ ଦଳର ମହିଳାମାନେ ମଞ୍ଚକୁ ପାଛୋଟି ନେଇଥିଲେ। ଆୟୋଜିତ ସଭାରେ ବ୍ଲକ ଅଧକ୍ଷା ସୋରେଙ୍ଗ ହକି ଖେଳ ପୂର୍ବାପେକ୍ଷା କମିଥିବା ଓ ୨୦୦୮ ମସିହାରୁ ଦିଲ୍ଲୀପ ତିର୍କୀଙ୍କ ଯୋଗୁ ହକି ଖେଳର ପ୍ରସାର ହୋଇ ପାରୁଥିବା କହିଥିଲେ। ଲେଖକ ସେଠ ତାଙ୍କ ବକ୍ତବ୍ୟରେ ସୁନ୍ଦରଗଡ ଜିଲା ହକିର ଷଠି ଘର ବୋଲି କହିଥିଲେ। ଏହାଛଡା ଖେଳାଳିମାନେ ଖେଳ ଉଚ୍ଚକୋଟୀର କରିବା ଦିଗରେ ମନୋନିବେଶ କରି ନିୟମିତ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ହେମନ୍ତ ପଣ୍ଡା ବିଭିନ୍ନ ଉଦାହରଣ ଦେଇ ବିଶିଷ୍ଟ ବ୍ୟକ୍ତିମାନେ ଖେଳ ଉପରେ ଦେଇଥିବା ମତ ଓ ମନ୍ତବ୍ୟ ଉପରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ସକ୍ରେଟିସ ଖେଳାଳିଙ୍କୁ ଭଲ ମଣିଷ ବୋଲି ଅଭିହିତ କରିଥିଲେ। ସେହିପରି ସନ୍ଥ କନଫୁସିଅସ ଜୀବନକୁ ଖେଳ ସହିତ ତୁଳନା କରିଥିଲେ। ଏହି ଅବସରରେ ଅଧ୍ୟାପକ ପଣ୍ଡା ଖେଳର ମହତ୍ତ୍ୱ ଉପରେ ବୁଝାଇଥିଲେ। ସମସ୍ତ ଅତିଥି ଖେଳ ଉପରେ ଆଲୋଚନା କରିବା ସହିତ ବଡଗାଁ ବ୍ଲକ ଦାଣ୍ଡଜମରା ଗିର୍ଜାପଡାର ଝିଅ ଭାରତୀୟ ମହିଳା ହକି ଟିମ୍‌ର କ୍ୟାପଟେନ ଜ୍ୟୋତି ସୁନୀତା କୁଲୁଙ୍କୁ ସ୍ମରଣ କରି ତାଙ୍କ ଭଳି ହେବାକୁ କହିଥିଲେ। ଦାଣ୍ଡଜମରା ସରପଞ୍ଚ ଗୋବର୍ଦ୍ଧନ ହାହା ମଞ୍ଚ ପରିଚାଳନା କରିଥିଲା ବେଳେ ବ୍ଲକ କର୍ମଚାରୀ ଜିତେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉଗ୍ରସେନ ବେହେରା, ସୁଧୀର କୁଲୁ, ବେର୍ଣ୍ଣାଡ ସୋରଙ୍ଗ, ଅନିଲ ବା, କାଶ୍ମୀର ବା, ଏସ. ସୋରେଙ୍ଗ ଖେଳ ପରିଚାଳନା କରିଥିଲେ। ପ୍ରଶାସନର ଅଧିକାରୀ ଓ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ । ଦାଣ୍ଡଜମରା ପଞ୍ଚାୟତରେ ହକି ପ୍ରତିଯୋଗିତା ହେଉଥିବାବେଳେ କେତେକ ପଞ୍ଚାୟତରେ ଫୁଟବଲ ପ୍ରତିଯୋଗିତା ହେଉଛି।

## ଜାଣିରଖନ୍ତୁ



**ଛେ**ଳି ଥିବା ଘରେ ତଳେ ଭାଡ଼ି ବା ବାଉଁଶ ଚାଞ୍ଚଡ଼ାର ବନ୍ଦୋବସ୍ତ କଲେ ଛେଳିମାନଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ। ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଓ ଅଧିକ ଥଣ୍ଡା ପଡୁଥିବା ଅଞ୍ଚଳରେ ଏହି ମାସ ବରସିମ୍ ଏବଂ ଓଟ୍ ଘାସ ଚାଷ କରନ୍ତୁ । ଶୀତଦିନରେ ଗାଈଙ୍କଠାରେ ଭୂତାଣୁଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ। ଉକ୍ତ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଟିକା ଦିଅନ୍ତୁ । ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଥିବା ଘରର ଜାଲି କିମ୍ବା ଝରକାରେ ବସ୍ତା ଝୁଲାନ୍ତୁ। ଫଳରେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବ ନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇବେ ।

## ଗ୍ଲାଡିଓଲସ୍ ଲଗାଇବା ସମୟରେ...

**ଗ୍ଲା**ଡିଓଲସ୍ ଦୁଇ ପତ୍ର ଅବସ୍ଥାରେ ଥିଲେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ବର୍ତ୍ତମାନ ମଧ୍ୟ ଗ୍ଲାଡିଓଲସ୍ ଲଗାଇପାରିବେ । ଲଗାଇବା ପୂର୍ବରୁ କନ୍ଦାକୁ ଶତକଡ଼ା ୦.୨ ଭାଗ କାର୍ବେଣ୍ଡାଜିମ୍‌ରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ। ଲିଲିୟମ୍‌ର କନ୍ଦା ସଂଗ୍ରହକରି ଶତକଡ଼ା ୦.୨ ଭାଗ କାର୍ବେଣ୍ଡାଜିମ୍‌ରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ବୁଡ଼ାଇ ଲଗାନ୍ତୁ । ଗୋଲାପ ଗଛରେ ଉକୁଣିଆ ଓ ଜଉପୋକ ଦମନ ପାଇଁ ୨ ମି.ଲି. ଡାଇମିଥଏଟ୍ ବା ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଗେଣ୍ଡୁ ଗଛରେ ପତ୍ରପୋଡ଼ା, କଢ଼ଶଢ଼ା, ଫୁଲଶଢ଼ା ରୋଗ ପାଇଁ କାର୍ବେଣ୍ଡାଜିମ୍ ୧ ଗ୍ରାମ୍ / ମାଙ୍କୋଜେବ୍ ୨.୫ ଗ୍ରାମ୍ /୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ନୂଆ ଗେଣ୍ଡୁର କିସମଗୁଡ଼ିକ ହେଉଛି ସିରାକୋଲ୍, ଜାଏଣ୍ଟ ଡବଲ ଆଫ୍ରିକାନ୍ ୟେଲୋ, ଜାଏଣ୍ଟ ଡବଲ ଆଫ୍ରିକାନ୍ ଅରେଞ୍ଜ୍, ବି.ଏମ୍.-୨ ଏବଂ ବି.ଏମ୍.-୩। ଚାରା ମାସକର ବା ୪୦ ଦିନ ହୋଇଥିଲେ ଅଗ୍ରମୁକୁଳ ଭାଙ୍ଗି ଦିଅନ୍ତୁ । ମୂଳସାର ଦେବାର ୧ ମାସ ପରେ କୋଡ଼ାଖୁସା କରି ହେକ୍ଟର ପ୍ରତି ୧୦୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।



## ଲେମ୍ବୁଚାଷ

**ଲେମ୍ବୁ**ରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ। ଗଛ ଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ । ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ। ୧ ମାସ ଅନ୍ତରରେ କପର ଅକ୍ସିକ୍ଲୋରାଇଡ୍ ୧ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ଏକଭାଗ ବୋର୍ଡାକ୍ସ ମିକ୍ସଚର (୫:୫:୫୦)କୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇପାରିବ। ପିଜୁଳି ଓ ଲେମ୍ବୁର ପାଣି କୁଆଁ ସବୁ କାଟି ଦିଅନ୍ତୁ।



# ଜଳବାୟୁ ପରିବର୍ତ୍ତନ ଓ ମୃତ୍ତିକା



ପ୍ର.ସୁବୋଧ କୁମାର ସାହୁ

**ଜ**ଳବାୟୁ ମୁଖ୍ୟତଃ ଉତ୍ତାପ, ବର୍ଷା ଓ ବାୟୁ ପ୍ରବାହକୁ ବୁଝାଏ । ଉକ୍ତ ୩ ଗୋଟି ଉପାଦାନର ପରିବର୍ତ୍ତନରେ ଜଳବାୟୁର ପରିବର୍ତ୍ତନ ଘଟେ । ଉତ୍ତାପ, ସୂର୍ଯ୍ୟତାପ ଓ ବାୟୁମଣ୍ଡଳର କେତେକ ବାଷ୍ପ ଦ୍ୱାରା ନିୟନ୍ତ୍ରିତ ହୁଏ । ସୂର୍ଯ୍ୟଙ୍କର ଅବସ୍ଥିତିକୁ ନେଇ ଉତ୍ତାପର ବୃଦ୍ଧି ଓ କ୍ଷୟ ଘଟେ । ସୂର୍ଯ୍ୟତାପର ବୃଦ୍ଧି ଓ କ୍ଷୟ ଦ୍ୱାରା ସୃଷ୍ଟି ଉତ୍ତାପ ପ୍ରାକୃତିକ । କିନ୍ତୁ ବାୟୁମଣ୍ଡଳର ଉତ୍ତାପ ମନୁଷ୍ୟକୃତ । ମନୁଷ୍ୟକୃତ ଉତ୍ତାପର କାରଣ ମଧ୍ୟରୁ ଜଙ୍ଗଲର ଅବକ୍ଷୟ ଏକ ମୁଖ୍ୟ କାରଣ। ଅନୈତିକ ଗଛ କଟା ଯୋଗୁ କୃତ୍ରିମ ଉତ୍ତାପ ବୃଦ୍ଧି ଘଟେ । ଭୂପୃଷ୍ଠ ବୃକ୍ଷହୀନ ହେଲେ ସବୁଜ ଗୃହ ବାଷ୍ପ ସୃଷ୍ଟି ହୁଏ । ସୂର୍ଯ୍ୟତାପ ବୃଦ୍ଧି ସହିତ ସବୁଜ ଗୃହ ବାଷ୍ପ ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି ଘଟାଏ । ଏହାଛଡ଼ା ଭୂମିର ଅବସ୍ଥିତି ଏବଂ ସଘନ ଧାନଚାଷ ସବୁଜ ଗୃହ ବାଷ୍ପ ସୃଷ୍ଟି କରିଥାଏ। ସବୁଜ ଗୃହ ବାଷ୍ପ କହିଲେ ମୁଖ୍ୟତଃ ଅଙ୍ଗାରକାମ୍ଳ ଓ ମିଥେନ ବାଷ୍ପକୁ ବୁଝାଏ । ଗଛ କଟା ଯୋଗୁ ଅଙ୍ଗାରକାମ୍ଳ ବାଷ୍ପ ଶ୍ୱେତସାର ଖାଦ୍ୟ ପାଇଁ ବ୍ୟବହୃତ ହୋଇ ନ ପାରି ବାୟୁମଣ୍ଡଳକୁ ଉତ୍ତପ୍ତ କରେ । ବାୟୁମଣ୍ଡଳର ଉତ୍ତାପ ବଢ଼ିବାର ଅନ୍ୟ କେତେକ କାରଣ ଯଥା ଯାନବାହନ ଓ କଳକାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ ବାଷ୍ପ ଦାୟୀ ।

ଉତ୍ତାପ ବୃଦ୍ଧି ଯୋଗୁ ଭୂପୃଷ୍ଠସ୍ଥ ପଥର ଖଣ୍ଡମାନ ମଧ୍ୟରେ ଥିବା ଅଣୁ ମଧ୍ୟରେ କମ୍ପନ ସୃଷ୍ଟିହୋଇ ପଥର ମଧ୍ୟରେ ଚାପ ସୃଷ୍ଟି ହୁଏ । ଏହାଦ୍ୱାରା ପଥର ଖଣ୍ଡମାନ ଭାଙ୍ଗି ବାଲି, ପଟୁ ଓ କର୍ଦ୍ଦମରେ ପରିଣତ ହୋଇ ମୃତ୍ତିକା ସୃଷ୍ଟି ହୁଏ । ଉତ୍ତାପ ବୃଦ୍ଧି ଯୋଗୁ ମାଟିର ଭୌତିକ, ରାସାୟନିକ ଓ ଜୈବିକ ଗୁଣର ପରିବର୍ତ୍ତନ ଘଟେ। ଭୌତିକ ଅବସ୍ଥା ମଧ୍ୟରୁ ମାଟିର ବୟନ, ସଂରଚନା ଓ ସାନ୍ଦ୍ରତା ମୁଖ୍ୟ । ଉତ୍ତାପ ବଢ଼ିଲେ କ୍ଷୁଦ୍ର ପଥର ଖଣ୍ଡମାନ ଭାଙ୍ଗି ବୃହତ୍, ସୂକ୍ଷ୍ମ ଏବଂ ଅତିସୂକ୍ଷ୍ମ ବାଲିରେ ପରିଣତ ହୁଏ । ପଟୁ , ଅତିସୂକ୍ଷ୍ମ କଣିକାରେ ପରିଣତ ହୋଇ କର୍ଦ୍ଦମ ସୃଷ୍ଟି ହୁଏ । ସୂର୍ଯ୍ୟତାପ ଦ୍ୱାରା ମାଟି ଶୁଖିଯାଇ ଫାଟେ । ଜୈବ ଅଂଶ ଦହନ ହୋଇ ଅଙ୍ଗାର ହୁଏ । କଳାରଙ୍ଗର ମାଟି ବାଦାମୀ ହୁଏ । ଅଧିକ ଉତ୍ତାପରେ ମାଟିରେ ଥିବା ଜୀବାଣୁଙ୍କ ଅବକ୍ଷୟ ଘଟେ ।

ବର୍ଷାକୁ କୁହାଯାଏ ଜଳବାୟୁର ଦ୍ୱିତୀୟ ଉପାଦାନ । ଏହା ବିଭିନ୍ନ ପ୍ରକାରର ହୋଇଥାଏ । ଘଣ୍ଟାକୁ ୨.୫ ମି.ମି. କିମ୍ବା ଏହାଠାରୁ କମ୍ ହେଲେ ଏହାକୁ ସ୍ୱଳ୍ପ ବର୍ଷା କୁହାଯାଏ । ଉକ୍ତ ବର୍ଷା ସ୍ୱଳ୍ପ ସମୟ ପାଇଁ ମାଟିକୁ ଓଦା ରଖେ । ଏହି ବର୍ଷା ମାଟି ପାଇଁ ଉପକାରୀ । ମାଟିରେ ଥିବା ଅଣୁଜୀବ କାର୍ଯ୍ୟକ୍ଷମ ହୁଅନ୍ତି । ଘଣ୍ଟାକୁ ୨.୫ରୁ ୧୦ ମି.ମି. ବର୍ଷାକୁ ମଧ୍ୟମ ବର୍ଷା କୁହାଯାଏ । ମଧ୍ୟମ ବର୍ଷା ମାଟି କର୍ଷଣ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରେ । ଘଣ୍ଟା ପ୍ରତି ୧୦ ରୁ ୫୦ ମି.ମି . ବର୍ଷାକୁ ଭାରି ବର୍ଷା କୁହାଯାଏ । ଉକ୍ତ ବର୍ଷାର ଟୋପାମାନ ବଡ଼ ବଡ଼ ହୋଇ ଉପର ମାଟିକୁ ସ୍ଥାନାନ୍ତରିତ କରେ । ଭୂପୃଷ୍ଠରେ ବର୍ଷାଜଳର ସ୍ରୋତ ଗଡ଼ାଣିରେ ବହି ନାଳୀମାନ ସୃଷ୍ଟିକରି ମାଟିକୁ ସ୍ଥାନାନ୍ତରିତ କରେ । ଘଣ୍ଟାକୁ ୫୦ ମି.ମି.ରୁ ଅଧିକ ବର୍ଷା ହେଲେ ଏହାକୁ ପ୍ରବଳ ବା ମୁଷଳଧାରାର ବର୍ଷା କୁହାଯାଏ। ଉକ୍ତ ବର୍ଷା ଭୂପୃଷ୍ଠ ପାଇଁ କ୍ଷତିକାରକ । ଉଭୟେ ସମତଳ ଓ ଗଡ଼ାଣି ଭୂମିରେ ପ୍ରବଳ ବେଗରେ ଜଳସ୍ରୋତ ବହି ବୃହତ୍ ନାଳୀମାନ ସୃଷ୍ଟି ହୋଇ ମାଟି କ୍ଷୟ ହୁଏ। ଏହି ବର୍ଷା ନଦୀରେ ବନ୍ୟା ସୃଷ୍ଟିକରେ । ଘଣ୍ଟାକୁ ୧୦୦ ମି.ମି.ରୁ ଅଧିକ ବର୍ଷାକୁ ବାଦଲ ଫଟା ବର୍ଷା କୁହାଯାଏ । ବାଦଲ ଫଟା ବର୍ଷା ମୁଖ୍ୟତଃ ସମତଳ ଅଞ୍ଚଳ ଅପେକ୍ଷା ପାର୍ବତ୍ୟାଞ୍ଚଳରେ ଅଧିକ ହୁଏ । ଆକାଶରେ ଭାସମାନ ବାଦଲ ଏକତ୍ରିତ ହୋଇ ହଠାତ୍ ଥଣ୍ଡା ହେଲେ ପ୍ରବଳ ବର୍ଷା ଆକାରରେ ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ବର୍ଷେ । ଉକ୍ତ ବର୍ଷା ବିପଜ୍ଜନକ। ଏହି ବର୍ଷା ଦ୍ୱାରା ଭୂସ୍ଖଳନ ହୋଇ ବଡ଼ ବଡ଼ ପଥର ଖଣ୍ଡମାନ ସ୍ଥାନାନ୍ତରିତ ହୁଏ । ନଦୀ ବନ୍ଧ ଭାଙ୍ଗି ପ୍ରବଳ ବନ୍ୟା ସୃଷ୍ଟି ହୁଏ । ମାଟି ଧୋଇ ବୃହତ୍ ନଦୀ ଓ ସମୁଦ୍ର ଗର୍ଭକୁ ବହିଯାଏ । ବହୁ ଧନଜୀବନ ନଷ୍ଟ ହୁଏ । ବର୍ଷା ସହ ବାତ୍ୟା ହେଲେ ସମୁଦ୍ରରୁ ଉଚ୍ଚ ଜୁଆର ଭୂଭାଗକୁ ମାଡ଼ି ଆସି ସମୁଦ୍ର ନିକଟବର୍ତ୍ତୀ ଚାଷଜମିର ମଧୁରମାଟିକୁ ଲୁଣା କରିଦିଏ । ଲୁଣା ମାଟି ଚାଷପାଇଁ ଅନୁପଯୁକ୍ତ ।

ବାୟୁ ପ୍ରବାହ ମୃତ୍ତିକା ସୃଷ୍ଟି ଓ କ୍ଷୟର ତୃତୀୟ କାରଣ । ନିର୍ଦ୍ଦିଷ୍ଟ ଏକ ସ୍ଥାନର ବାୟୁ ଉତ୍ତପ୍ତ ହେଲେ, ସେ ସ୍ଥାନରେ ଲଘୁଚାପ ସୃଷ୍ଟି ହୁଏ । ଗୁରୁଚାପ ସ୍ଥାନର ବାୟୁ ଲଘୁଚାପ ଅଞ୍ଚଳକୁ ଦ୍ରୁତବେଗରେ ପ୍ରବାହିତ ହୁଏ। ଏହାଦ୍ୱାରା ଭୂପୃଷ୍ଠସ୍ଥ ମାଟି ତଥା ଧୂଳିକଣା ଆଦି ଦୂର ସ୍ଥାନକୁ ସ୍ଥାନାନ୍ତରିତ ହୁଏ । ଘଣ୍ଟା ପ୍ରତି ବାୟୁର ବେଗ ୧୦ ରୁ ୧୫ କି.ମି. ହେଲେ ଏହାକୁ ଧୀର ବାୟୁ ପ୍ରବାହ କୁହାଯାଏ। ମାଟି ଶୁଷ୍କ ଥିଲେ ଉକ୍ତ ପବନରେ ଅତି ସୂକ୍ଷ୍ମ ମାଟି ଯଥା କର୍ଦ୍ଦମ ଓ ପଟୁ ସ୍ଥାନାନ୍ତରିତ ହୁଏ । ପବନର ବେଗ ଘଣ୍ଟା ପ୍ରତି ୨୦ ରୁ ୨୫ କି.ମି .ହେଲେ ଏହାକୁ ବାୟୁର ମଧ୍ୟମ ପ୍ରବାହ କୁହାଯାଏ। ଉକ୍ତ ବାୟୁ ପ୍ରବାହ ଦ୍ୱାରା ଶୁଷ୍କ ଜମିର କର୍ଦ୍ଦମ ଓ ପଟୁ ସହ ସୂକ୍ଷ୍ମ ବାଲି ଅର୍ଥାତ୍ ୦.୫ ରୁ ୧ ମି.ମି. ବ୍ୟାସ ବିଶିଷ୍ଟ ମାଟି ସ୍ଥାନାନ୍ତରିତ ହୁଏ । ବାୟୁର ବେଗ ଘଣ୍ଟା ପ୍ରତି ୩୦ ରୁ ୪୫ କି.ମି. ହେଲେ ଏହାକୁ ଦ୍ରୁତ ବାୟୁ ପ୍ରବାହ କୁହାଯାଏ । ଉକ୍ତ ବାୟୁ ପ୍ରବାହ ଦ୍ୱାରା ୧.୦ ରୁ ୨ ମି.ମି. ବ୍ୟାସ ବିଶିଷ୍ଟ ବାଲି ସହ ସୂକ୍ଷ୍ମ ବାଲି, ପଟୁ ଏବଂ କର୍ଦ୍ଦମ ସ୍ଥାନାନ୍ତରିତ ହୁଏ । ବାୟୁର ବେଗ ଘଣ୍ଟା ପ୍ରତି ୫୦ ରୁ ୭୫ କି.ମି. ହେଲେ ବାୟୁ ପ୍ରବାହ ପ୍ରଚଣ୍ଡ ହୁଏ । ଏହାଦ୍ୱାରା ବଡ଼ ବଡ଼ ବାଲୁକା ଖଣ୍ଡ ଅର୍ଥାତ୍ ୨.୦ ମି.ମି.ରୁ ଅଧିକ ବ୍ୟାସ ବିଶିଷ୍ଟ ବାଲି ଏବଂ କ୍ଷୁଦ୍ର ପଥର ଖଣ୍ଡମାନ ଶୁଷ୍କ ଭୂମିରୁ ସ୍ଥାନାନ୍ତରିତ ହୁଏ । ଏହାଦ୍ୱାରା ଏକ ସ୍ଥାନର ମାଟି କ୍ଷୟ ହେବାସହ ଅନ୍ୟ ଏକ ସ୍ଥାନରେ ମାଟିର ସ୍ତୂପ ସୃଷ୍ଟି ହୁଏ । ବିଶେଷକରି ମରୁଭୂମିରେ ବାଲିର ପାହାଡ଼ମାନ ସୃଷ୍ଟି ହୋଇଥାଏ । ଅନ୍ୟପକ୍ଷରେ ବଡ଼ ମୋଟା ବାଲିଖଣ୍ଡମାନ ପଥରରେ ପିଟିହୋଇ ପଥରକୁ ଭାଙ୍ଗି ନୂଆ ମାଟି ସୃଷ୍ଟିକରେ । କିନ୍ତୁ ପବନ ସହ ବର୍ଷା ହୋଇ ଶୁଷ୍କମାଟି ଓଦା ହେଲେ ମାଟି ପବନ ଦ୍ୱାରା ସ୍ଥାନାନ୍ତରିତ ହେବାରେ ବାଧା ସୃଷ୍ଟି ହୁଏ । ମୃତ୍ତିକା ସୃଷ୍ଟି ଓ କ୍ଷୟ ଜଳବାୟୁ ପରିବର୍ତ୍ତନ ସହ ଓତପ୍ରୋତ ଭାବେ ଜଡ଼ିତ । ବୈଜ୍ଞାନିକ ଉପାୟରେ ଜଳବାୟୁ ପରିବର୍ତ୍ତନକୁ କିଛିଟା ରୋକାଯାଇପାରିବ ।

-ଶୈଳଶ୍ରୀବିହାର
ମୋ : ୯୫୫୬୨୬୬୦୮୫

## ଡାଲିଜାତୀୟ ମଞ୍ଜି ବିଶୋଧନ



**ଡା**ଲିଜାତୀୟ ଫସଲ ଓ ଚିନାବାଦାମରେ ୨୫ କି.ଗ୍ରା. ବିହନ ପ୍ରତି ୧୦ ଗ୍ରାମ୍ ସୋଡିୟମ୍ ମଲିବ୍‌ଡେଟ୍ ଏବଂ ୧ ଗ୍ରାମ୍ କୋବାଲ୍‌ଟସ୍ କ୍ଲୋରାଇଡ୍ ପାଣିରେ ଦ୍ରବୀଭୂତ କରି ଏହା ସହ ରାଇଜୋବିୟମ କଲ୍‌ଚର ୫୦୦ ଗ୍ରାମ୍‌ରୁ ୧ କି.ଗ୍ରା. ମିଶାଇ ମଞ୍ଜି ଉପଚାରକରି ଛାଇରେ ଶୁଖାଇ ୧ ଘଣ୍ଟା ପରେ ଉପରବେଳା ମଞ୍ଜି ବୁଣିଲେ ଭଲ । ୧ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । କଲ୍‌ଚର ପ୍ରୟୋଗର ୧ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ। ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ି ବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷକରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗ କଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ୧ମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍-ପି-କେ (୧୯-୧୯-୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବା ଆଶଙ୍କା ଅଛି। ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମିଲି ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍ କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଟିଡ ଗୁଣ୍ଡ କିମ୍ବା ୧ ମିଲି ପ୍ରୋପିକୋନା ଜୋଲ ମିଶାଇ ସିଞ୍ଚନ କରନ୍ତୁ ।

## ଅଳ୍ପରେ...



➤କପାଚାଷ କରିଥିଲେ ବକରା ଫାଟିବାର ୪୦ ଦିନ ମଧ୍ୟରେ ୪ ରୁ ୫ ଥର ଅମଳ କରନ୍ତୁ । କାକର ପଡୁଥିଲେ ଦିନ ୧୦ଟା ପରେ ଅମଳ କରନ୍ତୁ । ଅମଳ କରି ପ୍ରଥମ ତୋଳା, ପରବର୍ତ୍ତୀ ତୋଳାଗୁଡ଼ିକୁ ଅଲଗା ଅଲଗା ଶୁଖାଇ ବସ୍ତାରେ ରଖନ୍ତୁ ।

➤ମାଣ୍ଡିଆ କିଆରିରେ ଠିଆପାଣି ରଖନ୍ତୁ ନାହିଁ । ଫସଲରେ ମହିଷା ରୋଗ ଦେଖାଦେଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ ଟ୍ରାଇ ସାଇକ୍ଲାଜୋଲ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

➤ଆଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩-୪ ଥର ଛାଡ଼ନ୍ତୁ ।

➤ମାଛଚାଷ କରୁଥିଲେ ଏକ ହେକ୍ଟର ପୋଖରୀ ପାଇଁ କଞ୍ଚା ଗୋବର ୭୫୦ କିଲୋଗ୍ରାମ୍ ଓ ରାସାୟନିକ ସାର (ସିଏଏନ୍ ୧୦ କି.ଗ୍ରା. ଏବଂ ଏସ୍ଏସ୍‌ପି ୩ କି.ଗ୍ରା.)କୁ ୩-୪ ଥରରେ ପ୍ରୟୋଗ କରନ୍ତୁ । ପ୍ରତ୍ୟେକ ଦିନ ହେକ୍ଟର ପିଛା କୃତ୍ରିମ ଖାଦ୍ୟ ଦିନକୁ ୫ କିଲୋଗ୍ରାମ୍ ହିସାବରେ ମାଛମାନଙ୍କୁ ଦିଅନ୍ତୁ ।

➤ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ୧ମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍-ପି-କେ (୧୯-୧୯-୧୯) ସାର ସିଞ୍ଚନ କରନ୍ତୁ ।

# ଜୈବିକ ପଦ୍ଧତିରେ ପିଆଜଚାଷ



ମାନସ ରଞ୍ଜନ ପଟ୍ଟନାୟକ

**ଆମ** ରାଜ୍ୟ ଏକ କୃଷି ପ୍ରଧାନ ରାଜ୍ୟ। ଏହାର ପ୍ରାୟତଃ ୭୦-୭୧ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରକରି ଚଳିଆସୁଛନ୍ତି। ଯଦିଓ ଆମ ରାଜ୍ୟର ଧାନ ମୁଖ୍ୟ ଫସଲ, ହେଲେ ପନିପରିବା, ମସଲା ଜାତୀୟ ଫସଲ, ଫଳଚାଷ ଏବଂ ଔଷଧୀୟ ବୃକ୍ଷ ମଧ୍ୟ କିଛି ଚାଷ ହେଉଛି। କିନ୍ତୁ ଆଜିର ଜଳବାୟୁ ପରିବର୍ତ୍ତନ ସହ ବାତ୍ୟା, ମରୁଡ଼ି ସ୍ଥିତି ପାଇଁ ଆମ ରାଜ୍ୟ ଯେତିକି ଉତ୍ପାଦନ କରିବା କଥା, ସେତିକି କରିପାରୁନାହିଁ। ଏହି ମସଲା ଫସଲ ମଧ୍ୟରେ ପିଆଜ ଅନ୍ୟତମ। ଏହା ଏକ ଅର୍ଥକରୀ ମସଲା ଫସଲ କହିଲେ ଅତ୍ୟୁକ୍ତି ହେବ ନାହିଁ। ପିଆଜର ଚାହିଦା ଆମ ରାଜ୍ୟ ତଥା ଦେଶରେ ବର୍ଷସାରା ରହିଥାଏ। ଏହାକୁ କଞ୍ଚାରେ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ସମସ୍ତେ ତଥା ସାଲାଡ୍ ରୂପେ ବ୍ୟବହାର କରିଥାଆନ୍ତି।

**ଜଳବାୟୁ** : ଆମ ରାଜ୍ୟରେ ପିଆଜ ଶୀତଋତୁରେ ଚାଷ କରାଯାଏ । ବର୍ଷାଦିନେ ମଧ୍ୟ ଏହାକୁ ଚାଷ କରାଯାଇପାରିବ। ୧ ଏକର ପିଆଜ ଚାଷ ଲାଗି ୪-୫ କି.ଗ୍ରା. ବିହନର ଆବଶ୍ୟକତା ପଡ଼ିଥାଏ। ପିଆଜ ଲଗାଇବା ପୂର୍ବରୁ ୧ କି.ଗ୍ରା. ବିହନ ସହ ୫ ଗ୍ରାମ ଟ୍ରାଇକୋଡର୍ମାଭିରିଡ ମିଶାଇ ବିଶୋଧନ କରନ୍ତୁ।

**ମୃତ୍ତିକା** : ନିଗିଡ଼ା, ଦୋରସା, ଉର୍ବର, ବାଲି ଦୋରସା ମାଟିରେ ପିଆଜ ଚାଷ ଭଲ ହୋଇଥାଏ। ଏହି ମାଟିର ପି.ଏଚ୍. ୫.୮ରୁ ୬.୫ ଥିବା ଦରକାର। ଏହାକୁ ରାସାୟନିକ କ୍ଷେତଠାରୁ ୨୫-୫୦ଫୁଟ ଦୂରରେ କରିବା ଉଚିତ।

**ଉନ୍ନତ କିସମ** : ସାଧାରଣତଃ ପିଆଜ ତିନୋଟି ରଙ୍ଗରେ ଦେଖିବାକୁ ମିଳିଥାଏ। ସେଗୁଡ଼ିକ ହେଲା-ଧଳା, ହଳଦୀ ଏବଂ ନାଲି। ଧଳା ରଙ୍ଗର ପିଆଜର ଉନ୍ନତ କିମସଗୁଡ଼ିକ ମଧ୍ୟରେ ରହିଛି-ପୁଷା ହ୍ୱାଇଟ୍ ରାଉଣ୍ଡ, ପାଟଣା ହ୍ୱାଇଟ୍, ପୁଷା ହ୍ୱାଇଟ୍ ଏବଂ ପୁଷା ମାଧବୀ। ହଳଦୀ ରଙ୍ଗର ପିଆଜ ଲଗାଉଥିଲେ ତାହାର ଉନ୍ନତ କିସମଗୁଡ଼ିକ ହେଉଛି- ଆର୍ଲି ଗ୍ରାନୋ ଏବଂ ଆର୍କା ପୀତାମ୍ବର। ଅନ୍ୟପକ୍ଷରେ ନାଲି ରଙ୍ଗର ପିଆର ଉନ୍ନତ କିସମଗୁଡ଼ିକ ହେଲା- ଆର୍କା ନିକେତନ, ପୁଷାରେଡ୍, ଆଗ୍ରିଫାଉଣ୍ଡ ଲାଇଟ୍ ରେଡ୍ ଏବଂ ଆର୍କା ପୀତାମ୍ବର।

**ପିଆଜ ଲଗାଇବା ସମୟରେ** : ପିଆଜ ଲଗାଇବା ପୂର୍ବରୁ ମାଟିକୁ ପ୍ରଥମେ ସୂର୍ଯ୍ୟକିରଣରେ ଭଲ ଭାବରେ ବିଶୋଧନ କରନ୍ତୁ। ପିଆଜ ଲଗାଇବାର ୫୦-୬୦ଦିନ ପୂର୍ବରୁ ୩ ମିଟର ଲମ୍ବ, ୧ ମିଟର ଓସାର ଏବଂ ୧୫ସେମି ଉଚ୍ଚାର ତଳିଘରା କରାଯାଏ। ପ୍ରତି ବର୍ଗମିଟର ତଳିଘରା ପାଇଁ ୫ କି.ଗ୍ରା. ସଢ଼ା କମ୍ପୋଷ୍ଟ କିମ୍ବା ଜିଆଖତ ଏବଂ ୨୫୦ ଗ୍ରାମ ନିମ୍ବ ପିଡ଼ିଆ ମିଶାଯାଏ। ଏଥିସହିତ ୧୦ ଗ୍ରାମ ଟ୍ରାଇକୋଡର୍ମା ଭିରିଡି କମ୍ପୋଷ୍ଟ ଗୋଳାଇ ମଧ୍ୟ ପ୍ରୟୋଗ କରିବା ଆବଶ୍ୟକ। ପିଆଜ ବିହନକୁ ୪-୫ ସେ.ମି. ବ୍ୟବଧାନରେ ଗାର ଟାଣି ୨ ସେ.ମି . ଗଭୀରରେ ମଞ୍ଜି ପକାଇ ଘୋଡ଼ାଯାଏ। ସାଧାରଣତଃ ନଭେମ୍ବର ଶେଷ ସପ୍ତାହରେ ପିଆଜ ଚାଷ କଲେ ଉତ୍କୃଷ୍ଟ ପିଆଜ ଅମଳ ହୋଇପାରିବ।

**ଲଗାଇବା ପ୍ରଣାଳୀ** : ମୁଖ୍ୟ ଜମିରେ ରୋପଣର ୪୦-୪୫ ଦିନ ପୂର୍ବରୁ ହଳ ସମୟରେ ଏକର ପ୍ରତି ୨୦୦ କି.ଗ୍ରା. ନିମ୍ବ, କରଞ୍ଜ କିମ୍ବା ସୋରିଷ ପିଡ଼ିଆ, ରକ୍ ଫସ୍‌ଫେଟ୍ ୧୨୦ କି.ଗ୍ରା., କାଠବାଉଁଶ ୪୦ କିଗ୍ରା ଏବଂ ଅମ୍ଳ ମାଟିରେ ୧୦୦ କି.ଗ୍ରା. ଜିପ୍‌ସମକୁ ଜମି ପ୍ରସ୍ତୁତି ବେଳେ ମାଟିରେ ମିଶାଇ ଦିଅନ୍ତୁ। ତା'ପରେ ୨୦ କି.ଗ୍ରା. ଛଣି ବିହନ (ଏକ ସବୁଜ ସାର) ବୁଣନ୍ତୁ। ଏହି ସମୟରେ ଜମିକୁ ପଟାଳି କରି ଧାଡ଼ିକୁ ଧାଡ଼ି ୧୫ସେ.ମି. ଏବଂ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ କୃଷ୍ଣ ପକ୍ଷରେ ରୋପଣ କରିବା ଉଚିତ। ପିଆଜ ଚାରା ରୋପଣ ପୂର୍ବରୁ ଗୋଟିଏ ଟ୍ରେରେ ୧୦ଲିଟର ପାଣି ନେଇ ୧୦ କି.ଗ୍ରା. ଲେଖାଏଁ ଆଜିଟୋବେକ୍ଟର ଏବଂ ଫସ୍‌ପୋକଲଚର ମିଶାଇ ଚାରାର ଚେରକୁ ୩୦ ମିନିଟ୍ ବୁଡ଼ାଯାଏ।



**ଖତସାର ପ୍ରଣାଳୀ** : ପିଆଜଚାଷ ପାଇଁ ଜମି ପ୍ରସ୍ତୁତି ସମୟରେ ୬.୮ ଟନ୍ ଶଢ଼ା କମ୍ପୋଷ୍ଟ, ୧୨୦ କି.ଗ୍ରା. ରକ୍ ଫସ୍‌ଫେଟ୍ ଏବଂ ୨ କୁଇଣ୍ଟାଲ ନିମ୍ବ ପିଡ଼ିଆ ଦିଆଯାଏ। ପିଆଜ ଚାରା ଲଗାଇବା ସମୟରେ ଏକର ପ୍ରତି ୩ କି.ଗ୍ରା. ଲେଖାଏଁ ଆଜିଟୋବେକ୍ଟର ଏବଂ ଫସ୍‌ପୋ କଲଚର କମ୍ପୋଷ୍ଟ ସହିତ ମିଶାଇ (ପ୍ରୟୋଗର ୪୮ ଘଣ୍ଟା ପୂର୍ବରୁ ଗୋଳାହେବ) ମାଟିରେ ଦିଆହେବ। କୋଡ଼ାଖୋସା ସମୟରେ ୧ କୁଇଣ୍ଟାଲ ଜିଆଖତ ବା ରାଳି ମିଲ୍/ଷ୍ଟେରାମିଲ୍ ଦିଆଯାଇପାରିବ। ଚାଷୀଭାଇମାନେ ସବୁବେଳେ ଜୈବିକ ଚାଷ କରିବା ପୂର୍ବରୁ ରାସାୟନିକ କ୍ଷେତଠାରୁ ୨୫-୫୦ ଫୁଟ ଦୂରରେ ଲଗାଇବା ଉଚିତ।

**ରୋଗପୋକ ପରିଚାଳନା**

**ମୂଳଶଢ଼ା ରୋଗ** : ତଳିଘରା ପ୍ରତିବର୍ଷ ବଦଳାନ୍ତୁ। ମାଟି ଓ ବିହନକୁ ଟ୍ରାଇକୋର୍ଡମାଭିରିଡି ଦ୍ୱାରା ବିଶୋଧନ କରନ୍ତୁ।

**ଉକୁଣି ପୋକ (ଥ୍ରିପ୍‌ସ୍)** : ପୋକ ସହଣୀ ଶକ୍ତି କିସମ ପଷାରତ୍ନାର ବ୍ୟବହାର କରାଯାଏ। ପିଆଜକୁ ସଅଳ ଲଗାନ୍ତୁ। ନିମ୍ବଜାତ କୀଟନାଶକ (୩.୫ ମିଲି/୧ ଲିଟର ପାଣିରେ), ସାମ୍ପୋ କିମ୍ବା ଆସ୍କାଫଟି (୧ ମି.ଲି. ପାଣିରେ/୩ ଲିଟର) ପାଣିରେ ସ୍ପ୍ରେ କରାଯାଇପାରିବ।

**ଅମଳ** : ପିଆଜର କିସମ ଅନୁସାରେ ୯୦-୧୫୦ ଦିନରେ ଅମଳ କରାଯାଇପାରିବ। ପିଆଜ ଗଛର ଅଧାପତ୍ର ଶୁଖିବାର ୭ ଦିନରେ ଅମଳ କରାଯାଇପାରିବ। ଅମଳର ୧୫ଦିନ ପୂର୍ବରୁ ଜଳସେଚନ ବନ୍ଦ କରନ୍ତୁ। ଗଛକୁ ଉପାଡ଼ି ଜମିରେ ୨-୩ ଦିନ ଯାଏ ଧାଡ଼ି ଧାଡ଼ି କରି ରଖାଯାଏ, ଯେପରି ପିଆଜ ଖରାକୁ ଦେଖାନ ଯିବ। ପରେ ୭ଦିନ ଛାଇରେ ରଖି ଗଛ କଟାଯାଏ। ଏକର ପ୍ରତି ୮୦-୧୫୦ କୁଇଣ୍ଟାଲ ପିଆଜ ଅମଳ ମିଳିପାରିବ।

-ପ୍ରିନ୍ସିପାଲ, ଆଗ୍ରୋଟେକ୍ ପଲିଟେକନିକ୍ ସେଣ୍ଟର, ଓୟୁଏଟି, ବୌଦ୍ଧ
ମୋ : ୯୪୩୭୬୩୮୦୦୪

**ଖସୁଛି ଶେୟାର ବଜାର କାରବାର**

**ନୂଆଦିଲ୍ଲୀ:** ଭାରତୀୟ ଶେୟାର ମାର୍କେଟରେ କ୍ରମାଗତ ୩ୟ ଦିନ ଲାଗି ମାନ୍ଦାବସ୍ଥା ଜାରି ରହିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ମଧ୍ୟ ନିବେଶକଙ୍କ ମନରେ ଆଶଙ୍କା ସୃଷ୍ଟି କରିଛି। ମଙ୍ଗଳବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୨୦୮(୨୦୮.୨୪) ପଏଣ୍ଟ ଖସି ୬୨,୬୨୬ (୬୨,୬୨୬.୩୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୫୮ (୫୮.୩୦) ପଏଣ୍ଟ ହ୍ରାସ ଘଟି ୧୮,୬୪୩ (୧୮,୬୪୨.୭୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# 'ଭାରତ ଡ୍ରୋନ୍ ଟେକ୍ନୋଲୋଜିର କେନ୍ଦ୍ର ହେବ'

**ନୂଆଦିଲ୍ଲୀ,୬।୧୨**

ଭାରତ ଡ୍ରୋନ୍ ଟେକ୍ନୋଲୋଜିର ଏକ ବୃହତ୍ କେନ୍ଦ୍ରରେ ପରିଣତ ହେବ ଏବଂ ଆସନ୍ତା ବର୍ଷ ଶେଷ ସୁଦ୍ଧା ଭାରତକୁ ଅତି କମ୍‌ରେ ୧ ଲକ୍ଷ ଡ୍ରୋନ୍ ପାଇଲଟ୍‌ଙ୍କର ଆବଶ୍ୟକତା ପଡ଼ିବ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂହ ଠାକୁର ମଙ୍ଗଳବାର ଚେନ୍ନାଇଠାରେ 'ଡ୍ରୋନ୍ ଯାତ୍ରା ୨.୦' କୁ ଉଦ୍‌ଘାଟନ କରି ଏହା କହିଛନ୍ତି। ସେହିଭଳି ଉଦ୍‌ଘାଟନୀ ସମାବେଶକୁ ସମ୍ବୋଧିତ କରି ମନ୍ତ୍ରୀ କହିଥିଲେ , ଟେକ୍ନୋଲୋଜି ପ୍ରକୃତରେ ଦ୍ରୁତଗତିରେ ବିଶ୍ୱକୁ ପରିବର୍ତ୍ତନ କରିବାରେ ଲାଗିଛି ଏବଂ ଏହା ପୂର୍ବ ଅପେକ୍ଷା ବର୍ତ୍ତମାନ ଅଧିକ ପ୍ରାସଙ୍ଗିକ ମଧ୍ୟ ହୋଇପଡିଛି। କାରଣ ଏହାର ପ୍ରୟୋଗ ପୃଥିବୀର ଅନେକ ଜଟିଳ ସମସ୍ୟାର ସମାଧାନ କରୁଛି ବୋଲି ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଛନ୍ତି। ସେହିପରି ସେ କହିଥିଲେ, ଏକ ବିଲିୟନରୁ ଅଧିକ ଲୋକ ବସବାସ କରୁଥିବା ଦେଶ ଭାବେ ଭାରତ ଆଗରେ ରହିବା ପାଇଁ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ତା'ର ଲାଭ ଉଠାଉଛି। ଏପରିକି ଭାରତରେ ଡ୍ରୋନ୍ ଟେକ୍ନୋଲୋଜି କ୍ଷେତ୍ରରେ ହେଉଥିବା ଅଗ୍ରଗତି ବିଷୟରେ ମଧ୍ୟ ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ବିଶେଷକରି ବିଟିଂ ରିଟ୍ରିଟ୍ ସମୟରେ ଆଇଆଇଟିର ପୂର୍ବତନ ଛାତ୍ରମାନଙ୍କ ନେତୃତ୍ୱରେ ଭାରତୀୟ ଷ୍ଟାର୍ଟ-ଅପ୍ 'ବ୍ଲୋଟ୍ୟାବ୍ ଡାଇନାମିକ୍ସ' ଦ୍ୱାରା ଭାରତରେ ପ୍ରସ୍ତୁତ ୧୦୦୦ ଡ୍ରୋନ୍‌ର ଚମତ୍କାର ପ୍ରଦର୍ଶନ ଦ୍ୱାରା ସମଗ୍ର ଦେଶ ଆଶ୍ଚର୍ଯ୍ୟଚକିତ ହୋଇଥିଲା। ସ୍ୱାମିତ୍ୱ ଯୋଜନାର ଏକ ଅଂଶ ଭାବରେ ଗ୍ରାମଗୁଡିକରେ ଡ୍ରୋନ୍ ମାଧ୍ୟମରେ ଜମି ଏବଂ ଘର ଉପରେ ସର୍ଭେ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଛନ୍ତି। ଗ୍ରାମାଞ୍ଚଳର ଜମିରେ କୀଟନାଶକ ଏବଂ ନାନୋ ସାର ସିଞ୍ଚନ ପାଇଁ ଡ୍ରୋନ୍‌କୁ ବହୁଳ ଭାବେ ବ୍ୟବହାର କରାଯାଉଛି। ସେ କହିଛନ୍ତି, ନିକଟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ (ଏମ୍‌ଓସିଏ) ଏବଂ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଭାରତର ୨୦୨୧ର କ୍ରିକେଟ୍ ସିଜନରେ ଆକାଶ ମାର୍ଗରୁ ସିଧା ପ୍ରସାରଣ ଲାଗି ସିନେମାଟୋଗ୍ରାଫି ନିମନ୍ତେ ଡ୍ରୋନ୍ ନିୟୋଜନ ପାଇଁ କ୍ରିକେଟ୍ ବୋର୍ଡ ଅଫ୍ ଇଣ୍ଡିଆ (ବିସିସିଆଇ)କୁ ସର୍ତ୍ତମୂଳକ ରିହାତି ପ୍ରଦାନ କରିଥିଲେ। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଥିବା କିଷାନ ଡ୍ରୋନ୍ ଯାତ୍ରାର ଏକ ଅଂଶ ଭାବେ କୀଟନାଶକ ସିଞ୍ଚନ କରିବା ପାଇଁ ୧୦୦ଟି କିଷାନ ଡ୍ରୋନ୍ ଦେଶର ବିଭିନ୍ନ ଗ୍ରାମକୁ ପଠାଯାଇଥିଲା ବୋଲି ସେ କହିଛନ୍ତି। ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ମନ୍ତବ୍ୟକୁ ଉଦ୍ଧୃତ କରି କହିଛନ୍ତି, ବର୍ତ୍ତମାନ ଏହି ଦିଗରେ କିଷାନ ଡ୍ରୋନ୍ ଏକ ନୂତନ ଯୁଗର ବିପ୍ଳବର ଶୁଭାରମ୍ଭ କରିଛନ୍ତି। ଭାରତର ବୃହତ୍ତମ ଡ୍ରୋନ୍ ଉତ୍ପାଦନ ସଂସ୍ଥା ଗରୁଡ଼ ଏରୋସ୍ପେସ୍ ଦ୍ୱାରା କରାଯାଇଥିବା ମହାନ୍ ପ୍ରୟାସକୁ ସେ ପ୍ରଶଂସା କରିଥିଲେ।


କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ମଙ୍ଗଳବାର ଚେନ୍ନାଇଠାରେ ଡ୍ରୋନ୍ ଯାତ୍ରା-୨.୦କୁ ଉଦ୍‌ଘାଟନ କରୁଛନ୍ତି।

## 'ଉତ୍ତମ ପ୍ରଦର୍ଶନକୁ ପୁନର୍ବାର ଦୋହରାଇବାକୁ ଆହ୍ୱାନ'

**ଭୁବନେଶ୍ୱର,୬।୧୨:** କାନାରା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ଅଧୀନ ଇଏଲ୍‌ବି, ଭିଏଲ୍‌ବି, ରିଟେଲ୍ ଆସେଟ୍ ହବ୍, ଏଲ୍‌ସିବି, ଏଆର୍‌ଏମ୍ ଓ ୫ଟି କ୍ଷେତ୍ରୀୟ କାର୍ଯ୍ୟାଳୟରେ ଆୟୋଜିତ ବ୍ୟବସାୟିକ ସମୀକ୍ଷା ବୈଠକରେ କାନାରା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବାଶିଷ ମୁଖାର୍ଜୀ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ପ୍ରତିଷ୍ଠାତା ଅମ୍ମେମ୍ବଲ ସୁବା ରାଓ ପାଇଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ବ୍ୟାଙ୍କର ଅଞ୍ଚଳ ମୁଖ୍ୟ ବି.ଏଲ୍. ମିନା ଦେବାଶିଷ ମୁଖାର୍ଜୀଙ୍କୁ ସ୍ୱାଗତ ଜଣାଇବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ। ଏପରିକି ଉକ୍ତ ସମୀକ୍ଷା ବୈଠକ ଅବସରରେ ମୁଖାର୍ଜୀ ବ୍ୟାଙ୍କର ବ୍ୟବସାୟିକ ଗୁଣବତ୍ତା ବୃଦ୍ଧି ନିମନ୍ତେ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ। ୨୦୨୦ ସେପ୍ଟେମ୍ବରର ଉତ୍ତମ ପ୍ରଦର୍ଶନକୁ ପୁନର୍ବାର ଦୋହରାଇବା ସହ ଶ୍ରେଷ୍ଠ ଯୋଗଦାନ ଦେବା ଉପରେ ସେ ବେଶ୍ ଗୁରୁତ୍ୱାରୋପ କରିଥିଲେ। ଅପରପକ୍ଷରେ ଉଭୟ ମୁଖାର୍ଜୀ ଓ ମୀନା ଏଚ୍‌ଏନ୍‌ଆଇ ଗ୍ରାହକଙ୍କ ସହ ଭାବ ଆଦାନପ୍ରଦାନ କରିବା ସହିତ କାନ୍ ଅଦାଲତରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ବ୍ୟାଙ୍କ ଅଫ୍ ଦି ଇୟର ଇଣ୍ଡିଆ ପୁରସ୍କାର ପ୍ରାପ୍ତ କରିଥିବା ମୁଖାର୍ଜୀଙ୍କୁ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ସହାୟକ ମହାପ୍ରବନ୍ଧକ ପ୍ରକାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ, କାନାରା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବାଶିଷ ମୁଖାର୍ଜୀ ନିକଟରେ ଭୁବନେଶ୍ୱର ଗସ୍ତରେ ଆସିଥିଲେ।

## ପୂର୍ବତଟ ରେଳପଥ ପକ୍ଷରୁ ମହାପରିନିର୍ବାଣ ଦିବସ ପାଳିତ




**ଭୁବନେଶ୍ୱର,୬।୧୨:** ପୂର୍ବତଟ ରେଳପଥ ପକ୍ଷରୁ ସମ୍ବିଧାନର ପ୍ରଣେତା ଭାରତରତ୍ନ ଡ. ବି.ଆର୍. ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରୂପନାରାୟଣ ସୁନକରଙ୍କ ନେତୃତ୍ୱରେ ରେଳପଥର ପ୍ରମୁଖ ବିଭାଗୀୟ ଅଧିକାରୀମାନଙ୍କ ସହ ଅନ୍ୟ କର୍ମଚାରୀମାନେ ମଧ୍ୟ ଡ. ବି.ଆର୍. ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଉକ୍ତ ସମାରୋହରେ ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ, ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ରେଳପଥର ମୁଖ୍ୟ କାର୍ମିକ ଅଧିକାରୀ (ପ୍ରଶାସନ) ଏଲ୍‌ଭିଏସ୍‌ଏସ୍ ପାତ୍ରୁଡୁ ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ମହାପରିନିର୍ବାଣ ଦିବସ ମଧ୍ୟ ପୂର୍ବତଟ ରେଳପଥର ସମସ୍ତ ରେଳମଣ୍ଡଳ ଯଥା ୱାଲଟିୟର, ସମ୍ବଲପୁର ଓ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳଗୁଡ଼ିକ ସହ ଅନ୍ୟାନ୍ୟ ରେଳବାଇ କାର୍ଯ୍ୟାଳୟ ଓ ଷ୍ଟେଶନଗୁଡ଼ିକରେ ପାଳିତ ହୋଇଯାଇଛି।

## 'ଏସ୍‌ଏଚ୍‌ଜିଙ୍କୁ ଆର୍ଥିକ ସହାୟତା ପ୍ରଦାନ'

**ଭୁବନେଶ୍ୱର,୬।୧୨**

ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଚନ୍ଦ୍ରଶେଖରପୁର ସ୍ଥିତ ରେଳ ଅଡିଟୋରିୟମଠାରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଆଉଟ୍‌ରିଚ୍ ଶିବିରର ଆୟୋଜନ କରାଯାଇଥିଲା। ଉକ୍ତ ଶିବିରରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶାନ୍ତିଲାଲ ଜୈନ, ରାଜ୍ୟ ସରକାରଙ୍କ ଇନ୍‌ଷ୍ଟିଚ୍ୟୁଶନାଲ୍ ଫାଇନାନ୍ସ ବିଭାଗର ନିର୍ଦ୍ଦେଶକ ପ୍ରଜ୍ଞାସ୍ମିତା ସାହୁ ଓ ବ୍ୟାଙ୍କର କ୍ଷେତ୍ରୀୟ ମହାପ୍ରବନ୍ଧକ ମନୋଜ ଦାଶ, ମିଶନ ଶକ୍ତିର ଯୁଗ୍ମ ସଚିବ ବିନୋଦ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ଶିବିରମାନ ମଧ୍ୟ ଆୟୋଜନ କରାଯାଇଛି। ନିର୍ଦ୍ଦେଶକ ସାହୁ ତାଙ୍କ ବକ୍ତବ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ଗ୍ରାମାଞ୍ଚଳର ମେରୁଦଣ୍ଡ ବୋଲି ପ୍ରକାଶ କରିଥିଲେ। ଠିକ୍ ସମୟରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣପ୍ରଦାନ ମହିଳାମାନଙ୍କୁ ସଶକ୍ତୀକରଣ କରିବା ସହ ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ପ୍ରଦାନ କରିଥାଏ। ବ୍ୟାଙ୍କଗୁଡିକ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ସମୟୋପଯୋଗୀ ସହାୟତା ପ୍ରଦାନ କରିବା ପାଇଁ ସାହୁ ଆହ୍ୱାନ କରିଥିଲେ। ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଜୈନ ଇଣ୍ଡିଆନ ବ୍ୟାଙ୍କ ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ପ୍ରଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ପ୍ରକାଶ କରିଥିଲେ। ବ୍ୟାଙ୍କ ପକ୍ଷରୁ ଏସ୍‌ଏଚ୍‌ଜି ଶକ୍ତି ଅନ୍ତର୍ଗତ ଜଳ ଏବଂ ପରିମଳ ପାଇଁ ଏସ୍‌ଏଚ୍‌ଜି ନିର୍ମଳ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ଗୃହ ନିର୍ମାଣ ପାଇଁ ଏସ୍‌ଏଚ୍‌ଜି ହାଉସିଂ ଆଦି ବିଭିନ୍ନ ଯୋଜନାରେ ୧୦ଲକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ରାଶି ବିନା ସିକ୍ୟୁରିଟିରେ ଉପଲବ୍ଧ ହୋଇପାରିବ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟର ୨୯୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୨୬ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି। ସେହିପରି ବ୍ୟାଙ୍କର କ୍ଷେତ୍ରୀୟ ମହାପ୍ରବନ୍ଧକ ମନୋଜ ଦାସ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆର୍ଥିକ ସେବାକୁ ହିତାଧିକାରୀମାନେ ଠିକ୍ ବ୍ୟବହାର କରି ଲାଭବାନ୍ ହେବା ପାଇଁ ଆହ୍ୱାନ କରିଥିଲେ। ଋଣଗ୍ରହୀତାମାନେ ସଠିକ୍ ସମୟରେ ଋଣ ପରିଶୋଧ କରି ସେମାନଙ୍କର କ୍ରେଡିଟ୍ ସ୍କୋରରେ ଉନ୍ନତି ଆଣିବାସହ ସୁଧ ରିହାତି ପାଇବା ଉପରେ ଦାସ ଗୁରୁତ୍ୱାରୋପ କରିଥିଲେ।

## 'ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମର ପାରଦର୍ଶିତାକୁ ସ୍ୱୀକୃତି'

**ଭୁବନେଶ୍ୱର,୬।୧୨**

### କେୟାର ଭୁବନେଶ୍ୱରକୁ ୨ଟି ଜାତୀୟସ୍ତରର ସମ୍ମାନ




ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ କେୟାର ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ଭୁବନେଶ୍ୱରକୁ ନିକଟରେ ଆଉ ୨ଟି ଜାତୀୟସ୍ତରର ସମ୍ମାନ ଓ ସଫଳତା ମିଳିଛି। ଏପରିକି ଦୀର୍ଘଦିନ ଧରି ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେଇ ଆସୁଛି। ସେହିଭଳି ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ କେୟାର ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲକୁ ଇକୋନୋମିକ୍ ଟାଇମ୍ସ ପକ୍ଷରୁ 'ଇକୋନୋମିକ୍ ଟାଇମ୍ସ ଆୱାର୍ଡ-୨୦୨୨' ଏବଂ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ପକ୍ଷରୁ 'ହେଲ୍‌ଥ କେୟାର ଏକ୍ସିଲେନ୍ସ ଆୱାର୍ଡ-୨୦୨୨' ଭଳି ଜାତୀୟ ସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତମାନର ସେବା ଯୋଗାଉଥିବା ବିଭିନ୍ନ ହସ୍ପିଟାଲକୁ ଉକ୍ତ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା, ଯେଉଁଠାରେ କେୟାର ହସ୍ପିଟାଲ ଭୁବନେଶ୍ୱରକୁ ପୂର୍ବଭାରତର ଶ୍ରେଷ୍ଠ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ଭାବେ ସମ୍ମାନିତ କରାଯାଇଛି।

ଏ ସମ୍ପର୍କରେ କେୟାର ହସ୍ପିଟାଲ ଭୁବନେଶ୍ୱରର ଏଚ୍‌ସିଓଓ କିଶଲେୟ ଆନନ୍ଦ କହିଛନ୍ତି, ଏହି ସଫଳତାର ଶ୍ରେୟ ରୋଗୀ ସେବା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁଥିବା ଆମର ସମସ୍ତ ଡାକ୍ତର, ନର୍ସ ଓ କର୍ମଚାରୀଙ୍କୁ ଯାଉଛି। ଏପରିକି ଆମର ପାରଦର୍ଶିତାକୁ ସ୍ୱୀକାର କରିଥିବାରୁ ଇକୋନୋମିକ୍ ଟାଇମ୍ସ ଓ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସକୁ ଆମେ ଧନ୍ୟବାଦ ଜଣାଉଛି। ସେହିଭଳି କେୟାର ହସ୍ପିଟାଲର ଏଭିପି ଡା. ଲୋକନାଥ ଦାଶ କହିଛନ୍ତି, କେୟାର ହସ୍ପିଟାଲ ସବୁବେଳେ ରୋଗୀ ସେବାକୁ ପ୍ରାଥମିକତା ଦେଇଥାଏ। ଫଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହସ୍ପିଟାଲକୁ ୨ଟି ସମ୍ମାନ ନିଶ୍ଚିତ ଭାବେ ଆମକୁ ଆହୁରି ଭଲ କାମ କରିବା ପାଇଁ ପ୍ରେରଣା ଦେବ ବୋଲି ସେ ମତପ୍ରକାଶ କରିଛନ୍ତି।

## କୋଇଲା ଉତ୍ପାଦନରେ ୧୧.୬୬% ବୃଦ୍ଧି

**ନୂଆଦିଲ୍ଲୀ, ୬।୧୨:** ଚଳିତ ବର୍ଷ ନଭେମ୍ବରରେ କୋଇଲା ଉତ୍ପାଦନ ୧୧.୬୬% ଅଭିବୃଦ୍ଧି ହୋଇ ୭୫.୮୭ ମିଲିୟନ ଟନ୍‌ରେ ପହଞ୍ଚିଛି ବୋଲି କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏପରିକି ୨୦୨୧ରେ ୬୭.୯୪ ମିଲିୟନ୍ ଟନ୍ ଆଦାୟ ହୋଇଥିବା ବେଳେ ଚଳିତ ବର୍ଷ ନଭେମ୍ବରରେ ତାହା ୧୧.୬୬% ବୃଦ୍ଧି ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ କୋଇଲା ଉତ୍ପାଦନ କରୁଥିବା ୩୭ଟି ଖଣି ମଧ୍ୟରୁ ୨୪ଟି ଖଣି ୧୦୦%ରୁ ଅଧିକ କୋଇଲା ଉତ୍ପାଦନ କରୁଥିବା ବେଳେ ସେହିପରି ୫ଟି ଖଣିରେ ୮୦ରୁ ୧୦୦ % ଖଣି କୋଇଲା ଉତ୍ପାଦନ କରୁଥିବା ସୂଚନା କୋଲ୍ ଇଣ୍ଡିଆ ପକ୍ଷରୁ ଦିଆଯାଇଛି। ତେବେ ପୂର୍ବବର୍ଷ କୋଇଲା ଉତ୍ପାଦନରେ ୬୦.୨୦ ମିଲିୟନ୍ ଟନ୍ ତୁଳନାରେ ଚଳିତ ନଭେମ୍ବରରେ ପାୱାର ୟୁଟିଲିଟି ଡେସପ୍ୟାଚ୍‌ରେ ୩.୫୫% ଅଭିବୃଦ୍ଧି ହୋଇ ୬୨.୩୪ ମିଲିୟନ୍ ଟନ୍ କୋଇଲା ଉତ୍ପାଦନ ପହଞ୍ଚିଛି। ଏପରିକି ନଭେମ୍ବର ୨୦୨୧ ବର୍ଷ ତୁଳନାରେ କୋଇଲା ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନରେ ୧୬.୨୨% ଅଭିବୃଦ୍ଧି ହୋଇଛି ଏବଂ ସାମଗ୍ରିକ ବିଦ୍ୟୁତ୍ ଉତ୍ପାଦନରେ ୨୦୨୧ ନଭେମ୍ବରରେ କୋଇଲା ଉତ୍ପାଦିତ ଶକ୍ତି ତୁଳନାରେ ୧୪.୬୩% ଉତ୍ପାଦନ ଅଧିକ ହୋଇଛି।

# ପର୍ଯ୍ୟଟନ କ୍ଷେତ୍ରର ପାରଦର୍ଶିତା ପ୍ରଦର୍ଶିତ

**ଭୁବନେଶ୍ୱର,୬।୧୨**

### ଭୁବନେଶ୍ୱରରେ କେରଳ ଟୁରିଜମ୍‌ର ରୋଡ୍ ଶୋ ଏବଂ ବି୨ବି ଆଲୋଚନାଚକ୍ର



ପ୍ରେମଭାସ ଆର୍.ସି.

ଦେଶ ଓ ବିଦେଶରୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ନିମନ୍ତେ କେରଳ ଟୁରିଜମ୍ ପକ୍ଷରୁ ଶୀତଋତୁ ପାଇଁ ଏକାଧିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ହୋଟେଲରେ କେରଳ ଟୁରିଜମ୍ ପକ୍ଷରୁ ଏକ ରୋଡ୍ ଶୋ ଏବଂ ବି୨ବି ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା। ଏହି ଅବସରରେ କେରଳ ପର୍ଯ୍ୟଟନ ମନ୍ତ୍ରୀ ପିଏ ମହମ୍ମଦ ରିୟାସ୍ କହିଛନ୍ତି, ନିକଟରେ ଶେଷ ହୋଇଥିବା ପାର୍ବଣଋତୁ କେରଳ ଟୁରିଜମ୍ ପାଇଁ ସକାରାତ୍ମକ ପ୍ରଦର୍ଶନ ରହିଛି, କାରଣ ବହୁ ସଂଖ୍ୟକ ଘରୋଇ ପର୍ଯ୍ୟଟକ ସାଙ୍ଗକୁ ବିଦେଶୀ ପର୍ଯ୍ୟଟକ ମଧ୍ୟ କେରଳକୁ ଭ୍ରମଣ ପାଇଁ ଆସିଥିଲେ ଏବଂ ଏହା କୋଭିଡ୍ ପରବର୍ତ୍ତୀ ପର୍ଯ୍ୟାୟରେ ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ଆକର୍ଷଣ ମଧ୍ୟ କରିଛି। ଆମେ କେରଳରେ ଶୀତକାଳୀନ ଛୁଟି ସମୟକୁ ଏକ ବୃହତ୍ ଉପାୟରେ ପ୍ରୋତ୍ସାହିତ କରିବା ପାଇଁ ଅପେକ୍ଷା କରିଛୁ, ଯାହାକି ୨୦୨୨ରେ ଆବିଷ୍କାର କରିବା ପାଇଁ ଟାଇମ୍ ମାଗାଜିନ୍‌ର ବିଶ୍ୱର ୫୦ଟି ସବୁଠାରୁ ଅସାଧାରଣ ପର୍ଯ୍ୟଟନସ୍ଥଳୀ ତାଲିକାରେ ସାମିଲ ହୋଇଛି। ରାଜ୍ୟର ସ୍ୱତନ୍ତ୍ରତା ଏହାର ଏକାଧିକ ଅନୁଭୂତିଗୁଡିକରେ ଅନ୍ତର୍ନିହିତ ରହିଛି, ଯଥା ହାଉସ୍ ବୋଟ୍, କାରାଭାନ ରହଣି, ଜଙ୍ଗଲ୍ ଲଜ୍, ପ୍ଲାଣ୍ଟେଶନ ଭିଜିଟ୍, ହୋମ୍‌ଷ୍ଟେ, ଆୟୁର୍ବେଦ-ଆଧାରିତ ୱେଲନେସ୍ ସଲ୍ୟୁଶନ ଏବଂ ଆଡ୍‌ଭେଞ୍ଚର ଆକ୍ଟିଭିଟି ବ୍ୟତୀତ ବର୍ଦ୍ଧାନ୍ତ ପାହାଡ଼କୁ ଟ୍ରେକିଂ ସମେତ କଣ୍ଡିୱାଇଡ୍ ୱକ୍ ଇତ୍ୟାଦି। ସେହିପରି ନିକଟରେ ଶେଷ ହୋଇଥିବା ଚାମ୍ପିୟନ୍ସ ବୋଟ୍ ଲିଗ୍ (ସିବିଏଲ୍) ଦେଶବ୍ୟାପୀ ହଜାର ହଜାର ପର୍ଯ୍ୟଟକ, ଟ୍ରାଭେଲ ବ୍ଲଗର ଓ ଟ୍ରାଭେଲ ଫଟୋଗ୍ରାଫରଙ୍କୁ ଆକର୍ଷିତ କରିଥିଲା। ୨୦୨୨ ଡିସେମ୍ବରରୁ ୨୦୨୩ ଏପ୍ରିଲ ମଧ୍ୟରେ ଆୟୋଜିତ ହେବାକୁ ଥିବା କୋଚି-ମୁଜିରିସ୍ ବିଏନାଲେ (କେଏମ୍‌ବି) ମଧ୍ୟ ଉଭୟ ଭାରତ ଓ ବିଦେଶରୁ ବହୁସଂଖ୍ୟକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ବୋଲି ଆମର ବିଶ୍ୱାସ ରହିଛି।

ସେହିଭଳି ବିଭାଗୀୟ ମୁଖ୍ୟ ସଚିବ କେ.ଏସ୍. ଶ୍ରୀନିବାସ କହିଛନ୍ତି, ରାଜ୍ୟର ପର୍ଯ୍ୟଟନ ଓ ଆତିଥ୍ୟ ଶିଳ୍ପ ମହାମାରୀ ପରବର୍ତ୍ତୀ ଦୃଢ଼ତାକୁ ଫେରିପାଇଛି। ବିଶେଷ କରି ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷର ସେପ୍ଟେମ୍ବର ଶେଷ ସୁଦ୍ଧା ଘରୋଇ ପର୍ଯ୍ୟଟକଙ୍କ ଆଗମନରେ ୧୯୬% ବୃଦ୍ଧି ରେକର୍ଡ କରିଛି। ଚଳିତ ବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ମୋଟ ୧,୩୩,୮୦,୦୦୦ ଘରୋଇ ପର୍ଯ୍ୟଟକଙ୍କ ଆଗମନକୁ ରେକର୍ଡ କରିଛି, ଯାହା ପ୍ରି-କୋଭିଡ୍ ୨୦୧୯ର ସମାନ ଅବଧି ତୁଳନାରେ ୧.୪୯% ବୃଦ୍ଧି ପଞ୍ଜୀକରଣ କରିଛି। ରାଜ୍ୟର ଗେମ୍-ଚେଞ୍ଜିଂ କାରାଭାନ୍ ଟୁରିଜମ୍ ଅଭିଯାନ 'କେରାଭାନ୍ କେରଳ' ସମ୍ପର୍କରେ ମଧ୍ୟ ଶ୍ରୀନିବାସ ବିସ୍ତୃତ ମତ ଉପସ୍ଥାପନ କରିଛନ୍ତି।

ସେହିପରି କେରଳ ପର୍ଯ୍ୟଟନ ନିର୍ଦ୍ଦେଶକ ପି. ବି. ନୁହ୍ କହିଛନ୍ତି, ଆମେ ପର୍ଯ୍ୟଟକଙ୍କ ସାମଗ୍ରିକ ଅନୁଭୂତିକୁ ଉନ୍ନତ କରିବା ପାଇଁ ନୂଆ ପ୍ରକଳ୍ପଗୁଡିକ ସମେତ ବେଳାଭୂମି, ହିଲ୍ ଷ୍ଟେଶନ, ହାଉସ୍‌ବୋଟ୍ ଓ ବ୍ୟାକ୍ ୱାଟର ସେଗ୍‌ମେଣ୍ଟକୁ ପ୍ରଦର୍ଶିତ କରିବା ଲାଗି ଏକ ବିସ୍ତୃତ ଯୋଜନା ମଧ୍ୟ ପ୍ରସ୍ତୁତ କରିଛୁ। ଏପରିକି ଘରୋଇ ପର୍ଯ୍ୟଟକଙ୍କ ଆଗମନରେ ନିରନ୍ତର ବୃଦ୍ଧି 'କାରାଭାନ କେରଳା' ଭଳି ଆମର ନୂତନ ଉତ୍ପାଦଗୁଡ଼ିକର ପ୍ରଦର୍ଶନ ଦ୍ୱାରା ସମ୍ଭବ ହୋଇପାରିଛି।

ଅପରପକ୍ଷରେ ଉଭୟ କେରଳ ଓ ଓଡ଼ିଶାର ପର୍ଯ୍ୟଟନଭିତ୍ତିକ ସଂସ୍ଥାଙ୍କ ଏକ ବି୨ବି ବୈଠକର ମଧ୍ୟ ଆୟୋଜନ କରାଯାଇଥିଲା। ଉକ୍ତ ବୈଠକରେ ଉଭୟ ରାଜ୍ୟର ପର୍ଯ୍ୟଟକ ଓ ପର୍ଯ୍ୟଟନର ବିକାଶ, ଭ୍ରମଣ ସେବା ଓ ସୁବିଧା ସାଙ୍ଗକୁ ବ୍ୟବସାୟ ବୃଦ୍ଧି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉକ୍ତ ବି୨ବି ବୈଠକରେ ଓଡ଼ିଶାରୁ ୫୦ରୁ ଅଧିକ ପର୍ଯ୍ୟଟନଭିତ୍ତିକ ସଂସ୍ଥା ଯୋଗ ଦେଇଥିଲେ।

## ଇଭିରେ ଆସିବ ବିପ୍ଳବ

**ନୂଆଦିଲ୍ଲୀ,୬।୧୨:** ଦେଶରେ ଇଲେକ୍ଟ୍ରିକ୍ ଯାନ (ଇଭି) ର ଯେଉଁ ବିପ୍ଳବ ଆରମ୍ଭ ହୋଇଛି ତା'ର ପ୍ରକୃତ ଲାଭ ୨୦୩୦ସୁଦ୍ଧା ମିଳିବ। ଏକ ସର୍ଭେ ରିପୋର୍ଟରେ ଏହା କୁହାଯାଇଛି। ଏଥିରେ ଭାଗ ନେଇଥିବା ୬୬% ଲୋକ କହିଛନ୍ତି ଯେ ୨୦୩୦ସୁଦ୍ଧା ପେଟ୍ରୋଲ୍ ଓ ଡିଜେଲ୍ କାର୍ ତୁଳନାରେ ଇଭି ବିକ୍ରି ଅଧିକ ରହିବ। ବାସ୍ତବ ଲାଭ ହାସଲ କରିବା ଲାଗି ୫୭% ଲୋକ ଇଭି କିଣିବାକୁ ଚାହୁଁଥିବା ବେଳେ ପରିବେଶ ପାଇଁ ଭଲ ହୋଇଥିବାରୁ ୫୬% ଲୋକ ଇଭି କିଣିବାକୁ ଚାହୁଁଥିବା କହିଛନ୍ତି। ୬୦% ଲୋକ କହିଛନ୍ତି ଭାରତରେ ଇଭି ପାଇଁ ଏବେ ଉପଯୁକ୍ତ ଭିତ୍ତିଭୂମି ବ୍ୟବସ୍ଥା ହୋଇନାହିଁ। ୮୯% ଲୋକ କହିଛନ୍ତି ୨୦୩୦ସୁଦ୍ଧା ଭିତ୍ତିଭୂମି ପ୍ରସ୍ତୁତ ହୋଇଯିବ। ଇଭି ପ୍ରତି ଆଗ୍ରହ ବଢ଼ିବା ପଛର କାରଣ ସମ୍ପର୍କରେ ୬୨%ଲୋକ ତେଲ ଦର ବୃଦ୍ଧି ବୋଲି କହିଥିବା ବେଳେ ୫୭% ଲୋକ ନୂଆ ପ୍ରଯୁକ୍ତିକୁ ବ୍ୟବହାର କରିବା ପାଇଁ ଆଗ୍ରହ ବୋଲି କହିଛନ୍ତି। ପେଟ୍ରୋଲ୍ ଓ ଡିଜେଲ୍ କାର୍ ତୁଳନାରେ ପରିଚାଳନା ଖର୍ଚ୍ଚ କମ୍ ରହୁଥିବା ୫୧% ଲୋକ ଇଭି କିଣିବାକୁ ଚାହୁଁଛନ୍ତି୍ ୬୬% ଲୋକ ଭାବୁଛନ୍ତି ବ୍ୟାଟେରିର ଜୀବନ୨-୫ ବର୍ଷ ମଧ୍ୟରେ ରହିବ।

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNABEDA
E-mail:serwsbd2003@yahoo.com
No.O-1381: e-Procurement Notice for bridge works
1. Name of the Work: Construction of bridges as per Annexure (2 Nos)
2. Class of Contractor: "A" & Special Class of (Odisha PWD) or relevant class of other licensing authority.
3. Estimated Cost: Varies from Rs.395.04 lakhs to Rs.790.61 Lakhs (Approximately)
4. Details projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-34/2022-23 | 09.12.2022 at 11.00 A.M. | 29.12.2022 upto 5.30 PM | 28.12.2022 upto 2.00 PM | 30.12.2022 at 11.00 AM | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.
OIPR-25182/11/0042/2223 Sd./- Chief Construction Engineer, Rural Works Circle, Sunabeda

OFFICE OF THE
COLLECTOR & DISTRICT MAGISTRATE, KHORDHA
(SOCIAL SECURITY SECTION)
Notice No. 6373/Dated. 02.12.2022
**Notice**
No. gg-22:- Applications are invited in prescribed format from intending and eligible NGOs to run a 30 bedded Drug De-addiction Centre and Physiotherapy Unit at Integrated Infrastructure Complex, Khudupur, Jatni under Khordha district. The last date for receipt of application is 15.12.2022 by 5.00 P.M. The details of the applications along with Guideline for setting up of 30 Bedded Drug De-addiction Centre and Physiotherapy Unit may be downloaded from the website **www.khordha.nic.in**
By Order of Collector,
Sd./- Collector & District Magistrate, Khordha
OIPR-46001/11/0030/2223

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018 Ph:06769-270771
No.A-819: Email ID - eerlbcdivision@gmail.com
e-PROCUREMENT NOTICE No. RLBCD-P$_1$-03/2022-23

| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | 05 (Five) Nos. |
| 3 | Estimated Cost | Varies from Rs.13.40 Lakhs to Rs.5.73 Lakhs |
| 4 | Period of Completion | 30 Days to 45 Days |
| 5 | Class of Contractor | "D" & "C" or equivalent grade/class |
| 6 | Cost of Bid Document / Mode of Payment | Varies Rs. 6.000/- to Rs.4,000/- (Non-Refundable) / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | No Bid Security/ Earnest Money Deposit (EMD) has to be deposited and all participating bidder shall submit "Bid Security Declaration". |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents Online Bidding. | **07.12.2022 from 10.00 Hours to 19.12.2022 upto 17.00 Hours.** |
| | (iii).Date, time & venue of Bid Opening (Online) | **On 21.12.2022 at 11.00 Hours** in the O/o the Superintending Engineer, Rengali Left Bank Canal Division, Kamakhyanagar(through online). |
| | (iv) Date, time & venue of transparent lottery for finalization of bids, if required | On 27.12.2022 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar. |

"Further details can be seen from the Government of Odisha website https://tendersodisha.gov.in.
Sd./- Superintending Engineer
R.L.B. Canal Division
Kamakhyanagar
OIPR-32298/11/0003/2223

File No.ZP-28011/3/2022-ORMAS SEC-ZP-ZILLA PARISHAD
ORMAS
(Odisha Rural Development and Marketing Society)
Panchayati Raj and Drinking Water Department
Tel:06724-231752, Fax:06724-231752 (URL:www.ormas.org),
E-mail:dsmsjagatsinghpur@gmail.com
ORMAS, JAGATSINGHPUR
A District unit of ORMAS
Office of the Zilla Parishad,
Jagatsinghpur,Sanra, Nalibar-754104
Order No.282/ Date:03.12.2022
TENDER CALL NOTICE
**No.CAD-4015:** Sealed tenders are inviting from reputed Firms/ Agency/ Organisation for procurement of different works like Tantage and Allied works, Still Photography & Videography and Printing works towards organisation of Zilla Mahotsav "Kallola-2023 & Pallishree Mela to be held on 15th to 21st Jan, 2023 at Nabakrushna Choudhury Stadium, Jagatsinghpur.
The tender paper alongwith the details specification and eligibility criteria of the above works will be available in the office of ORMAS, Jagatsinghpur, C/o- ZP, Jagatsinghpur from 3rd to 13th Dec, 2022 by 12.30 PM or tender paper can be downloaded from www.ormas.org. The sealed tenders will be opened in the Office Chamber of CDO-cum-EO, ZP, Jagatsinghpur on the same date (Date:13.12.22) at 5.00 PM in the presence of the Bidders or their authorised representative.
The undersigned reserves the right to accept or reject any or all the tenders without assigning any reason thereof.
Sd./- Collector & DM
Jagatsinghpur
OIPR-19004/11/0008/2223

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ବବୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଶ୍ୱ ଚାମ୍ପିୟନଙ୍କୁ ହରାଇଲେ ମନ୍‌ଦୀପ

**ନୂଆଦିଲ୍ଲୀ, ୬।୧୨ (ପି.ଟି.):** ଲିମାଠାରେ ଚାଲିଥିବା ପେରୁ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲର ଫାଇନାଲରେ ମନ୍‌ଦୀପ କୌର ବିଶ୍ୱ ଚାମ୍ପିୟନ ଓକ୍‌ସାନା କୋଜିନାଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଥିବା ବେଳେ ନେହାଲ ଗୁପ୍ତା ଦୁଇ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଫଳରେ ଭାରତର ମୋଟ ପଦକ ସଂଖ୍ୟା ୧୪ ହୋଇଛି। ଓଭରଅଲ୍ ଭାରତ ୬ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୭ ବ୍ରୋଞ୍ଜ ପଦକ ଲାଭ କରିଛି। ସନ୍ତୋଷଜନକ ଫଳାଫଳ ସହ ଚଳିତ ବର୍ଷ ଶେଷ ହୋଇଛି। ଗତ ମାସରେ ଟୋକିଓରେ ଅନୁଷ୍ଠିତ ପାରା ବିଶ୍ୱ ଚାମ୍ପିୟନଶିପ୍ ସେମିଫାଇନାଲରେ କୌରଙ୍କୁ କୋଜିନା ହରାଇ ଦେଇଥିଲେ। ଏଠାରେ କିନ୍ତୁ ୟୁକ୍ରେନ୍ ଖେଳାଳିଙ୍କୁ ୨୧-୧୧, ୨୧-୧୧ରେ ପରାସ୍ତ କରି କୋଜିନା ଏସ୍‌ଏଲ-୩ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଏଥିସହିତ ସେ ପୂର୍ବ ପରାଜୟର ପ୍ରତିଶୋଧ ନେଇଛନ୍ତି। ଅନ୍ୟପକ୍ଷରେ ୧୭ବର୍ଷୀୟ ଗୁପ୍ତା ପ୍ରଭାବୀ ପ୍ରଦର୍ଶନ ସହ ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ-୩ ଓ ଏସ୍‌ଏଲ ୩-ଏସଏଲ ୪ପୁରୁଷ ଡବଲ୍ସରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

# ଅଡୁଆରେ ଇଟୋ

**ଦୋହା, ୬।୧୨(ଏପି):** କାମେରୁନ୍ ଫୁଟ୍‌ବଲ ମହାସଂଘ ସଭାପତି ତଥା ପୂର୍ବତନ ଷ୍ଟାର ଖେଳାଳି ସାମୁଏଲ ଇଟୋ ଅଡୁଆରେ ପଡ଼ିଯାଇଛନ୍ତି। ସୋମବାର ରାତିରେ ଦକ୍ଷିଣ କୋରିଆ ବିପକ୍ଷରେ ବ୍ରାଜିଲର ୪-୧ ଗୋଲ ବିଜୟ ମ୍ୟାଚ ପରେ ଷ୍ଟାଡିୟମ ୯୭୪ ବାହାରେ ପ୍ରଶଂସକଙ୍କ ସହ ଫଟୋ ପାଇଁ ପୋଜ୍ ଦେଉଥିବା ବେଳେ କ୍ୟାମେରା ଧରିଥିବା ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ସେ ଉତ୍ତ୍ୟକ୍ତ ହୋଇ ଏହି ବ୍ୟକ୍ତିଙ୍କୁ ଲାତ ମାରି ତଳେ ପକାଇ ଦେଇଥିଲେ। ଏହାର ଦୃଶ୍ୟ ସୋସିଆଲ ମିଡିଆରେ ପ୍ରସାରିତ ହେବାରେ ଲାଗିଛି। କାମେରୁନ୍ ଫୁଟ୍‌ବଲ ମହାସଂଘର ସଭାପତି ଭାବେ ଇଟୋ କାତାର ଆସିଛନ୍ତି। ତାଙ୍କ ଦଳ ଗତ ସପ୍ତାହରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଛି। ଫିଫା ଲିଜେଣ୍ଡ ପ୍ରୋଗ୍ରାମର ଅଂଶ ବିଶେଷ ସ୍ୱରୂପ ସେ ୨୦୧୯ରୁ କାତାର ବିଶ୍ୱକପ୍ ଆୟୋଜକ କମିଟିରେ ଜଣେ ଗ୍ଲୋବାଲ ଲିଗାସି ଆମ୍ବାସାଡର ଭାବେ ପ୍ରତିନିଧିତ୍ୱ କରୁଛନ୍ତି। ସୋମବାର ରାତିରେ କେଉଁ କାରଣରୁ ଇଟୋ ଗେମ୍‌ରେ ଉପସ୍ଥିତ ଥିଲେ ତାହା ଅସ୍ପଷ୍ଟ। କାତାରୀ ଆୟୋଜକ କହିଛନ୍ତି ଗେମ୍ ପାଇଁ ତାଙ୍କୁ ଅତିଥି କରାଯାଇ ନ ଥିଲା। ଫିଫା ପକ୍ଷରୁ ଏନେଇ ତୁରନ୍ତ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ।


କାତାରରେ ଚାଲିଥିବା ଫିଫା ବିଶ୍ୱକପରେ ମଙ୍ଗଳବାର ମରକ୍କୋ ଓ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।


## CLASSIFIED DISPLAY

ALL EDITION - B/W (Everyday)

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

## LOAN

ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

## ଶ୍ରୀ କୃଷ୍ଣ ଫାଇନାନ୍ସ

ସବୁ ବ୍ୟାଙ୍କ ଦ୍ୱାରା ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଆଧାର କାର୍ଡ, ଗୃହ ଋଣ, ଇଟା ଭାଟି ଋଣ 36 ଘଣ୍ଟାରେ
2% ସୁଧ, 50% ଛାଡ଼
ସିବିଲ ଖରାପ ଥିଲେ ମଧ୍ୟ ଋଣ ପାଆନ୍ତୁ
7625883378

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ରଣଜୀ ଟ୍ରଫିରେ ପ୍ରଥମ ଥର ମହିଳା ଅମ୍ପାୟର

**ନୂଆଦିଲ୍ଲୀ, ୬।୧୨ (ପି.ଟି.)**

ରଣଜୀ ଟ୍ରଫିରେ ମହିଳା ଅମ୍ପାୟରଙ୍କୁ ମ୍ୟାଚ ପରିଚାଳନା ଲାଗି ସୁଯୋଗ ଦିଆଯିବ। ସେମାନେ ହେଲେ ବ୍ରିନ୍ଦା ରାଠି, ଜନନୀ ନାରାୟଣ ଓ ଗାୟତ୍ରୀ ଭେନୁଗୋପାଳ। ତେବେ ଖେଳାଳିମାନଙ୍କ ଆକ୍ରମଣାତ୍ମକ ଅପିଲକୁ ହାତେଇବା ସେମାନଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଫିସିଆଲ ମଙ୍ଗଳବାର ଏହା ପ୍ରକାଶ କରିଛନ୍ତି। ଯେତେବେଳେ ପୁରୁଷ କ୍ରିକେଟ ମ୍ୟାଚଗୁଡ଼ିକ ପରିଚାଳନା ପାଇଁ ମହିଳା ଅମ୍ପାୟରମାନଙ୍କୁ ଦିଆଯିବ, ଭାରତୀୟ କ୍ରିକେଟ ପାଇଁ ଏହା ପ୍ରଥମ ହେବ। ଅତୀତରେ ଗାୟତ୍ରୀ ଅବଶ୍ୟ ରଣଜୀ ଟ୍ରଫିରେ ରିଜର୍ଭ ଅମ୍ପାୟର (ଚତୁର୍ଥ) ଭାବେ କାର୍ଯ୍ୟ କରିଛନ୍ତି। ରଣଜୀ ଟ୍ରଫି ଡିସେମ୍ବର ୧୩ରୁ ଆରମ୍ଭ ହେବ। ସେତେବେଳେ ଭାରତୀୟ ମହିଳା କ୍ରିକେଟ ଦଳ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ସିରିଜ ଖେଳାଯିବାକୁ ଥିବାରୁ ଏହି ୩ ମହିଳା ଅଫିସିଆଲଙ୍କୁ ପୁରୁଷ ପ୍ରଥମଶ୍ରେଣୀ ପ୍ରତିଯୋଗିତାର କେତୋଟି ବଛା ବଛା ମ୍ୟାଚର ପରିଚାଳନା ଦାୟିତ୍ୱ ଦିଆଯିବ। ଚେନ୍ନାଇର ନାରାୟଣନ ଏବଂ ମୁମ୍ବାଇର ରାଠି ହେଉଛନ୍ତି ପୁରୁଖା ମହିଳା ଅମ୍ପାୟର।

# ବୃହତ୍ ବିଜୟ ସହ କ୍ୱାର୍ଟରରେ ବ୍ରାଜିଲ

**ଦୋହା,୬।୧୨**

ଫିଫା ବିଶ୍ୱକପର ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ସୋମବାର ବୃହତ ବିଜୟ ହାସଲ କରିଛି ବ୍ରାଜିଲ। ଦଳ ୪-୧ରେ ଦକ୍ଷିଣ କୋରିଆକୁ ପରାସ୍ତ କରିବା ସହିତ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ବ୍ରାଜିଲ ପକ୍ଷରୁ ଭିନିସିଅସ୍ ଜୁନିୟର(୭), ନେମାର(୧୩), ରିଚାର୍ଲିସନ(୨୯) ଓ ଲୁକାସ୍ ପାକ୍ୱେଟା ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧରେ ୪ ଗୋଲ ସ୍କୋର କରି ବ୍ରାଜିଲ ବିଜୟର ଦୃଢ ଦାବିଦାରୀ ସ୍ଥାପନ କରିଥିଲା। ଅନ୍ୟ ପକ୍ଷରେ ଦକ୍ଷିଣ କୋରିଆ ପକ୍ଷରୁ ପେକ୍ ସେଉଙ୍ଗ ହୋ ୭୬ ତମ ମିନିଟରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ଗୋଇଠି ଆଘାତ କାରଣରୁ ଦୁଇଟି ମ୍ୟାଚ ଖେଳିନଥିବା ନେମାର ଏହି ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିବା ସହିତ ଗୋଲ ସ୍କୋର କରିଥିଲେ। ୧୩ ତମ ମିନିଟରେ ମିଳିଥିବା ପେନାଲ୍ଟିକୁ ସେ ଗୋଲରେ ପରିଣତ କରିଥିଲେ। ବିଶ୍ୱକପରେ ଏହା ତାଙ୍କର ସପ୍ତମ ଗୋଲ ଅଟେ। ଆସନ୍ତା ୯ ତାରିଖରେ କ୍ୱାର୍ଟର ମୁକାବିଲାରେ କ୍ରୋଏସିଆକୁ ଭେଟିବ ବ୍ରାଜିଲ। ଏହା ସହିତ ଚଳିତ ବିଶ୍ୱକପରୁ ଏସିଆନ ଚ୍ୟାଲେଞ୍ଜ ଶେଷ ହୋଇଛି। ଦୁଇ ଏସୀୟ ରାଷ୍ଟ୍ର ଜାପାନ ଓ ଦକ୍ଷିଣ କୋରିଆ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲେ ହେଁ ପରାଜୟ ସହିତ ବିଦାୟ ନେଇଛନ୍ତି।

## କ୍ୱାର୍ଟର ଫାଇନାଲରେ ବର୍ଷା ସମ୍ଭାବନା

**ଦୋହା, ୬।୧୨:** ଫିଫା ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲ ଅବସରରେ ଘଡ଼ଘଡ଼ି ସହ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି। କାତାର ପାଣିପାଗ ବିଭାଗ ପକ୍ଷରୁ କରାଯାଇଥିବା ପୂର୍ବାନୁମାନ ଅନୁସାରେ ବୁଧବାରଠାରୁ ଶନିବାର ପର୍ଯ୍ୟନ୍ତ ବର୍ଷା ଲାଗିରହିବା ସମ୍ଭାବନା ଅଛି। ଶୁକ୍ରବାର ପ୍ରଥମ ୨ଟି କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡକୁ ଆର୍ଜେଣ୍ଟିନା ଏବଂ କ୍ରୋଏସିଆକୁ ବ୍ରାଜିଲ ଭେଟିବାର ଅଛି। ଶନିବାର ଗତବର୍ଷର ଚାମ୍ପିୟନ ଫ୍ରାନ୍ସକୁ ଭେଟିବ ଇଂଲଣ୍ଡ। ଅନ୍ୟ ଏକ କ୍ୱାର୍ଟର ଫାଇନାଲ ମଧ୍ୟ ଏହି ଦିନ ଖେଳାଯିବ। ପାଣିପାଗ ବିଶେଷଜ୍ଞଙ୍କ ମତରେ ବିଭିନ୍ନ ସମୟରେ ବର୍ଷା ସହ ଘଡ଼ଘଡ଼ି ଓ ବିଜୁଳି ମାରିବ। ବିବିସି ପାଣିପାଗ ବିଭାଗ ପକ୍ଷରୁ ମଧ୍ୟ ଆଗାମୀ ଦିନରେ କାତାରରେ ୩୪ରୁ ୮୫ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରାଯାଇଛି।


# Classified Everyday
0674-2580101, 2549949




## GROOM WANTED

"Groom wanted for 1991 B.Com, CA final aspirant, Gopala girl 5'3" serving at Hyderabad. Preferably 5'8 to 6'2, qualified B.tech or Masters. Contact: 9438114600". D-2158

Hindu govt. Teacher (70000) Koderma, Jharkhand. age 27, 5ft5in.SC(any caste) hometown Balasore. 8210502880. D-2150

ବୟସ- 29, Govt. Job କରୁଥିବା Divorce ସୁନ୍ଦର ବଣିଆ ଝିଅଙ୍କୁ anycaste ବରପାତ୍ର ଆବଶ୍ୟକ। 7894489867. D-2186

Extremely beautiful Khandayat of girl 1997 5'5", B.Tech. (Computer) Servicing Bangalore. "SUNASANSAR". 9937512659, 8249969649. D-2177

ବୟସ-36, Govt. College Clerk ସୁନ୍ଦର Divorce ନିଃସନ୍ତାନ ଖଣ୍ଡାୟତ ଝିଅଙ୍କୁ anycaste ପୁଅ ଦରକାର। 8658267680. D-2178




## SALE

Immediate sale BMW X5-2014-15 limited edition, AUDI-A6-2012, AUDI-A4-2012, BMW-520D-2011 Volkswagan Passat-2012 for details contact: 9827516256. D-74161




## SALE

Commercial G+3 building, Lift Transformer attached, Lingipur, Bhubaneswar (Opposite Jagannath Petrol Pump). 9437178883, 9668327743. D-73730

ବରମୁଣ୍ଡାରୁ ୧୪କି.ମି. ଭିତରେ sqft.-130/-, 450/- 950/-, ପ୍ଲଟ୍ ଦିଆଯାଉଛି। 9938016295. D-74159

**NH side plot (gharabari, boundarywall). Nakhara to Niali road Cuttack. 8249851363.** D-74603

1500sqft. Plot sale at Tankapaniroad near Ravi talkies, Bhubaneswar. Contact: 9437932367. D-73361

ଭୁବନେଶ୍ୱରର ନଖରା, ପଟିଆ ଓ ହଂସପାଳରେ Simplex, Duplex, Flat ସୁଲଭ ମୂଲ୍ୟରେ ମିଳୁଛି। 9861560117, 7381230964. D-74155

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ **SC plot sqft.-2199/-ରେ ମିଳୁଛି। 9439832956, 9438056978.** D-74164

**ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799.** D-2132

Residential gharabari plot with boundary wall inside 7 Family Complex, Safty, Secured, Brahmin Culture Family Stayed, 6km. from Nakhara, Cuttack. 7809525452. D-74607

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପୁରୀ ଶ୍ରୀମନ୍ଦିର ପାଖ ଏବଂ ପୁରୀ ସହରର ପାଖାପାଖିକୁ ଲାଗି ଘରବାରି ଜାଗା ଏବଂ **readymade** ଘର ମିଳୁଅଛି। **7008067338, 9090746445.** D-74163

Luxurious 4BHK Duplex near Balianta Bazar. Land-1400 Construction-2200-79 Lakh. 9938219397, 9861022055. D-2169

Bhubaneswar-plot near AIIMS (Ranasinghpur Mouza) BDA Layout approved boundary wall, Bank Loan, electricity facilities, 1600sqft.- 2 Nos. No brokers please. 7978667518. D-71551

**DUPLEX SALE - Three Bedrooms/ Toilets, Two Drawing/ Dining/ Puja and Car Parking with 1500Sqft. Land SALE at Bankuala, Bhubaneswar. Cost - 79 Lakh, Handed over within one year. Only Genuine Buyer contact for details : 9438220432 / 8144658008.** D-2179

Duplex building, 300meters Puri Samantarapur main road, Laxminarayan Vihar, Indira Colony, Bhubaneswar. 9338054025, 9668327743. D-73731




One 3BHK with 3 attached Bathrooms in Saheednagar. Contact: 9937610444, 7735056700. D-2172




Newly open full body massage ladies and gents. 8327740003, 8093860513. D-74605

Newly open health benefits SPA special Offer @ 999/-, Nayapalli. 7846814019. D-73665

Home massage Service Back/ Joint pain massge male to male. Mobile: 8480464789. D-2176

Newly open Spa positively health benefit with expert. Contact: 7749976301. D-74501

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ଜନ୍ମଦିନ ଶୁଭେଚ୍ଛା


(ବବୁଲ୍)
**ଶୁଭମ୍ ସାହୁ**
ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା। ଭଗବାନ କରନ୍ତୁ ତୁମ ଚଲାପଥ କୁସୁମିତ ହେଉ।
**ଶୁଭେଚ୍ଛା ସହ:** ଅଜା, ଆଈ, ମାମୁ, ମାଇଁ, ବାବା, ମାମା, ସତ୍ୟମ୍, କୁନୁ, ପିଙ୍କୁନ୍, ଶୁଭ, ପିନୁ, ରୋଜାଲିନୀ, ରୂପାଲୀ, ସାଇ।
ଧ-୬୭୪୨୬

## LEGAL NOTICE

ସିଭିଲ ଜଜ୍ (ସିନିୟର ଡିଭିଜନ)ଙ୍କ ଅଦାଲତ ବୌଦ୍ଧ,
F.D.C.S. No.64/2000 (04/2017)
ନୀଳରତ୍ନ ପାତ୍ର .....ବାଦୀ
ବନାମ
ପ୍ରମିଳା ପାତ୍ର ଓ ଅନ୍ୟମାନେ ....ପ୍ରତିବାଦୀ
ପ୍ରାପ୍ତେଷୁ
କ୍ରମିକ ନଂ.-2 (g): ରଞ୍ଜିତା ପାତ୍ର, ବୟସ-୩୨ ବର୍ଷ, ପି.- ୰ ଚିତ୍ତରଞ୍ଜନ ପାତ୍ର, ସା- P.W.D. ଅଫିସ୍ ସମ୍ମୁଖ ବୌଦ୍ଧ, ପୋ/ଥାନା/ଜିଲ୍ଲା-ବୌଦ୍ଧ। ଏତଦ୍ୱାରା ଜଣାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଚାଲିଥିବା F.D.C.S. No.- 64/2000 (04/2017) ର ପକ୍ଷ ଅଟନ୍ତି। ଉପରୋକ୍ତ ଠିକଣାରେ ଅଦାଲତରୁ ନୋଟିସ୍ ପ୍ରେରଣ କରାଗଲେ ମଧ୍ୟ ତାହା ଗ୍ରହଣ କରୁନାହାନ୍ତି। ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା ୨୪।୧୨।୨୨ରିଖ ଦିନ ଘ୧୦.୩୦ମି. ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଉପସ୍ଥିତ ରହି ନିଜର ପକ୍ଷ ରଖିବେ, ନଚେତ୍ ଅଦାଲତ ଆପଣଙ୍କର ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଆରମ୍ଭ କରିବେ ଓ ପରେ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।
ସ୍ୱାକ୍ଷର./- ସିଭିଲ୍ ଜଜ୍ (ସିନିୟର ଡିଭିଜନ), ବୌଦ୍ଧ
ଧ-୨୧୮୦

## LOST

ମୁଁ ଅବନିନ୍ଦ୍ର ମହାନ୍ତି, ପିତା- ଜିତେନ୍ଦ୍ରନାଥ ମହାନ୍ତି ଗୋଟିଏ ଜମିକୁ ଇନ୍ଦ୍ରମଣି ମହାନ୍ତି ଓ ଓଗେରଙ୍କଠାରୁ କିଣିଥିଲି ଯାହାର ଦଲିଲ ନଂ.- 9193, dtd. 26.11.1990. ଏହି ଦଲିଲକୁ ମୁଁ କୌଣସି ଠାରେ ହଜାଇ ଦେଇଛି। ମୁଁ ଏହାକୁ କୌଣସି ବ୍ୟାଙ୍କରେ ବନ୍ଧକ ହିସାବରେ ଦେଇନାହିଁ। ଯଦି କେହି ବ୍ୟକ୍ତିଙ୍କୁ documentଟି ମିଳେ ଏହି ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଫୋ. ନଂ.- 9437020440. D-2187

B.Tech. Degree Certificate and Gradesheets lost. If found contact Gyanaprakash Panigrahi, registration No.1301202155. Mob: 9348547594. D-2175

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର **Screenshot**କୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ


୰ ପ୍ରଫେସର ସୁରେନ୍ଦ୍ର କୁମାର ରାୟ
ଓୟୁଏଟି, ଭେଟେରାନି କଲେଜ, ତଥା ପୂର୍ବତନ ଓଡ଼ିଶା, ଭେଟେରାନି ନିର୍ଦ୍ଦେଶକ
ରୁଚିକା ମାର୍କେଟ, ଭୁବନେଶ୍ୱର
ଆବିର୍ଭାବ : ୧୦.୦୧.୧୯୪୨ - ତିରୋଧାନ : ୧୮.୧୨.୨୦୨୧
ଚାହିଁ ଚାହିଁ ବର୍ଷଟିଏ ବିତିଗଲା। ଆପଣଙ୍କର ଅନୁପସ୍ଥିତି ପ୍ରତିଟି ମୂହୂର୍ତ୍ତରେ ଆମ୍ଭେମାନେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ କର୍ତ୍ତବ୍ୟ ପରାୟଣତା ଆମ୍ଭମାନଙ୍କର ଜୀବନରେ ମାର୍ଗଦର୍ଶକ ହେଉ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।
ଦିପ୍ତି(ଧର୍ମପତ୍ନୀ) ଟିକୁ, ଲିକୁ, ଚିକୁ(ପୁତ୍ର)
ଅନୁ (ନାତି), ମଇନା, ଲୁଲି (ପୁତ୍ରବଧୂ) ଓ ଶୋକସନ୍ତପ୍ତ ପରିବାରବର୍ଗ
ଧ-୨୧୭୪

### ପ୍ରଥମ ଶ୍ରାଦ୍ଧବାର୍ଷିକୀ


୰ ପ୍ରଫେସର ସୁରେନ୍ଦ୍ର କୁମାର ରାୟ
ଓୟୁଏଟି, ଭେଟେରାନି କଲେଜ, ତଥା ପୂର୍ବତନ ଓଡ଼ିଶା, ଭେଟେରାନି ନିର୍ଦ୍ଦେଶକ
ରୁଚିକା ମାର୍କେଟ, ଭୁବନେଶ୍ୱର
ଆବିର୍ଭାବ : ୧୦.୦୧.୧୯୪୨ - ତିରୋଧାନ : ୧୮.୧୨.୨୦୨୧
ଚାହିଁ ଚାହିଁ ବର୍ଷଟିଏ ବିତିଗଲା। ଆପଣଙ୍କର ଅନୁପସ୍ଥିତି ପ୍ରତିଟି ମୂହୂର୍ତ୍ତରେ ଆମ୍ଭେମାନେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ କର୍ତ୍ତବ୍ୟ ପରାୟଣତା ଆମ୍ଭମାନଙ୍କର ଜୀବନରେ ମାର୍ଗଦର୍ଶକ ହେଉ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।
ଦିପ୍ତି(ଧର୍ମପତ୍ନୀ) ଟିକୁ, ଲିକୁ, ଚିକୁ(ପୁତ୍ର)
ଅନୁ (ନାତି), ମଇନା, ଲୁଲି (ପୁତ୍ରବଧୂ) ଓ ଶୋକସନ୍ତପ୍ତ ପରିବାରବର୍ଗ
ଧ-୨୧୭୩

# ପାର୍ଲାମେଣ୍ଟର ଶୀତ ଅଧିବେଶନ: ବିଜେଡି ଆଭିମୁଖ୍ୟ ଉପରେ ନଜର

**ଭୁବନେଶ୍ୱର, ୬।୧୨ (ବ୍ୟୁରୋ)**

ପାର୍ଲାମେଣ୍ଟର ଶୀତ ଅଧିବେଶନ ବୁଧବାରଠାରୁ ଆରମ୍ଭ ହେବ। ଏହା ପୂର୍ବରୁ ଅର୍ଥାତ୍ ମଙ୍ଗଳବାର ଦିଲ୍ଲୀଠାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବିଜେଡି ମହିଳା ସଂରକ୍ଷଣ ବିଲ୍ ପାସ୍ କରାଇବାକୁ ଦାବି କରିଥିବା ଜଣାପଡ଼ିଛି। ତେବେ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ବିଜେଡିର ପାର୍ଲାମେଣ୍ଟ ଦଳ ବୈଠକ ହୋଇନାହିଁ। ନିକଟରେ ରାଜ୍ୟରେ ଅନୁଷ୍ଠିତ ହୋଇଥିବା ଦୁଇଟି ଉପନିର୍ବାଚନରେ ବିଜେଡି ଏବଂ ଭାଜପା ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଛି। ଏପରିକି ଧାମନଗର ଉପନିର୍ବାଚନରେ ବିଜେଡିକୁ ହରାଇ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୁରଜ ବିଜୟୀ ହୋଇଛନ୍ତି। ଅନ୍ୟପଟେ ସୋମବାର ଶେଷ ହୋଇଥିବା ପଦ୍ମପୁର ଉପନିର୍ବାଚନରେ ମଧ୍ୟ ବିଜେଡି ଓ ଭାଜପା ଭିତରେ କଡ଼ା ମୁକାବିଲା ହୋଇଛି। ରାଜ୍ୟ ରାଜନୀତିରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା ହେଉଥିବା ବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଦୋଷ ଲଦାଲଦି ରାଜନୀତି ଦେଖିବାକୁ ମିଳିଛି। ରାଜ୍ୟ ରାଜନୀତିରେ ଏଭଳି ସ୍ଥିତି ଦେଖିବାପରେ ପାର୍ଲାମେଣ୍ଟ ଅଧିବେଶନ ପୂର୍ବରୁ ବିଜେଡି ନିଜର ପାର୍ଲାମେଣ୍ଟ ଦଳ ବୈଠକ କରି ନିର୍ଦ୍ଦିଷ୍ଟ କେତେକ ରାଜ୍ୟ ସମ୍ବଳିତ ପ୍ରସଙ୍ଗ ଉପରେ ଆଲୋଚନାକରି କେନ୍ଦ୍ରକୁ ଟାର୍ଗେଟ କରିବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ରଖିଥିଲେ। ହେଲେ ଏଭଳି ନ ହୋଇ ବିଜେଡିର ଉଭୟ ରାଜ୍ୟ ସଭା ଏବଂ ଲୋକ ସଭା ସଦସ୍ୟମାନଙ୍କୁ ଚିଠି ଜରିଆରେ କେଉଁସବୁ ପ୍ରସଙ୍ଗ ଗୃହରେ ଉଠାଯିବ ସେନେଇ କୁହାଯାଇଥିବା ଜଣାପଡ଼ିଛି। ତେବେ ରାଜ୍ୟ ସଭା ସଦସ୍ୟା ସୁଲତା ଦେଓଙ୍କୁ ଏନେଇ ପଚାରିବାରୁ ସେ କହିଛନ୍ତି, ବୁଧବାର ପାର୍ଲାମେଣ୍ଟ ଅଧିବେଶନ

## ବସିଲାନି ସଂସଦୀୟ ଦଳ ବୈଠକ, ଆଜି ହୋଇପାରେ ଆଲୋଚନା

